

**ହ୍ୟାଟ୍ରିକ୍ ଲକ୍ଷ୍ୟରେ ଆଲକାରାଜ**

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-6 •BHUBANESWAR •MONDAY •30 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୬ •ଭୁବନେଶ୍ୱର •ସୋମବାର •୩୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



# VIKASH BARGARH
## Vikash Higher Educational Institutions
23 Glorious Years of Excellence in Education

AWARDED As the Best Higher Educational Institutions in Western Odisha by OTV.

## The University Toppers

GOLD MEDALIST

| Course | Name | Score | Rank |
|---|---|---|---|
| BBA (Hons.) | Barnali Nayak | 9.29 CGPA | 1 |
| ZOOLOGY (Hons.) | Arpita Choudhury | 9.71 CGPA | 1 |
| BOTANY (Hons.) | Itishree Mishra | 9.64 CGPA | 1 |
| PSYCHOLOGY (Hons.) | Sibraj Behera | 9.35 CGPA | 1 |
| B.A. LL.B (Hons.) | Abhipsa Priyadarsini | 72.52% | 1 |

## Top 10 Rankers of Sambalpur University (BA/B.Sc./B.Com.)

| Rank | Subject | CGPA | Name |
|---|---|---|---|
| 2nd Rank | Zoology Hons | 9.52 CGPA | BIPUL |
| 3rd Rank | Physics Hons | 9.35 CGPA | HITESH |
| 4th Rank | Botany Hons | 9.31 CGPA | RAHUL |
| 4th Rank | Psychology Hons | 8.95 CGPA | KIRAN |
| 4th Rank | Mathematics Hons | 8.90 CGPA | SONALI |
| 5th Rank | Physics Hons | 9.27 CGPA | RITESH |
| 5th Rank | English Hons | 8.11 CGPA | AMITARANI |
| 6th Rank | Commerce Hons | 8.86 CGPA | BODDU |
| 6th Rank | Economics Hons | 8.70 CGPA | JAGMOHAN |
| 7th Rank | Botany Hons | 9.17 CGPA | ANWESHA |
| 7th Rank | Mathematics Hons | 8.84 CGPA | HITESWARI |
| 8th Rank | Botany Hons | 9.16 CGPA | SUBHASHREE |
| 9th Rank | Botany Hons | 9.15 CGPA | SUPRITI |
| 9th Rank | Physics Hons | 9.07 CGPA | ANKITA |
| 9th Rank | Commerce Hons | 8.79 CGPA | |
| 9th Rank | English Hons | 7.97 CGPA | |
| 10th Rank | Commerce Hons | 8.75 CGPA | |

CGPA 9 & Above 14 | CGPA 8 & Above 67 | 172 First Class Hons Out of 192

## BBA 2022-25

| Rank | CGPA | Name |
|---|---|---|
| 3rd Rank | 8.67 | Jyoti Meher |
| 5th Rank | 8.46 | Ankita Dash |
| 6th Rank | 8.40 | Manisha Gupta |
| 7th Rank | 8.39 | Yash Goel |
| 8th Rank | 8.38 | Shivani Sharma |
| 9th Rank | 8.34 | Soumyashree Pattnayak |
| 10th Rank | 8.32 | Nayantika Nayak |

## BCA 2022-25

| Rank | CGPA | Name |
|---|---|---|
| 2nd Rank | 9.32 | Akanshya Giri |
| 2nd Rank | 9.32 | Swasti Dash |
| 3rd Rank | 8.96 | Bhupesh Panigrahi |
| 3rd Rank | 8.96 | Swagat Pradhan |
| 6th Rank | 8.86 | Mehek Agrawal |
| 9th Rank | 8.80 | Dev Prasanna Nayak |
| 10th Rank | 8.78 | Bikash Bohidar |

## B.A. LL.B. (H) Result 2020-25

| Rank | Name |
|---|---|
| 2nd Rank 71.93% | TANMAYA MAHAKUR |
| 3rd Rank | Pratyasa |
| 5th Rank | Liza |
| 6th Rank | Soumya |
| 7th Rank | Soumyashree |
| 8th Rank | Nabanita |
| 9th Rank | Devirani |

## ANM Final Year Result 2022-24

| Name | Mark | % |
|---|---|---|
| ALIMA MAJHI | 1148 | 82.00% |
| SUSHAMA JAL | 1119 | 79.93% |
| ANITA NAIK | 1117 | 79.79% |
| APARAJITA MALLIK | 1115 | 79.64% |
| KHUSHI PANDEY | 1114 | 79.57% |
| RAJI NAG | 1103 | 78.79% |
| SIMIRAN PRADHAN | 1102 | 78.71% |
| BANITA SINGH | 1102 | 78.71% |
| KABITA MAJHI | 1101 | 78.64% |
| LILIMA DEEP | 1096 | 78.29% |
| JUSPIN KULLU | 1096 | 78.29% |
| NAMITA KUSHAL | 1095 | 78.21% |
| MANINI SUNA | 1091 | 77.93% |
| KAMINI MEHER | 1085 | 77.50% |
| SUPRIMA KUJUR | 1081 | 77.21% |
| REKHA TANDI | 1074 | 76.71% |
| SUKANTI KUMBHAR | 1065 | 76.07% |
| SANARTI JOJO | 1065 | 76.07% |
| KUMUDINI KUMBHAR | 1058 | 75.57% |
| GIRINANDINI BHUE | 1056 | 75.43% |
| NEMANI TIDU | 1047 | 74.79% |
| NANDINI BHARASAGAR | 1014 | 72.43% |
| GEETANJALI SUNA | 989 | 70.64% |

## Vikash Nursing College, Bargarh

### Courses Offered:

- **ANM** (2 Years Course) — 40 Seats
- **GNM** (3 Years Course) — 40 Seats
- **B.Sc Nursing** (4 Years Course) — 60 Seats
- **P.B. B.Sc Nursing** (2 Years Course) — 40 Seats
- **SCHOLARSHIP** for SC/ST/OBC Students

**CONFIRMED JOB OFFER** After Completion.
With **PARENTAL HOSPITAL FACILITY**

## Vikash Pharmacy College, Bargarh | From 2025-26 Session

# B. PHARM | D. PHARM

Eligibility: +2 Science & OJEE Rank | Eligibility: +2 Science

# MBA

Affiliated to BPUT, Odisha & Approved by AICTE

## The Technocrats who made us proud: B.Tech 2021-25 Batch (BPUT, Odisha)

| CGPA | Name | Branch |
|---|---|---|
| 8.69 CGPA | BIPASA PRADHAN | CIVIL |
| 8.60 CGPA | RANI SWAIN | CSE |
| 8.48 CGPA | AMIT KU. AGRAWAL | CSE |
| 8.36 CGPA | RITIK BHOI | CSE |
| 8.34 CGPA | SOUMITRA AGRAWAL | CSE |
| 8.33 CGPA | BARSHA JENA | CSE |
| 8.31 CGPA | SANJANA BADHEI | CSE |
| 8.31 CGPA | ROSHAN KU. MAJHI | EEE |
| 8.30 CGPA | K. SHIVA KUMAR | CSE |
| 8.30 CGPA | PRABIN B. PANIGRAHI | CSE |
| 8.25 CGPA | SAPNARANI PATEL | CIVIL |
| 8.25 CGPA | RASHMI DHARAI | CSE |
| 8.24 CGPA | AISHWARYA NAYAK | CSE |
| 8.23 CGPA | KRISHNA PATEL | CSE |
| 8.22 CGPA | SUJAL DEBTA | CSE |
| 8.14 CGPA | HITESWARI PRADHAN | CSE |
| 8.14 CGPA | SUDIPTA PATEL | CSE |
| 8.14 CGPA | YASH KU. PANDA | EEE |
| 8.11 CGPA | PRITAM BAG | MECH. |
| 8.07 CGPA | MANISH KU. NAYAK | CSE |
| 8.03 CGPA | ABHIJIT PRADHAN | MECH. |
| 8.02 CGPA | ANKITA PRADHAN | CIVIL |

- Integrated Campus
- Experienced Faculty Team
- Excellent Academics
- Corporate Readiness Programmes
- Competitive Exams Prep.
- Separate Hostels for Boys & Girls Progressive Ambience

**Available Courses:**

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A.
BBA | BCA | B.A. LL.B | B.Sc. (N) | P.B. B.Sc. (N) | GNM | ANM | DMLT | DMRT

# ADMISSIONS OPEN 2025-26

94393 49333 / 82800 08111
70087 81518 / 94380 85817

Vikash Knowledge Hub, Barahaguda, Bargarh

Grooming Talent
**Vikash**
Higher Educational Institutions

Visit us @ www.odishavikash.com | Email: vheicampus@gmail.com

# ବିଇଡି ସିଟ୍ ଗୋଟାକୁ ୨ ଲକ୍ଷ!

ଭୁବନେଶ୍ୱର,୨୯ ।୬(ସମିସ): ବିଏଡ୍ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଜାଲିଆତି ପଦାକୁ ଆସିବା ପରେ ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ବିବାଦୀୟହୋଇପଡ଼ିଛି । ଦୀର୍ଘଦିନ ହେଲା ଏସ୍ଏସ୍ବିର ନିୟମିତ ବୋର୍ଡ ଗଠନ ହୋଇନାହିଁ। ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଦସ୍ୟ ସବୁ ଅସ୍ଥାୟୀ ଓ ଭାରପ୍ରାପ୍ତ। ଏପରିକି ବିଏଡ୍ ପରୀକ୍ଷା ପରିଚାଳନା ପୂର୍ବରୁ ମଧ୍ୟ ବୋର୍ଡ ବସି ନ ଥିବା ଜଣାପଡ଼ିଛି । ଫଳରେ ପରୀକ୍ଷା ପରିଚାଳନା ସମ୍ପର୍କିତ ନିଷ୍ପତ୍ତି କିଏ ନେଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରୋଭିଜିନାଲ୍ ଆନ୍ସାର୍ କି' ପ୍ରକାଶ ନ କରିବା, ଛାତ୍ରଛାତ୍ରୀଙ୍କ ଠାରୁ ଆପତ୍ତି ଆହ୍ୱାନ ନ କରିବା ନିଷ୍ପତ୍ତି କିଏ ନେଇଛି ବୋଲି ପ୍ରଶ୍ନ ଉଠିଛି। ଏହି ସମୟରେ ମେଧାବୀଙ୍କ ନମ୍ବର କମାଇ ଦେଇ ତାଙ୍କ ସ୍ଥାନରେ କିଛି ନିର୍ଦ୍ଦିଷ୍ଟ ପିଲାଙ୍କୁ ସିଟ୍ ଦେବାକୁ ଡିଲ୍ ହୋଇଥିବା ଓ ଗୋଟିଏ ସିଟ୍ ପାଇଁ ଦେଢ଼ରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ପରି ସାଂଘାତିକ ଅଭିଯୋଗ ଆସିଛି।

ଚଳିତ ବର୍ଷ ୨୭ଶହ ସିଟ୍ ପାଇଁ ୧ଲକ୍ଷ ୩୦ ହଜାର ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କ ଆଗ୍ରହକୁ ଦେଖି ସିଟ୍ ବିକ୍ରି ଯୋଜନା ସୁଚିନ୍ତିତ ଉପାୟରେ ପ୍ରସ୍ତୁତ କରାଯାଇଛି। ପାଖାପାଖି ୨୦୦ ସିଟ୍ ବିକ୍ରି କରାଯାଇଛି ଓ ପ୍ରତି ସିଟ୍ ପାଇଁ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି। ଅଗ୍ରୀମ ଆକାରରେ ୧ଲକ୍ଷ ଟଙ୍କା ନିଆଯାଇଛି, ନାମଲେଖା ପରେ ଅବଶିଷ୍ଟ ଟଙ୍କା ଦେବାକୁ କୁହାଯାଇଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ବରିଷ୍ଠ ଅଧିକାରୀଙ୍କ ଡ୍ରାଇଭର୍ ସମସ୍ତ ପ୍ରକାର ନେଣଦେଣ କାରବାର କରୁଛନ୍ତି। ଜାଲିଆତି କରି ଏହି ପିଲାଙ୍କୁ ବିଇଡ଼ି ସିଟ୍ ଦିଆଯିବାକୁ ବ୍ୟବସ୍ଥା କରାଯାଇଥିବାରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ମାର୍କ ସମ୍ପର୍କରେ ଯେପରି ଅବଗତ ହୋଇ ନ ପାରିବେ ସେଥିପାଇଁ ପ୍ରୋଭିଜିନାଲ୍ ଆନ୍ସାର କି' ପ୍ରକାଶ କରାଯାଇନାହିଁ। ସିଟ୍ ବିକ୍ରି କରିବାକୁ ଗଳାବାଟ ବାହାର କରାଯାଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି।

**■ ୨୦୦ ସିଟ୍ ବିକ୍ରି ହୋଇଥିବା ଅଭିଯୋଗ**
**■ ସନ୍ଦେହ ବଢ଼ାଇଲା ସଚିବଙ୍କ ମାର୍ଗଦର୍ଶିକା**

ଏସ୍ଏସ୍ବିର ୩ଜଣିଆ ବୋର୍ଡରେ ଆଇଏଏସ୍ ଅଧିକାରୀ କାଳିପ୍ରସନ୍ନ ମହାପାତ୍ର ଅଧ୍ୟକ୍ଷ ଥିବାବେଳେ ଦୁଇଜଣ ଓଏଏସ୍ ଅଧିକାରୀ ଉପାଧ୍ୟକ୍ଷ ଓ ସଦସ୍ୟ ରହିଛନ୍ତି। ଏହି ସମସ୍ତ ପ୍ରଶାସନିକ ଅଧିକାରୀ ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି। ପରୀକ୍ଷା ପରିଚାଳନାରେ ସମ୍ପର୍କରେ ଏମାନଙ୍କ କୌଣସି ଅଭିଜ୍ଞତା ମଧ୍ୟ ନାହିଁ। ସମ୍ପ୍ରତି ସଚିବ ଥିବା ଡ. ରାଜେଶ କୁମାର ସାହୁଙ୍କ ମଧ୍ୟ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ପରୀକ୍ଷା ପରିଚାଳନା ଅଭିଜ୍ଞତା ନାହିଁ। ଅନଭିଜ୍ଞ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇଥିବାରୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଉଥିବା ଶିକ୍ଷାବିତ୍ମାନେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ସରକାରଙ୍କ ଗାଇଡ୍ଲାଇନ୍ ଅନୁଯାୟୀ ପରୀକ୍ଷା ପରିଚାଳନା କରାଯାଉଥିବା ଏସ୍ଏସ୍ବି ସଚିବ ଡ. ସାହୁ କହିବା ପରେ ସନ୍ଦେହ ବଢ଼ିଛି। ଏସ୍ଏସ୍ବି ଏକ ସ୍ୱାଧୀନ ସଂସ୍ଥା ହୋଇଥିବାବେଳେ ପରୀକ୍ଷା ପରିଚାଳନା ସମ୍ପର୍କିତ ନିଷ୍ପତ୍ତି ବୋର୍ଡ ନେଇଥାଏ। ତାହାକୁ ସଚିବ କାର୍ଯ୍ୟକାରୀ କରିଥାନ୍ତି। ସରକାର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରି ନଥାନ୍ତି। ସରକାରୀ ମାର୍ଗଦର୍ଶିକା ଆଳରେ ଜାଲିଆତି ଚାପିବାକୁ ସଚିବ ଉଦ୍ୟମ କରୁଥିବା ଅଭିଯୋଗ ହେବା ସହ ସରକାର କେଉଁ ମାର୍ଗଦର୍ଶିକା ଜାରି କରିଛନ୍ତି ତାହାକୁ ସଚିବ ସାର୍ବଜନୀନ କରନ୍ତୁ ବୋଲି ଦାବି ହୋଇଛି ।

**ସରକାରଙ୍କ ଉପରେ ବର୍ଷିଲେ ସଂତୃପ୍ତ**

## ଯଦି ସବୁ ପ୍ରଭୁଙ୍କ ଲୀଳା, ତେବେ ସରକାର ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର,୨୯।୬(ସମିସ): ଗୁଣ୍ଡିଚା ମନ୍ଦିର ଆଗରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। 'ଏକ୍ସ'ରେ ସେ ପୁରୀରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରି ଏହା ସମସ୍ତଙ୍କୁ ମର୍ମାହତ କରିଛି ବୋଲି କହିଛନ୍ତି। ଏହା ସହ ସବୁ ଘଟଣାକୁ ପ୍ରଭୁଙ୍କ ଲୀଳା ବୋଲି କହି ଖସିଯିବାକୁ ସରକାର ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଉଲ୍ଲେଖ କରି ସରକାର ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ସଂତୃପ୍ତ। ଅନ୍ୟପକ୍ଷରେ ଯେଉଁ ପରିବାରମାନେ ତାଙ୍କର ପ୍ରିୟଜନଙ୍କୁ ଏ ଦୁର୍ଘଟଣାରେ ହରାଇଛନ୍ତି, ସେମାନଙ୍କ ପ୍ରତି ସମବେଦନା ଜଣାଇଛନ୍ତି।



ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପରିପ୍ରେକ୍ଷୀରେ ମୁଁ ଗତକାଲି ସରକାରଙ୍କୁ ପଚାରିଥିବା ଆଠଟି ପ୍ରଶ୍ନର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ବାରମ୍ବାର ଏଭଳି ଘଟଣା ଘଟିବା ସତ୍ତ୍ୱେ ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ଏହାକୁ ପ୍ରଭୁଙ୍କ ଲୀଳା କହିବା ଅକ୍ଷମଣୀୟ। ଲୋକମାନଙ୍କର ସେବା କରିବାର ଶପଥ ନେଇ ସରକାର କ୍ଷମତାକୁ ଆସିଛନ୍ତି। ଯଦି ସେ ସେବା କରିବାର କ୍ଷମତା ନାହିଁ, ତାହେଲେ ସେ ସରକାର ମଧ୍ୟ କ୍ଷମତାରେ ରହିବାର କୌଣସି ଯଥାର୍ଥତା ନାହିଁ। ଯଦି ସବୁ କଥା ପ୍ରଭୁଙ୍କର ଲୀଳା, ତାହେଲେ ସରକାର ମଧ୍ୟ ଇସ୍ତଫା ଦେଇଦେଲେ ପ୍ରଭୁ ରାଜ୍ୟକୁ ଚଳାଇବେ। ଓଡ଼ିଆ ଅସ୍ମିତା, ଓଡ଼ିଶାର ଖ୍ୟାତି ଏବଂ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ଗୌରବ ଏବଂ ଗାରିମାକୁ ମନରେ ରଖି ସରକାର ତୁରନ୍ତ ଅତ୍ୟନ୍ତ କଠିନ ଏବଂ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆମେ ଆଶା କରୁଛୁ। ବର୍ତ୍ତମାନ ଡବଲ ଇଂଜିନର ସରକାର ଥାଉ ବା ନଥାଉ, ଭଲ ଚାଲୁଥିବା ଅଧା ଇଂଜିନର ସରକାର ମଧ୍ୟ ସୁଚାରୁରୂପେ ଶାସନ ପରିଚାଳନା କରିବା ଦରକାର। ଓଡିଶା ସରକାର ରାଜ୍ୟବାସୀଙ୍କ ସାମ୍ନାରେ ନିଜର ଦୃଷ୍ଟିକୋଣ ଏବଂ କ'ଣ କାର୍ଯ୍ୟକ୍ରମ କରୁଛନ୍ତି ତାହା ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ଜଣାନ୍ତୁ। ତଦନ୍ତ କମିଟି ବା କମିଶନ ବସେଇବାରେ କୌଣସି ଲାଭ ନାହିଁ, କାହିଁକି ନା ଗତବର୍ଷ ମଧ୍ୟ ପ୍ରତିଷ୍ଠିତ କମିଶନର ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସି ପାରିଲା ନାହିଁ ବୋଲି କହି ସରକାରଙ୍କୁ ଶ୍ରୀ ମିଶ୍ର କଟାକ୍ଷ କରିଛନ୍ତି।

**ଆଖଣ୍ଡଳମଣି ମନ୍ଦିରରେ ଅଘଟଣ**

## ମନ୍ଦିର ଚୂଡ଼ା ତ୍ରିଶୂଳ ଦଣ୍ଡ ଭାଙ୍ଗିଲା

ଭଦ୍ରକ/ଆରଡ଼ି,୨୯ ।୬(ସମିସ): ଗତ ୩ଦିନ ହେଲା ସକ୍ରିୟ ମୌସୁମୀ ଓ ଲଘୁଚାପ ପ୍ରଭାବରେ ଆରଡ଼ି ତଥା ଆଖପାଖ ଅଞ୍ଚଳରେ ଲାଗି ରହିଛି ଲଗାଣ ବର୍ଷା। ଲଗାଣ ଝଡ଼ବର୍ଷାରେ ଗତକାଲି ରାତିରେ ଭାଙ୍ଗିଯାଇଛି ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାର ତ୍ରିଶୂଳ ଦଣ୍ଡ। ଫଳରେ ତ୍ରିଶୂଳ ଦଣ୍ଡରେ ଲାଗି ହୋଇଥିବା ବାନା ଖସିପଡ଼ିଛି। ଆଜି ଭୋରରେ ବାବାଙ୍କ ପହିଲୁ ନୀତି ସମୟରେ ଦ୍ୱାରଫିଟା ବେଳକୁ ଏପରି ଘଟଣା ଦେଖିବାକୁ ପାଇଥିଲେ ସେବାୟତମାନେ। ତୁରନ୍ତ ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତାହାସହ ପୁଣି ଦଧିନଉତିର ଥିବା ଅଷ୍ଟଧାତୁ ନିର୍ମିତ ତ୍ରିଶୂଳର ବାମପାର୍ଶ୍ୱ ଅର ବଙ୍କିଯିବା ସହ ଢଳି ରହିଛି। ପୂର୍ବରୁ



ଦୀର୍ଘ ଦେଢ଼ ବର୍ଷ ତଳେ ପବନବର୍ଷାରେ ତ୍ରିଶୂଳର ମଧ୍ୟଭାଗ ଅର ଭାଙ୍ଗି ଖସି ପଡ଼ିଥିଲା। ଏପରି ଖବର ପାଇବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ହେଲେ ଠିକ୍

**ଖସିପଡ଼ିଲା ବାନା; ବଙ୍କିଗଲା ତ୍ରିଶୂଳ ଅର**

ଭାବେ ମରାମତି ହୋଇ ନଥିବାରୁ ଆଜି ପୁଣି ଏପରି ଅଘଟଣ ଦେଖାଦେଇଥିବା କହିଛନ୍ତି ସେବାୟତ। ପରେ ମନ୍ଦିରରେ ଏକ ନୂଆ ବାନା ଲାଗି ହେବା ପରେ ବାବାଙ୍କ ସକାଳଧୂପ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

# ରଥଯାତ୍ରାରେ ସୀମା ଟପିଛି ଅବ୍ୟବସ୍ଥା: ବିଜେଡି

ଭୁବନେଶ୍ୱର,୨୯।୬(ସମିସ): ଶରଧାବାଲିରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଓ ବହୁ ଭକ୍ତଙ୍କ ଆହତ ହେବାକୁ ନେଇ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପୁରୀ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ମହାପ୍ରଭୁ ଜଗନ୍ନାଥ, ବଡ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରି, ଅଘଟଣ ଘଟିଥିବା ସ୍ଥାନକୁ ଯାଇଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ବରିଷ୍ଠ ସେବାୟତମାନଙ୍କ ସହିତ କିଭଳି, ଏଭଳି ଘଟଣା ଘଟିଲା ସେ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଚାରମାଳ ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକ୍ ପରିଚାଳନା ଅଭାବରୁ ଏଭଳି ଭୟଙ୍କର ଘଟଣା ଘଟିଥିଲା ଓ ଘଟଣା ସମୟରେ କୌଣସି ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ସେ ସ୍ଥାନରେ ନଥିଲେ ବୋଲି ବିଜେଡି କହିଛି।

ବିଜେଡିର ବରିଷ୍ଠ ଉପସଭାପତ ସଂଜୟ କୁମାର ଦାସବର୍ମା କହିଛନ୍ତି ଯେ, ପ୍ରଶାସନିକ ଅବ୍ୟବସ୍ଥା ଓ ସମନ୍ୱର ଅଭାବ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଛି । ସଂଧା ୭ଟା ୩୦ ପରେ ବିଧି ରକ୍ଷା କରିବା ପାଇଁ ନନ୍ଦିଘୋଷ ରଥ ଟଣାଗଲା । ଜଗନ୍ନାଥ ପ୍ରେମୀ ଓ ସେବାୟତଙ୍କଠୁ ଆରମ୍ଭ କରି ସମସ୍ତେ ଉଦ୍‌ବେଗ ପ୍ରକାଶ କଲେ। ମହାପ୍ରଭୁଙ୍କ ଘୋଷଯାତ୍ରା ଯେଉଁଭଳି ଭାବେ



**■ ଅଘଟଣ ସମୟରେ ପ୍ରଶାସନିକ ବା ବରିଷ୍ଠ ପୁଲିସ ଅଧିକାରୀ ନଥିଲେ**
**■ ଅବ୍ୟବସ୍ଥା ଓ ସମନ୍ୱୟ ଅଭାବ ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଛି**

ପ୍ରଶାସନିକ ଭାବେ ଦାୟିତ୍ୱ ସଂପୂର୍ଣ୍ଣ କରିବା କଥା ସେ ଦାୟିତ୍ୱ ତୁଲାଇଲେ ନାହିଁ । ରବିବାର ସକାଳୁ ଯେଉଁଭଳି ଦଳାଚକଟାରେ ତିନି ଜଣ ମୃତ୍ୟୁ ହେବା ସହ ୧୫୦ ଜଣ ଆହତହେବାକୁ ନେଇ ମନ୍ତ୍ରୀମାନେ ଯେଉଁଭଳି ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମୁଖ୍ୟମନ୍ତ୍ରୀ ୫ଜଣ ମନ୍ତ୍ରୀଙ୍କୁ ନେଇ ଏକ କମିଟି କରିଥିଲେ। ସେହି କମିଟି କୁଆଡେ ଗଲା ବୋଲି ପ୍ରଶ୍ନ କରିବା ସହ ତେଣୁ ଏ ସରକାର ଘୋଷଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି କରିଛନ୍ତି। ଆଗକୁ ଆହୁରି ଠାକୁରଙ୍କ ନୀତି ରହିଛି। ତେଣୁ ଅହଂକାର ଛାଡି, ମହାପ୍ରଭୁଙ୍କ ପାଖରେ ସମର୍ପିତ ହୁଅନ୍ତୁ ଏବଂ ଯାତ୍ରାକୁ ସୂଚାରରୂପେ ପରିଚାଳନା କରନ୍ତୁ ବୋଲି ସେ କହିଛନ୍ତି। ସେହିଭଳି ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ସୁବାଶିଷ ଖୁଣ୍ଟିଆ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ମାର ମାର ଭଣ୍ଡାରିଆକୁ ମାର ନ୍ୟାୟ ଭଳି, ଏସ୍‌ପି ଓ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ବଦଳି କରିଦେଇଛନ୍ତି। କିନ୍ତୁ କେଉଁଠି ବାସ୍ତବ ସମସ୍ୟା ରହିଲା, ତାହାକୁ ଏ ସରକାର ସମାଧାନ କରିନାହାନ୍ତି। ସାମ୍ବାଦିକଙ୍କୁ ମାଡ ମାରିବା, ଅନ୍ୟ ରାଜ୍ୟର ଗାଡି ମନଇଚ୍ଛା ବଡ ଦାଣ୍ଡରେ ବୁଲିବା ଆଦି ଘଟଣାମାନ ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି।

ଏହା ପରେ, ବିଜେଡିର ପ୍ରତିନିଧି ମଣ୍ଡଳୀ ପୁରୀ ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଆହତମାନଙ୍କ ଅବସ୍ଥା ସଂପର୍କରେ ଅନୁଧ୍ୟାନ କରିବା ସହ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଓ ବିଜେଡି ଦଳର ବରିଷ୍ଠ ନେତା ବିଦ୍ୟାଧର ସ୍ୱାଇଁ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର,୨୯।୬(ସମିସ): ପୁରୀ ରଥଯାତ୍ରା ପରିଚାଳନାରେ ମହାବିଫଳତା, ପରବର୍ତ୍ତୀ ପର୍ଯ୍ୟାୟରେ ଦଳାଚକଟା ଏବଂ ମୃତାହତଙ୍କ ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଯୁବ





କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ଏଜି ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୁଲିସ ସହ ଅଧଘଣ୍ଟା ପର୍ଯ୍ୟନ୍ତ ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସର ନେତୃବର୍ଗ ଓ କର୍ମୀମାନଙ୍କୁ ପୁଲିସ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାକୁ ସଂପୂର୍ଣ୍ଣ ଖାମଖିଆଲି ଢଙ୍ଗରେ କରିଛନ୍ତି। ଆଇନ ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଏବଂ ମାର୍ଗଦର୍ଶନ କମିଟି ଗଠନ ହେଲା। ହେଲେ ଏହି ଘୋଷଯାତ୍ରା ସାଧାରଣ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ଏହା କେବଳ ବିଜେପି ଦଳ ଏବଂ କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଡିଜି ପୁଲିସ ଓ ସମୁଦାୟ ପ୍ରଶାସନ ଉପସ୍ଥିତ ଥିବାବେଳେ ଭକ୍ତମାନଙ୍କୁ ଚରମ ଅବ୍ୟବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଲା। ଭକ୍ତମାନେ ମୋହନ ସରକାରର ଏ ଅବ୍ୟବସ୍ଥା ପ୍ରତି ଚରମ ଅସନ୍ତୋଷ ପ୍ରକଟ କରିଛନ୍ତି। ରଥଯାତ୍ରାର ପରିଚାଳନାକୁ ସରକାର ଗୁରୁତ୍ୱର ସହ ନେଇନାହାନ୍ତି। ଫଳସ୍ୱରୂପ ନିରୀହ ଭକ୍ତମାନଙ୍କର ଜୀବନ ଗଲା ଏବଂ ବହୁ ଭକ୍ତ ଗୁରୁତର ଭାବେ ଆହତ ହୋଇଛନ୍ତି। ରଥଯାତ୍ରା ଦିନ ସାମ୍ବାଦିକମାନଙ୍କୁ ମଧ୍ୟ ପୁଲିସ ମରଣାନ୍ତକ ଆକ୍ରମଣ କରିଛି। ସୁତରାଂ ଏଭଳି ଅବ୍ୟବସ୍ଥା ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଆବେଗକୁ ଆଘାତ ଦେଇଛି। ଜଗନ୍ନାଥଙ୍କ ପ୍ରତି ଏ ସରକାରଙ୍କର ଆଚରଣ ଦୁଃଖଦାୟକ। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରିଛି।

## ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ସ୍ଥଗିତ

ଭୁବନେଶ୍ୱର, ୨୯।୬(ସମିସ): ପୁରୀରେ ଘଟିଥିବା ଅଭାବନୀୟ ଘଟଣା କାରଣରୁ ରାଜ୍ୟ ବିଜେପି ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦ ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ଗତକାଲି ପୁରୀଠାରେ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି, ଯେଉଁଥିରେ ୩ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହ ଅନେକ ଭକ୍ତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତଙ୍କ ଶେଷକୃତ୍ୟ ମଧ୍ୟ ହୋଇନାହିଁ। ଏଭଳି ଅଭାବନୀୟ ଘଟଣା ଆମ ସମସ୍ତଙ୍କୁ ମର୍ମାହତ କରିବା ସହ ବିଚଳିତ କରିଛି। ମୃତାହତ ଶ୍ରଦ୍ଧାଳୁଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ। ଏହି କାରଣରୁ ଆସନ୍ତା ଜୁଲାଇ ୧ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ସ୍ଥଗିତ ରଖାଯାଉଛି। ଆଜିଠାରୁ ସମସ୍ତ ପ୍ରକାରର ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନ ପ୍ରସଙ୍ଗରେ ସୁଚନା ଦିଆଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

## ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୨୯।୬(ସମିସ): ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଶାଶ୍ୱତ୧୯ ୯ ୬ ମହିହାରଆଇଏଏସ୍। ସେ ରାଜସ୍ୱ ବିଭାଗ ସହ ଇଡ୍କୋର ଅଧ୍ୟକ୍ଷ ଭାବେ କାର୍ଯ୍ୟକରୁଥିଲା ବେଳେ ଏହା ତାଙ୍କ ପାଇଁ ଅତିରିକ୍ତ ଦାୟିତ୍ୱ ବୋଲି ସାଧରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

## ନନ୍ଦନକାନନରେ ଆନାକୋଣ୍ଡା ଶାବକ ଜନ୍ମ

ବାରଙ୍ଗ,୨୯।୬(ସମିସ): ଦ୍ୱିତୀୟଥର ପାଇଁ ନନ୍ଦନକାନନରେ ହଳଦିଆ ଆନାକୋଣ୍ଡା ରବିବାର ଦିନ ଛୁଆ ଜନ୍ମ ଦେଇଛି। ଏନେଇ କର୍ମଚାରୀଙ୍କଠାରୁ ଆରମ୍ଭ କରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଆନାକୋଣ୍ଡାଟି ଏକାଥରକେ ୭ଟି ଛୁଆ ଦେଇଛି। କିଛିଦିନ ପୂର୍ବରୁ ମା' ଆନାକୋଣ୍ଡାକୁ ଉଦ୍ୟାନର ପଶୁ ଚିକିତ୍ସାଳୟକୁ ଅଣାଯାଇ ଏକ୍ସ-ରେ' କରାଯାଇଥିଲା ଏବଂ ଜଣାପଡ଼ିଥିଲା ମା' ଆନାକୋଣ୍ଡା ପେଟରେ ଛୁଆ ରହିଛି। ଏନେଇ ମାଇ ଆନାକୋଣ୍ଡାକୁ ନଜରବନ୍ଦୀରେ ରଖାଯାଇଥିଲା। ଆନାକୋଣ୍ଡା ଛୁଆଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଛି। ନବଜାତ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା କରାଯାଇ ତାପମାତ୍ରା ଏବଂ ଆର୍ଦ୍ରତା ମନିଟରିଂ କରାଯାଉଛି। ଏହି ଛୁଆ ଜନ୍ମ ପରେ ନନ୍ଦନକାନନରେ ଆନାକୋଣ୍ଡା ସଂଖ୍ୟା ବୃଦ୍ଧି ପାଇ ୧୪ରେ ପହଞ୍ଚିଛି। ସେଥିମଧ୍ୟରୁ ଦୁଇଟି ବୟସ୍କ ପୁରୁଷ, ଦୁଇଟି ବୟସ୍କ ମାଇ ଏବଂ ଦଶଟି ଛୋଟ ହଳଦିଆ ଆନାକୋଣ୍ଡା ଅଛନ୍ତି। ଶୀଘ୍ର ଆଉ ଗୋଟିଏ ମାଇ ଆନାକୋଣ୍ଡା ପ୍ରସବ କରିବାର ଆଶା କରାଯାଉଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଜୁଲାଇ ୧୫ ଯାଏଁ ବଢ଼ାଯାଉ ଧାନ କିଣା ଅବଧି: କଂଗ୍ରେସ

ଭୁବନେଶ୍ୱର, ୨୯ ।୬(ସମିସ): ରାଜ୍ୟର ଅଧିକାଂଶ ଜିଲ୍ଲାରେ ଏବେ ବି ମଣ୍ଡିରୁ ଧାନ ଉଠିନି। ୫୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପାଖାପାଖି ୫ଲକ୍ଷ ମେଟ୍ରିକ୍ ଟନ୍ରୁ ଅଧିକ ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀ କୂଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର କାଳ ବିଳମ୍ବ ନକରି ଜୁଲାଇ ୧୫ ତାରିଖ ଯାଏଁ ଧାନ କ୍ରୟ ପ୍ରକ୍ରିୟାକୁ ବୃଦ୍ଧି କରିବା ସହ ଚାଷୀଙ୍କ ଠାରୁ ସବୁ ବଳକା ଧାନକୁ କ୍ରୟ କରିବା ପାଇଁ କଂଗ୍ରେସ କମିଟି କିଷାନ ସେଲ୍ ଜାତୀୟ ସଂଯୋଜକ ଅମୀୟ ପଟ୍ଟନାୟକ ଦାବି କରିଛନ୍ତି। ଯଦି ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି, ତେବେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କିସାନ କଂଗ୍ରେସ ପକ୍ଷରୁ ରାଜ୍ୟରେ ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

# କାହାପାଇଁ ଓଡ଼ିଶା ଆସୁଛି ଚୋରା ବନ୍ଧୁକ ?

ଭୁବନେଶ୍ୱର,୨୯।୬(ସମିସ): ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରି କରୁଥିବା ଜଣେ ବେପାରୀକୁ ଗିରଫ କରିଛି ଏସ୍ଟିଏଫ। ସେ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ବାଲିଅନ୍ତା ସରଦେଇପୁରରେ ଆଜି ବିକ୍ରି କରୁଥିବା ବେଳେ ମାଡ଼ିବସିଲା ଏସ୍ଟିଏଫ (ସ୍ୱତନ୍ତ୍ର ଟାସ୍କ ଫୋର୍ସ)। ବ୍ୟାଗ୍ ଯାଞ୍ଚ କରିବା ପରେ ତା ନିକଟରୁ ୫ଟି ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ମିଳିଛି। ଜବତ ବନ୍ଧୁକ ମଧ୍ୟରେ ରହିଛି ୩ଟି ୭ଏମ୍ଏମ୍ର ବନ୍ଧୁକ ଥିବା ବେଳେ ୯ଏମ୍ଏମ୍ର ଗୋଟିଏ ବନ୍ଧୁକ, ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ। ଗିରଫ ଅଭିଯୁକ୍ତ ହେଲା ବିହାର ଡୁମାରୀ ବଜାର ନିକଟରେ ରହୁଥିବା ଦିଲ୍ଲୀପ ସାହା। ତାକୁ ଏସ୍ଟିଏଫ ଗିରଫ କରି ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟକୁ ଚାଲାଣ କରିଛି।

ଏସ୍ଟିଏଫ ଏସ୍ପି ରବି ଶତପଥୀଙ୍କ ସୂଚନା ଅନୁସାରେ, ଗତ ମେ ୪ ତାରିଖରେ ଗଞ୍ଜାମ ପୁଲିସ ୩୧ ବନ୍ଧୁକ ଜବତ କରିବା ସହ ୧୮ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ତଦନ୍ତଭାର ନେଇଥିଲା କ୍ରାଇମ୍ବ୍ରାଞ୍ଚର ଏସ୍ଟିଏଫ। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଓଡ଼ିଶାକୁ ଆସୁଥିବା ବନ୍ଧୁକ ସବୁ ବିହାର ମୁଙ୍ଗେରରୁ ଆସୁଥିବା ଜଣାପଡ଼ିଥିଲା। ସେଠାରୁ ବନ୍ଧୁକ ଆଣି ଦିଲ୍ଲୀପ ସାହା ନାମକ ବ୍ୟକ୍ତି ଏଠାରେ ବିକ୍ରି କରୁଛି। ସେଠାରୁ ସେ ୭୦ ହଜାର ଟଙ୍କାର ବନ୍ଧୁକ କିଣି ଆଣୁଥିବା



ବେଳେ ଏଠାରେ ସେ ୮୦ ହଜାର ଟଙ୍କାରେ ବିକ୍ରି କରୁଛି। ପୁଣି ଏହି ବନ୍ଧୁକ ଆଣିବା ପୂର୍ବରୁ ଦିଲ୍ଲୀପ ଆଡଭାନ୍ସ ନେଉଥିଲା। ଆଡଭାନ୍ସ ନେବା ପରେ ସେ ଦେଇଥିବା ତାରିଖ ମଧ୍ୟରେ ବିହାରରୁ ବନ୍ଧୁକ ଆଣି ଦେଉଥିଲା। ଅଭିଯୁକ୍ତଙ୍କ ଠାରୁ ଏସ୍ଟିଏଫର ତଦନ୍ତକାରୀ ଟିମ୍ ଦିଲ୍ଲୀପର ଫୋନ୍ ନମ୍ବର ସଂଗ୍ରହ କରିବା ପରେ ତାକୁ ଟ୍ରାକ୍ କରାଯାଉଥିଲା। ସେ ନିୟମିତ ବସ୍ ଏବଂ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ଓଡ଼ିଶାର ଏକାଧିକ ଜିଲ୍ଲାରେ ବିକ୍ରି କରୁଥିଲା। ତେଣୁ ସେ ନିକଟରେ ବିହାରରୁ ବନ୍ଧୁକ ଆଣିଥିବା

**■ ଧରାପଡ଼ିଲା ବନ୍ଧୁକ ବେପାରୀ**
**■ ୫ଟି ବନ୍ଧୁକ, ୭ଟି ଜୀବନ୍ତ ଗୁଳି ଜବତ**
**■ ଗଞ୍ଜାମ ବନ୍ଧୁକ ଲିଙ୍କ୍ରୁ ମିଳିଲା ବେପାରୀ ଠିକଣା**

ଏସ୍ଟିଏଫର ଅଧିକାରୀମାନେ ଜାଣିଥିଲେ। ସେ ଆଜି ବାଲିଅନ୍ତା ସରଦେଇପୁରରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେବାର ଥିଲା। ତା' ଫୋନ୍ ନମ୍ବରକୁ ଟ୍ରାକ୍ କରିବା ପରେ ଏସ୍ଟିଏଫ ଅଧିକାରୀ ତାକୁ ଘଟଣାସ୍ଥଳରେ ମାଡ଼ି ବସିଥିଲେ। ତା ନିକଟରେ ଥିବା ଏକ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ୫ଟି ବନ୍ଧୁକ ଜବତ କରାଯାଇଥିଲା। ସେ ଓଡ଼ିଶାରେ ୫୦ରୁ ଅଧିକ ବନ୍ଧୁକ ବିକ୍ରି କରିଥିବା ତଦନ୍ତରୁ ଏସ୍ଟିଏଫ ଜାଣିଛି। ତେଣୁ କେଉଁମାନଙ୍କୁ ସେ ବନ୍ଧୁକ ବିକ୍ରି କରିଛି? ତା ଭଳି ଆଉ କେଉଁମାନେ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରୁଛନ୍ତି? ତାହା ଜାଣିବା ପାଇଁ ଏସ୍ଟିଏଫ ଦିଲ୍ଲୀପକୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ରବି ଶତପଥୀ ସୂଚନା ଦେଇଛନ୍ତି।

ଦିଲ୍ଲୀପ ଭଳି ମହମ୍ମଦ ଅସଲମ ବନ୍ଧୁକ ମଧ୍ୟ ବିହାରରୁ ଆଣି ଓଡ଼ିଶାରେ ବିକ୍ରି କରୁଥିଲା। ଅସଲାମକୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଦିଲ୍ଲୀପ ସମ୍ପର୍କରେ ଜଣାପଡ଼ିଥିଲା। ଓଡ଼ିଶାର ୭ଟି ସହରରେ ବନ୍ଧୁକ କାରବାର କରିଥିଲା ଅସଲାମ। ପଶ୍ଚିମବଙ୍ଗରୁ ଆସାମ ପର୍ଯ୍ୟନ୍ତ ବେପାର ଚଳାଇଥିଲା ଅସଲାମ। ଦିଲ୍ଲୀପ ଏବଂ ଅସଲାମ କେବଳ ମୁଙ୍ଗେର ନୁହେଁ, ଓଡିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଆଉ ଆସାମରେ ଚଳାଇଥିଲେ ବନ୍ଧୁକ ବେପାର। କଟକ ବୟାଳିଶ ମୌଜାରେ ବନ୍ଧୁକ କାରଖାନା ପଛର ମାଷ୍ଟରମାଇଣ୍ଡ ଥିଲା ଅସଲାମ। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲାମ ଏବଂ ଦିଲ୍ଲୀପର ହାତ। ଗଞ୍ଜାମ ବ୍ୟତୀତ ଆଉ କେଉଁ ସହରର କେତେ ଅପରାଧୀଙ୍କ ହାତକୁ କେତେ ବନ୍ଧୁକ ଯାଇଛି ସେ ନେଇ ଖୋଳତାଡ଼ ଆରମ୍ଭ କରିଛି ଏସଟିଏଫ୍।

# ଜେଲ୍ ଗଲେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର,୨୯।୬(ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ ଗଞ୍ଜାମ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ୍ କୁମାର ପଣ୍ଡା। କଳାଧନର ହିସାବ ଦେଇ ନପାରିବାରୁ ତାଙ୍କ ନାମରେ ଡିଏ ମାମଲା ରୁଜୁ କରି ଗିରଫ କରାଯାଇଛି। ତାଙ୍କୁ ମେଡିକାଲ ପରୀକ୍ଷା କରାଯିବା ପରେ ବ୍ରହ୍ମପୁର ସ୍ପେସା।ଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାପରେ ବ୍ରହ୍ମପୁର ଜେଲ ପଠାଇ ଦିଆଯାଇଛି। ସେ ଆୟ ଠାରୁ ୧୬୩ ପ୍ରତିଶତ କଳାଧନ ଅର୍ଜନ କରିଥିଲେ।



**ଆୟଠାରୁ ୧୬୩ ପ୍ରତିଶତ ଅଧିକ ସଂପତ୍ତି**

ଗତକାଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କର ୭ଟି ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଥିଲା। ବ୍ରହ୍ମପୁରର ରାମହରି ନଗରରେ ତାଙ୍କର ଗୋଟିଏ ତିନି ମହଲା କୋଠା ରହିଛି। ବ୍ରହ୍ମପୁର ଆଙ୍କୁଲିରେ ଥିବା ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ତାଙ୍କର ଗୋଟିଏ ଟୁ-ବିଏଚ୍କେ ଫ୍ଲାଟ ରହିଛି। ସେହିଭଳି ପୁରୀରେ ଗୋଟିଏ ୱାନ୍-ବିଏଚ୍କେ ଫ୍ଲାଟ ଅଛି। ଏହାସହିତ ପଣ୍ଡାଙ୍କର ୬ଟି ଦାମୀ ପ୍ଲଟ ମଧ୍ୟ ରହିଛି। ସେଥିରୁ ଦୁଇଟି ବ୍ରହ୍ମପୁରରେ, ଦୁଇଟି ଭୁବନେଶ୍ୱରରେ, ଗୋଟିଏ ଖୋର୍ଦ୍ଧାର ବଣିଆଟାଙ୍ଗୀରେ ଓ ଗୋଟିଏ ଗଞ୍ଜାମ ଛତ୍ରପୁର ଅଞ୍ଚଳରେ ରହିଛି। ଚଢ଼ଉ ବେଳେ ତାଙ୍କ ବାସଭବନରୁ ନଗଦ ୨ ଲକ୍ଷ ୫ ହଜାର ଟଙ୍କା ମିଳିଛି। ତାଙ୍କର ୧ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଏବଂ ଗୋଟିଏ ଚାରିଚକିଆ ଓ ଦୁଇଟି ଦୁଇ ଚକିଆ ଗାଡ଼ି ରହିଛି। ସେହିପରି ତାଙ୍କ ଘରୁ ୧୨୬ ଗ୍ରାମ ସୁନାଗହଣା ଜବତ ହୋଇଛି। ଏତେ ସବୁ ସମ୍ପତ୍ତି ସେ କେମିତି ଠୁଳ କଲେ, ସେ ନେଇ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗତକାଲି ଚଢ଼ଉରେ ୬ ଜଣ ଡିଏସ୍ପି , ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଗଞ୍ଜାମ ଓ ପୁରୀ ଜିଲ୍ଲାର ୭ଟି ସ୍ଥାନରେ ଗତକାଲି ଏହି ଚଢ଼ାଉ କରିଥିଲା ଭିଜିଲାନ୍ସ। ସୋମବାର ଯନ୍ତ୍ରୀ ପଣ୍ଡା ଚାକିରିରୁ ଅବସର ନେଇଥାନ୍ତେ, ହେଲେ ତାହା ପୂର୍ବରୁ ଡିଏ ମାମଲାରେ ତାଙ୍କ ଘରେ ଭିଜିଲାନ୍ସ ଚଢଉ କରି ତାଙ୍କୁ ଗିରଫ କରିଛି।








# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-6 ◆BHUBANESWAR ◆MONDAY ◆30 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬ ◆ଭୁବନେଶ୍ୱର ◆ସୋମବାର ◆୩୦ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଜନ୍ମବେଦୀରେ ଚତୁର୍ଦ୍ଧାବିଗ୍ରହ

### ଆଜିଠୁ ମିଳିବ ଆଡ଼ପ ଅବଢ଼ା

■ **ପୁରୀ, ୨୯।୬ (ସମିସ):** ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧା ବିଗ୍ରହ ଏବେ ଜନ୍ମବେଦୀରେ। ଶରଧାବାଲିରେ ଦୁଇ ରାତି ଓ ଦୁଇ ଦିନ ଭକ୍ତଙ୍କୁ ଦର୍ଶନ ଦେବା ପରେ ଆଜି ସନ୍ଧ୍ୟାରେ ଗୋଟିପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ଦାରୁଦେବତା। ସୋମବାରଠାରୁ ଜନ୍ମବେଦୀରେ ଲୀଳା କରିବେ ଲୀଳାମୟ। ଶ୍ରଦ୍ଧାଳୁଙ୍କୁ ମିଳିବ ଦର୍ଶନ, ଆଉ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆସନ୍ତା ୫ତାରିଖରେ ପୁଣି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଯିବେ ଭକ୍ତବତ୍ସଳ। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳାସାଆନ୍ତ। ଅନୁକୂଳ ପାଗରେ ଲକ୍ଷଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଟାଣିଥିଲେ ରଥ। ହେଲେ ଏବର୍ଷ ରଥ ▶ପୃଷ୍ଠା-୭

# ମହାଅଘଟଣ

## ଶରଧାବାଲିରେ ଦଳାଚକଟା; ୩ ମୃତ, ୭ ଗୁରୁତର





### ପହଡ଼ ଫିଟିବା କ୍ଷଣି ମାଡ଼ିଆସିଥିଲେ ଲକ୍ଷାଧିକ ଭକ୍ତ

### ପ୍ରବେଶ-ପ୍ରସ୍ଥାନ ପାଇଁ ଥିଲା ମାତ୍ର ଗୋଟିଏ ରାସ୍ତା

### ପ୍ରସ୍ଥାନ ରାସ୍ତା ରୋକିଥିଲା ଭିଆଇପିଙ୍କ ବ୍ୟାରିକେଡ୍

■ **ପୁରୀ, ୨୯।୬ (ସମିସ):** ଆସିଥିଲେ ଶରଧାବାଲିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ। ଚକାଆଖି ସହ ଆଖି ମିଶାଇ ଲୁହ ଗଡ଼ାଇବେ, ଅଳି କରିବେ, ନିଜ ଦୁଃଖକଷ୍ଟ ଜଣାଇବା ସହ ପରିବାରର ସୁଖଶାନ୍ତି ପାଇଁ ଆଶୀର୍ବାଦ ମାଗିବେ। ଏମିତି ଆଶା ବିଶ୍ୱାସ ନେଇ କାହିଁ କେତେ ଦୂରରୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଥିଲେ ଲକ୍ଷଲକ୍ଷ ଭକ୍ତ। ହେଲେ ସରକାର ଓ ପ୍ରଶାସନର ଅବହେଳା ଯୋଗୁଁ ଚକାଆଖି ଆଗରେ ଏତେ ବଡ଼ ଅଘଟଣ ଘଟିଯିବ, ତାହା ସେମାନେ କଳ୍ପନା ସୁଦ୍ଧା କରିନଥିଲେ। ଭାବର ଠାକୁରଙ୍କୁ ମନର ଭାବ ଜଣାଇବା ପୂର୍ବରୁ ଚାଲିଗଲା ଜୀବନ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଓ ବହୁ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଏଭଳି ପ୍ରଶାସନିକ ଅବହେଳା ଏବଂ ଦାୟିତ୍ୱହୀନତାକୁ ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ। ସରକାର ମଧ୍ୟ ଏଭଳି ଅବହେଳାକୁ ସ୍ୱୀକାର କରିଛନ୍ତି।

**ରଥଯାତ୍ରାରେ ଅବ୍ୟବସ୍ଥାକୁ ନିନ୍ଦାକଲେ ଶ୍ରଦ୍ଧାଳୁ**

ଶନିବାର ଥିଲା ନବଦିନାତ୍ମକ ଯାତ୍ରାର ଦ୍ୱିତୀୟ ଦିବସ। ଭକ୍ତମାନେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରୁଥିଲେ। ଅନୁକୂଳ ପାଗ ସାଙ୍ଗକୁ ସପ୍ତାହାନ୍ତ। ଅର୍ଥାତ୍ ଚତୁର୍ଥ ଶନିବାର ଓ ରବିବାର ଦୁଇଦିନ ଛୁଟି ଥିଲା। ତେଣୁ ଶନିବାର ସନ୍ଧ୍ୟା ପରଠାରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଠାକୁରଙ୍କୁ ଦର୍ଶନ ଲାଗି ପ୍ରବଳ ଭିଡ଼ ଲାଗି ରହିଥିଲା। ରାତି ଯେତେ ବଢୁଥିଲା, ଭିଡ଼ ସେତେ ଅଧିକ ହେଉଥିଲା। ହେଲେ ନୀତିକାନ୍ତି ନିର୍ଘଣ୍ଟ ସମୟରେ ଚାଲିଥିବା ସତ୍ତ୍ୱେ ରାତି ୧୨ଟାରୁ ୧୨ଟା ▶ପୃଷ୍ଠା-୭

## କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

### ମୃତକଙ୍କ ଆତ୍ମୀୟଙ୍କୁ ୨୫ ଲକ୍ଷ ଲେଖାଏଁ ସହାୟତା



**ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୯।୬ (ସମିସ):** ରବିବାର ଭୋର ୪ଟାରେ ପୁରୀ ଶରଧାବାଲିରେ ଦଳାଚକଟା କାରଣରୁ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ଏପରି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବେ ନିଜେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥପ୍ରେମୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁରୀରେ ଲକ୍ଷଲକ୍ଷ ଭକ୍ତଙ୍କ ଦର୍ଶନ ବ୍ୟଗ୍ରତା ଓ ଭିଡ଼ କାରଣରୁ ତିନି ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ଘଟିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି। ପରଲୋକଗତ ଭକ୍ତମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିସନର ଏହି ଘଟଣାର ତଦନ୍ତ କରିବେ।

## ସରକାର ସମ୍ପୂର୍ଣ୍ଣ ବିଫଳ: ନବୀନ

### ବେଖାତିର, ସମ୍ବେଦନହୀନ ମନୋଭାବକୁ ନିନ୍ଦା



**ମୃତକଙ୍କ ପରିବାର ସହ ଫୋନ୍‌ରେ କଥାହେଲେ**

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଏଭଳି ଅଘଟଣ ପାଇଁ ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ। 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି, ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଭୟାବହ ଅଘଟଣ ▶ପୃଷ୍ଠା-୭

## ଅବ୍ୟବସ୍ଥା ଐତିହାସିକ

**୧୦ହଜାରରୁ ଉର୍ଦ୍ଧ୍ୱ ପୁଲିସ ମୁତୟନ**

■ **ଭୁବନେଶ୍ୱର, ୨୯।୬ (ସମିସ):** ଚଳିତ ବର୍ଷ ରଥଯାତ୍ରାକୁ ସରକାର ଐତିହାସିକ କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ଏହି ରଥଯାତ୍ରାରେ ସବୁ ଅବ୍ୟବସ୍ଥା ମଧ୍ୟ ଐତିହାସିକ ପର୍ଯ୍ୟାୟରେ। ଘରେ ନ ପଶୁଣୁ ଚାଳ ବାଜିବା ପରି ଚଳିତ ବର୍ଷ ଠାକୁରଙ୍କ ଓଷୁଅ ଚୋରିରୁ ଆରମ୍ଭ ହୋଇଥିବା ଅବ୍ୟବସ୍ଥା ଶରଧାବାଲି ଦଳାଚକଟା ମୃତ୍ୟୁ ପର୍ଯ୍ୟନ୍ତ ଲମ୍ବିଛି। ତାଳଧ୍ୱଜ ରଥର ବାରମ୍ବାର କଣମୋଡ଼, ନନ୍ଦିଘୋଷ ରଥ ନ ଗଡ଼ିବା, ଆଲୁଅ ଲଗାଇ ରଥ ଟଣାଯିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ କଷ୍ଟ ଦେଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁଲିସ ମୁତୟନ ବ୍ୟବସ୍ଥା ଅତୀତର ସବୁ ରଥଯାତ୍ରାକୁ ବଳି ଯାଇଛି। ୨୧ ଜଣ ଏସ୍‌ପି ଓ କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀଙ୍କ ସହ ୪୧ ଜଣ ଅତିରିକ୍ତ ଏସ୍‌ପି ପାହ୍ୟା, ୯୬ ଡିଏସ୍‌ପି, ୧୭୧ ଇନ୍‌ପେକ୍ଟରଙ୍କୁ ପୁରୀରେ ଦାୟିତ୍ୱ ଦିଆଯାଇଥିଲା। ଏମାନଙ୍କ ବ୍ୟତୀତ ୨୦୫ ପ୍ଲାଟୁନ୍ ସଶସ୍ତ୍ର ପୁଲିସ, ୫ କମ୍ପାନୀ ଆର୍‌ପିଏଫ୍, ୩ ୟୁନିଟ୍ ଏସ୍‌ଟିୟୁ ଓ ଗୋଟିଏ ୟୁନିଟ୍ ଏସ୍‌ଓଜି, ▶ପୃଷ୍ଠା-୭

### ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

■ **ଭୁବନେଶ୍ୱର, ୨୯।୬ (ସମିସ):** ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିସନ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସ ଏହି ମାମଲା ରୁଜୁ କରିଛନ୍ତି। ନିଜେ କମିସନ ତଦନ୍ତ କମିଟି ଗଠନ କରି ଅଘଟଣ ସ୍ଥଳ ପରିଦର୍ଶନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଅବହେଳା ପାଇଁ ପ୍ରଶାସନର ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମୃତବ୍ୟକ୍ତିଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଶ୍ରୀ ଦାସ ନିବେଦନ କରିଛନ୍ତି।

### ବଦଳିଲେ ପୁରୀ ଜିଲ୍ଲାପାଳ, ଏସ୍‌ପି



**ଚଞ୍ଚଳ ରାଣା ଜିଲ୍ଲାପାଳ, ପିନାକ ମିଶ୍ର ଏସ୍‌ପି ନିଯୁକ୍ତ**

■ **ଭୁବନେଶ୍ୱର, ୨୯।୬(ସମିସ):** ଶରଧାବାଲି ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ପରେ ସରକାର ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ଭୀନିତ ଅଗ୍ରୱାଲଙ୍କୁ ବଦଳି କରିଛନ୍ତି। ଏହା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢୀଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗ ଯୋଗୁଁ ନିଲମ୍ବିତ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀର ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଲ୍ ରାଣାଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଏସ୍‌ପି ରୂପେ ପିନାକ ମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି।

### ମୁଖ୍ୟ ପ୍ରଶାସକଙ୍କ କ୍ଷମତା ସଙ୍କୁଚିତ

## ଅରବିନ୍ଦ ଅଗ୍ରୱାଲ୍ କରିବେ ରଥ ପରିଚାଳନା

**ପୁଲିସ୍ ବ୍ୟବସ୍ଥା ତଦାରଖ କରିବେ ସୌମେନ୍ଦ୍ର ପ୍ରିୟଦର୍ଶୀ**

■ **ଭୁବନେଶ୍ୱର, ୨୯।୬ (ସମିସ):** ରଥଯାତ୍ରାର ସୁରୁଖୁରୁ ପରିଚାଳନା ଶ୍ରୀମନ୍ଦିର ପ୍ରଶାସକଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ହୋଇଥିଲେ ହେଁ ଚଳିତ ବର୍ଷ ସୀମା ଟପିଥିବା ଅବ୍ୟବସ୍ଥା ତାଙ୍କୁ ସାଧାରଣରେ ନିନ୍ଦିତ କରିଛି। ଚଳିତ ବର୍ଷ ରଥଯାତ୍ରା ପରିଚାଳନାକୁ ନେଇ ଆରମ୍ଭରୁ ସମାଲୋଚନାର ଶରବ୍ୟ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ କ୍ଷମତା ସଙ୍କୁଚିତ କରିଛନ୍ତି ରାଜ୍ୟ ସରକାର। ମୋଦକ ଚୋରି ବିବାଦ ପରେ ରଥ ଟଣାକୁ ନେଇ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ନିଶାଣକୁ ଆସିଥିଲେ ହେଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଥିଲେ। ମାତ୍ର ଦଳାଚକଟା ଘଟଣା ପରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ କ୍ଷମତାକୁ ସଙ୍କୁଚିତ କରିଛନ୍ତି ସରକାର। ରଥଯାତ୍ରା ପରିଚାଳନା ଦାୟିତ୍ୱରୁ ଶ୍ରୀ ପାଢ଼ୀଙ୍କୁ ଅବ୍ୟାହତି ଦେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ▶ପୃଷ୍ଠା-୭

### ରାହୁଲ, ଖଡ୍‌ଗେଙ୍କ ଉଦ୍‌ବେଗ ପ୍ରକାଶ

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀରେ ରଥଯାତ୍ରା ସମୟରେ ଦଳାଚକଟା ଘଟଣାରେ ଲୋକସଭା ।।ରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଚିନ୍ତାପ୍ରକଟ କରିଛନ୍ତି। 'ଏକ୍ସ'ରେ ରାହୁଲ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଏବଂ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କୁ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିବେଦନ କରିଥିବା ବେଳେ କଂଗ୍ରେସ କର୍ମୀମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବାକୁ ସେ ଅନୁରୋଧ କରୁଛନ୍ତି। ଅନ୍ୟପଟେ ଏହି ଦୁଃଖଦ ଘଟଣା ଏକ ଗମ୍ଭୀର ଚେତାବନୀ ବୋଲି ରାହୁଲ୍ ଉଲ୍ଲେଖ କରିବା ସହ ଏତେ ବଡ଼ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଏବଂ ଭିଡ଼ ପରିଚାଳନା ପ୍ରସ୍ତୁତି ଗମ୍ଭୀରତାର ସହିତ ସମୀକ୍ଷା କରାଯିବା ଉଚିତ ବୋଲି ▶ପୃଷ୍ଠା-୭

## ମନ୍ତ୍ରୀ, ପ୍ରଶାସକଙ୍କ ସୁରକ୍ଷା ପାଇଁ ଅଫିସରଙ୍କୁ ବଳି!

### ମନ୍ତ୍ରୀସ୍ତରୀୟ କମିଟିର ଭୂମିକାକୁ ନେଇ ସାଧାରଣରେ କ୍ଷୋଭ

### ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିଲା କମିଟି

### କେବଳ ପାସ୍ ବଣ୍ଟନରେ ସୀମିତ ରହିଛି ମନ୍ତ୍ରୀସ୍ତରୀୟ କମିଟି

■ **ଭୁବନେଶ୍ୱର, ୨୯।୬ (ସମିସ):** ଚଳିତ ରଥଯାତ୍ରା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ ଏବଂ ଭକ୍ତଗଣ ନିଜେ ଦିବ୍ୟ ଏବଂ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ନିଜେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ମାତ୍ର ରଥଯାତ୍ରା ଆରମ୍ଭରୁ ମୋଦକ ଚୋରିରୁ ବିଭ୍ରାଟ ଆରମ୍ଭ ହୋଇଥିବା ବେଳେ ରବିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରବିବାର ପ୍ରତ୍ୟୁଷରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯାଇଛି। ଶ୍ରୀଗୁଣ୍ଡିଚା ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯିବା ଇତିହାସରେ ପ୍ରଥମ ଘଟଣା ହୋଇଥିବା ବେଳେ ଏହା ଦେଶବ୍ୟାପୀ ଜଗନ୍ନାଥପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ଏପରି ଅଭାବନୀୟ ଘଟଣା ପାଇଁ ପରିଚାଳନାଗତ ବିଭ୍ରାଟ, ସରକାରଙ୍କ ଭୂମିକା, ଅପାରଗତା ଏବଂ ହେୟଜ୍ଞାନ ମନୋବୃତ୍ତିକୁ ଦାୟୀ କରାଯାଉଥିବା ବେଳେ ରାଜ୍ୟ ସରକାର ନିଜ ଉପରୁ ଦୋଷ ଝାଡ଼ିବାକୁ ପୂରା ଉଦ୍ୟମ ଚଳାଇଛନ୍ତି। ରଥଯାତ୍ରା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟି, ଆଇନମନ୍ତ୍ରୀ, ପ୍ରଶାସକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କେବଳ ବଦଳି କରିଛନ୍ତି। କଠୋର କାର୍ଯ୍ୟାନୁଷ୍ଠାନ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୀମାହୀନ ଅବ୍ୟବସ୍ଥା, ଚରମ ଅପାରଗତା ଓ ଅସୀମ ଉଦାସୀନତା ଯୋଗୁଁ ଇତିହାସରେ ଯାହା କେବେ ଘଟି ନ ଥିଲା; ଚଳିତ ବର୍ଷ ତାହା ଘଟିଛି। ରଥଯାତ୍ରାର ସୁପରିଚାଳନା ପାଇଁ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଏହି କମିଟିର ଭୂମିକା ଏଯାବତ୍ କଣ ବୋଲି ଜଗନ୍ନାଥପ୍ରେମୀ ପ୍ରଶ୍ନ କରୁଛନ୍ତି। ଘୋଷଯାତ୍ରା ବେଳେ ଏହି କମିଟିରେ ସଦସ୍ୟ ଥିବା ମନ୍ତ୍ରୀମାନେ କେବଳ ସମର୍ଥକଙ୍କୁ ପାସ୍ ବାଣ୍ଟିବା ଛଡ଼ା କୁଟାକୁ ଦିଖଣ୍ଡ କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ରଥଯାତ୍ରା ପୂର୍ବରୁ ଆଇନ ମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ ତ୍ରୁଟିଶୂନ୍ୟ ଏବଂ ଶୃଙ୍ଖଳିତ ରଥଯାତ୍ରା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଆସୁଥିଲେ। ମାତ୍ର ଗତ ୩ ଦିନ ଧରି ଘଟଣାବଳୀ ରାଜ୍ୟ ସରକାରଙ୍କ ପାରିବାପଣିଆକୁ ସାଧାରଣରେ ଉଜାଗର କରିଛି। ସରକାରର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଉତ୍ତରଦାୟୀ ଓ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ମାତ୍ର ମୁଖ୍ୟମନ୍ତ୍ରୀ ନିଜର ସହଯୋଗୀ ▶ପୃଷ୍ଠା-୭

### ବାପାଙ୍କ ସମୟରେ ୬, ପୁଅ ସମୟରେ ୩ ମୃତ

■ **ଭୁବନେଶ୍ୱର, ୨୯।୬ (ସମିସ):** ଦୁଇଦିନ ତଳେ ଚଳିତ ବର୍ଷ ରଥଯାତ୍ରାକୁ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଅବଶ୍ୟ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ତାହା ଭୁଲ ବୋଲି କୁହାଯାଇ ପାରିବ ନାହିଁ। ଚଳିତ ବର୍ଷ ରଥଯାତ୍ରା ଅବ୍ୟବସ୍ଥାରେ ଇତିହାସ ସୃଷ୍ଟି କରିଛି। ଅତୀତର ଇତିହାସ ଲେଉଟାଇଲେ ଏପରି ବିଶୃଙ୍ଖଳା କେବେ ଘଟି ନ ଥିଲା ଓ ଭବିଷ୍ୟତରେ ଘଟିବ କି ନାହିଁ ସନ୍ଦେହ। ତେବେ ଚଳିତ ବର୍ଷ ରଥଯାତ୍ରାରେ ଏକ ଐତିହାସିକ ସଂଯୋଗ ଦେଖିବାକୁ ମିଳିଛି। ୧୭ ବର୍ଷ ତଳେ ଅର୍ଥାତ୍ ୨୦୦୮ରେ ବିଶ୍ୱଭୂଷଣ ହରିଚନ୍ଦନ ଆଇନମନ୍ତ୍ରୀ ଥିବାବେଳେ ରଥଯାତ୍ରାରେ ଦଳାଚକଟା ହୋଇଥିଲା। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ ଏବଂ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିଛି। ଏବେ ଆଇନମନ୍ତ୍ରୀ ଥିବା ବିଶ୍ୱଭୂଷଣଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମୟରେ ଦଳାଚକଟାରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି










# ରାତି ୧୨ଟାରେ ପହୁଡ଼ ହେଲା କାହିଁକି?

**ପୁରୀ,୨୯।୬(ସମିସ):** ଅନେକ ସମୟରେ ମହାପ୍ରଭୁଙ୍କୁ ରାତି ରାତି ଉଜାଗର ରଖାଯାଇଛି। ସେବାୟତଙ୍କ ମଧ୍ୟରେ ବିବାଦ ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ରତ୍ନସିଂହାସନରେ ଅନିଦ୍ରା ରହିଛନ୍ତି ଠାକୁର। ଏମିତି ବି ନୂଆବର୍ଷରେ ଅଧରାତିରୁ ଠାକୁରଙ୍କୁ ନିଦରୁ ଉଠାଇ ଦିଆଯାଉଛି। ଅତୀତକୁ ଖୋଜିଲେ, ଜଣାପଡ଼ିବ ବର୍ଷକରେ ଅନେକ

- ■ ପୂର୍ବରୁ ମହାପ୍ରଭୁଙ୍କୁ ରାତିରାତି ଉଜାଗର ରଖାଯାଇଛି
- ■ ସ୍ଥିତି ନ ଥିବାବେଳେ ପହୁଡ଼ ସଅଳ କାହିଁକି କଲେ?

ଦିନ ଶ୍ରୀମନ୍ଦିରରେ ପହୁଡ଼ ହୋଇନଥାଏ। ହେଲେ ଠାକୁର ଯେତେବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଆଉ ଶରଧାବାଲିରେ ହଜାରହଜାର ଭକ୍ତ କାଳିଆ ଠାକୁରଙ୍କୁ ଦେଖିବା ଲାଗି ବ୍ୟାକୁଳତା ପ୍ରକାଶ କରୁଛନ୍ତି, ସେତେବେଳେ ସଅଳ ପହୁଡ଼ କାହିଁକି ହେଲା? ସେଭଳି ସ୍ଥିତି ନଥିବା ବେଳେ କାହା ନିର୍ଦ୍ଦେଶରେ ରାତି ୧୨ଟାରେ ପହୁଡ଼ କରାଗଲା? ଯଦି ପହୁଡ଼ ହୋଇ ନଥା'ନ୍ତା, ତେବେ କ'ଣ ଅସୁବିଧା ହୋଇଥା'ନ୍ତା? ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରୁଥିବାବେଳେ ସମସ୍ତେ ପ୍ରଶାସନର ଦାୟିତ୍ୱହୀନତା ଓ ଅବହେଳାକୁ ଦାୟୀ କରିଛନ୍ତି।

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନ୍ୟ ଦେବଦେବୀଙ୍କଠାରୁ ଭିନ୍ନ। ଏଠାରେ ମାନିବୀୟ ଲୀଳା କରିଥା'ନ୍ତି ଦାରୁଦିଅଁ। ଭୋର୍‌ରୁ ବିଳମ୍ବିତ ରାତିରେ ସାଧାରଣ ମଣିଷ ଭଳି ଠାକୁରଙ୍କ ସେବାପୂଜା କରାଯାଏ। ରାତିରେ ଶ୍ରୀଜୀଉମାନେ ନିଦ୍ରା ଯାଆନ୍ତି, ଯାହାକୁ ଆମେ ଶ୍ରୀମନ୍ଦିରରେ ରାତ୍ରପହୁଡ଼ ବୋଲି କହିଥାଉ। କେଉଁ ସମୟରେ ପହୁଡ଼ ପଡ଼ିବ ତାହାର ନିର୍ଦ୍ଦିଷ୍ଟ ସମୟ ବି ସ୍ଥିର ଥାଏ। ହେଲେ ନୀତିବିଳମ୍ବ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଅନେକ ସମୟରେ ଶ୍ରୀମନ୍ଦିରରେ ପହୁଡ଼ ସମ୍ଭବ ହୋଇପାରିନଥାଏ। ଏମିତି ବି ବିଭିନ୍ନ ସମୟରେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ନୀତିରେ ବିଳମ୍ବ ହେଲେ ପହୁଡ଼ ହୋଇନଥାଏ। ଆବଶ୍ୟକସ୍ଥଳେ ଠାକୁରଙ୍କୁ କେତେବେଳେ ଘଣ୍ଟାଏ ତ ପୁଣି କେତେବେଳେ ୨ ଘଣ୍ଟାରେ ନିଦରୁ ଉଠାଇ ଦେଇଥା'ନ୍ତି। ତେଣୁ ସବୁଦିନ ପହୁଡ଼ ହେବା ବାଧ୍ୟ ଏମିତି ବି କିଛି ଧରାବନ୍ଧା ନାହିଁ। ଅବଶ୍ୟ ପ୍ରତିଦିନ ଠାକୁରଙ୍କୁ ବିଶ୍ରାମ ଦିଆଯିବା କଥା। କିନ୍ତୁ ତାହା ପାଳନ କରାଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ବହୁଳ ନୀତିକାନ୍ତି ଯୋଗୁଁ ଗତ ୧୦ଦିନ ରାତ୍ରପହୁଡ଼ ହୋଇନାହିଁ। ତେଣୁ ଶନିବାର ରାତିରେ ରାତ୍ରପହୁଡ଼ ପାଇଁ କାହିଁକି ଏତେ ତତ୍ପରତା ଦେଖାଗଲା, ତାହା ମଧ୍ୟ ବୁଝାପଡୁ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହାପ୍ରଭୁ ହେଉଛନ୍ତି ଭକ୍ତପ୍ରିୟ। ସେଇଥିପାଇଁ ବର୍ଷକୁ ଥରେ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଅବସରରେ ବଡ଼ଦାଣ୍ଡରେ ସବୁ ଧର୍ମ, ସବୁ ସମ୍ପ୍ରଦାୟର ଭକ୍ତ ଚର୍ମ ଚକ୍ଷୁରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ସୁଯୋଗ ପାଆନ୍ତି। ରଥରେ ଠାକୁରଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅନେକ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ପାଇଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ଚାହାନ୍ତି ନାହିଁ। ତେଣୁ ସେମାନେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବାକୁ ପସନ୍ଦ କରିଥା'ନ୍ତି। ଯେଉଁଥିପାଇଁ ଗତ କିଛି ବର୍ଷ ହେବ, ଠାକୁର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଥିବା ବେଳେ ରାତିରେ ପ୍ରବଳ ଭିଡ଼ ହୋଇଥାଏ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଚାଲେ। ବିଶେଷକରି କଟକ, ଭୁବନେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଆଖପାଖ ଜିଲ୍ଲାରୁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରାତିରେ ଆସି ଦର୍ଶନ ସାରି ରାତାରାତି ଫେରିଯା'ନ୍ତି। ପ୍ରଶାସନ ଏବଂ ସେବାୟତ ଏସବୁ ଜାଣିଛନ୍ତି। କିନ୍ତୁ କ'ଣ ପାଇଁ ଶନିବାର ରାତିରେ ଶରଧାବାଲିରେ ଭକ୍ତଙ୍କ ଭିଡ଼ ଥିବା ବେଳେ ରାତି ୧୨ଟାରୁ ୧୨ଟା ୧୫ ମଧ୍ୟରେ ପହୁଡ଼ କରିଦେଲେ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଯଦି ଠାକୁରଙ୍କର ପହୁଡ଼ ହୋଇ ନ ଥାନ୍ତା, କିମ୍ବା ଘଣ୍ଟାଏ ପାଇଁ ପହୁଡ଼ କରାଯାଇଥା'ନ୍ତା ତେବେ ଏତେବଡ଼ ଅଘଟଣ ଘଟି ନଥାନ୍ତା ବୋଲି ମତ ଦେଇଛନ୍ତି ଶ୍ରଦ୍ଧାଳୁ। ଦର୍ଶନ ଚାଲିଥିଲେ ଭକ୍ତଙ୍କର ଯିବାଆସିବା ଲାଗିଥା'ନ୍ତା। ତେଣୁ ଏତେଟା ଭିଡ଼ ହୋଇନଥା'ନ୍ତା। ଯେଉଁ ୩/୪ ଘଣ୍ଟା ପହୁଡ଼ ପାଇଁ ଦର୍ଶନ ବନ୍ଦ ରହିଲା, ତେଣୁ ପଛକୁ ପଛ ଭକ୍ତଙ୍କ ଗହଳି ଲାଗିଗଲା। ଫଳରେ ଦଳାଚକଟାକୁ ଡାକିଆଣିବା ଭଳି ହେଲା ବୋଲି କହିଛନ୍ତି ଭକ୍ତ ପ୍ରହଲ୍ଲାଦ ପରିଡ଼ା।



## ■ ମହାପ୍ରଭୁ କାହାର ଗର୍ବ ରଖିନାହାନ୍ତି: ଶୁଭାଶିଷ

ମହାପ୍ରଭୁ କାହାରି ଗର୍ବ ରଖି ନାହାନ୍ତି। ଗତବର୍ଷ ରଥଯାତ୍ରାରେ ବଡ଼ ଠାକୁର ପଡ଼ିଯିବା ପରଠାରୁ ଯେଉଁ ସବୁ ଭୁଲ୍ କରିଚାଲିଛନ୍ତି, ସେଥିପ୍ରତି ସରକାର ଚେତିଯିବା ଆବଶ୍ୟକ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ଭୁଲ୍ ପାଇଁ ମହାପ୍ରଭୁଙ୍କ ପାଖରେ ଶରଣ ପଶି କ୍ଷମାପ୍ରାର୍ଥନା କରନ୍ତୁ। ଦେଖିବେ ଏହାପରେ କୌଣସି ଅଘଟଣ ଘଟିବ ନାହିଁ। ସେବାୟତଙ୍କୁ ରଥ ଉପରୁ ଭିଡ଼ି ତଳକୁ ଓହ୍ଲାଇବା, ସାମ୍ବାଦିକଙ୍କୁ ମାଡ଼ ମାରିବା ଆଦି କି' ପ୍ରକାର ମାନସିକତା। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରାଯାଇପାରୁନି। ରଥଯାତ୍ରାରେ ପ୍ରାୟ ୬୦୦ ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହେଲେ। କିଛି ଭକ୍ତ ମଧ୍ୟ ମରିଛନ୍ତି। ଏତେ ଅବ୍ୟବସ୍ଥା ପୂର୍ବରୁ କେବେ ଦେଖାଯାଇନଥିଲା। ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଆଇନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏକାଧିକ ବୈଠକ କରିଛନ୍ତି। ହେଲେ ସ୍ଥିତି କ'ଣ ହେଲା? ରଥଯାତ୍ରାକୁ ଆସି ଭକ୍ତ ମଲେ। ଏଥିରୁ ସମନ୍ୱୟ ଅଭାବ ଜଳଜଳ ଦିଶୁଛି। ଆଗକୁ ଯେପରି ଏହିପରି ଅଘଟଣ ନଘଟେ, ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଜକୁ ସଜାଡ଼ନ୍ତୁ ବୋଲି ମତ ଦେଇଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ।

## ■ ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ: ସୁନୀଲ

ଚଳିତବର୍ଷ ରଥଯାତ୍ରା ଅବସରରେ ଯେଉଁ ସବୁ ଅଘଟଣ ଘଟି ଚାଲିଛି, ତାହା ବାସ୍ତବିକ ବେଶ୍ ଦୁଃଖଦାୟକ। ଏହି ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ ବୋଲି କହିଛନ୍ତି ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି। ଶରଧାବାଲିରେ ଦଳଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସମ୍ପର୍କରେ ପ୍ରତିକ୍ରିୟା ରଖି ସୁନୀଲ କହିଛନ୍ତି, ଏଥିରେ ପ୍ରଶାସନିକ ଅଧିକାରୀଙ୍କର ତ୍ରୁଟି ରହିଛି। ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନିକ ଅଧିକାରୀମାନେ ଫେଲ୍ ମାରିଛନ୍ତି। ଦୋଷ ସ୍ୱୀକାର କରନ୍ତୁ ଅଧିକାରୀ। ରଥଟଣା ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। କାହା ସ୍ୱାର୍ଥରେ ହଜାର ହଜାର କର୍ଡନ୍ ପାସ୍ କରାଯାଇଛି। ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବା ଦରକାର ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି।

## ■ ଅହଂକାର ଯୋଗୁଁ ଅଘଟଣ: ରାମକୃଷ୍ଣ

ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଛି। ଏଥିପାଇଁ କିଏ ଦାୟୀ, ଏହାର ଖୋଳତାଡ଼ କରାଯାଉଥିବାବେଳେ ଏହାକୁ ନେଇ ସମସ୍ତେ ପ୍ରଶାସନିକ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ବରିଷ୍ଠ ଦଇତାପତି ସେବକ ତଥା ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଅହଂକାର ଯୋଗୁଁ ଆଜି ଏଭଳି ଅଘଟଣ ଘଟିଛି। ଏହି ଅଘଟଣ ପାଇଁ ସରକାର ଏବଂ ପ୍ରଶାସନ ସଚେତନ ହୋଇଯିବା ଦରକାର। ନିଶ୍ଚିତ ଭାବେ କେଉଁଠି ତ୍ରୁଟି ରହିଲା। ତେଣୁ ସଠିକ୍ ଅଧିକାରୀଙ୍କୁ ପଚରିଚାଳନା ଦାୟିତ୍ୱ ଦିଆଯିବା ଦରକାର।

## ■ ୭୫ ଭାଗ ବ୍ୟାରିକେଡ୍ କାହିଁକି: ବିନାୟକ

ଚଳିତବର୍ଷ ରଥଯାତ୍ରାରେ ଆରମ୍ଭରୁ ବିଭ୍ରାଟ ଲାଗି ରହିଛି। ଏଥର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୭୫ ଭାଗ ଜାଗାକୁ ବ୍ୟାରିକେଡିଂ କରାଯାଇଛି ବୋଲି କହିଛନ୍ତି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର। ବ୍ୟାରିକେଡିଂ ଏତେ ଜାଗା ମାଡ଼ି ବସିବାରୁ ଭକ୍ତଙ୍କ ଚଳାଚଳରେ ସମସ୍ୟା ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ରଥ ଲାଗିଲେ ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। ଏହା ସ୍ୱାଭାବିକ କଥା। କିନ୍ତୁ ବଡ଼ ବ୍ୟାରିକେଡିଂ ଯୋଗୁଁ ନନ୍ଦିଘୋଷ ରଥ ପାଖରେ ଯାତାୟାତ ପାଇଁ ମାତ୍ର ୨ରୁ ୩ ଫୁଟ୍ ଜାଗା ରହିଥିଲା। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲା ନାହିଁ। ଆଗକୁ ମହାପ୍ରଭୁଙ୍କର ବଡ଼ବଡ଼ କାମ ରହିଛି। ଏଭଳି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ଅଧିକାରୀମାନେ ସମସ୍ତଙ୍କ ସହ ସମନ୍ୱୟ ରଖିବା ଦରକାର ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି।

# ଫେଲ୍ ମାରିଲା କଣ୍ଟ୍ରୋଲ ରୁମ୍, ଏଆଇ କ୍ୟାମେରା

**ଦାୟିତ୍ୱରେ ଥିବା ପୁଲିସ ବାବୁ କ'ଣ କରୁଥିଲେ**

**କାହିଁକି ଭକ୍ତଙ୍କ ଭିଡ଼ର ସୂଚନା ଦିଆଗଲା ନାହିଁ**

**ପୁରୀ,୨୯।୬(ସମିସ):** ଏଥର କୁମ୍ଭମେଳା ଷ୍ଟାଇଲ୍‌ରେ ହେବ ଟ୍ରାଫିକ୍ ନିୟନ୍ତ୍ରଣ। ଏକାଧିକ ସ୍ଥାନରେ ରହିବ ଭେଇକିଲ୍ ହୋଲ୍ଡିଂ ଏରିଆ। ପ୍ରଥମକରି କାର୍ଯ୍ୟକ୍ଷମ ହେବ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର। ଡିଜିଟାଲ ନେଟ୍‌ୱର୍କ ସିଷ୍ଟମ ବ୍ୟବହାର କରିବ ପୁଲିସ। ୧୦ଟି କମ୍ୟୁନିକେସନ ସିଷ୍ଟମ ମାଧ୍ୟମରେ ଟିମ୍ ୱାଇଜ୍ ହେବ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ। ୱର୍ ରୁମ୍ ବା କଣ୍ଟ୍ରୋଲ ରୁମ୍‌ରୁ ନିୟନ୍ତ୍ରିତ ହେବ ସମସ୍ତ ଟ୍ରାଫିକ୍ ବ୍ୟବସ୍ଥା। ସେହିପରି ଏଆଇ କ୍ୟାମେରା ରଥଯାତ୍ରାକୁ ଜଗିବ। ଏଥର ଘୋଷଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଏଥର ରଥଯାତ୍ରା ତ୍ରୁଟିଶୂନ୍ୟ ରହିବ ବୋଲି ବିଭିନ୍ନ ବୈଠକରେ ପୁଲିସର ମୁଖିଆମାନେ କହିଥିଲେ। ଚଳିତବର୍ଷ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରକୁ ନେଇ ବଡ଼ବଡ଼ କଥା କହିଥିଲେ ପୁଲିସ ଅଧିକାରୀ। ଯଦି ରାତି ୧୨ଟା ପରେ ରଥ ସମ୍ମୁଖରେ ଭକ୍ତଙ୍କ ଭିଡ଼ ବଢୁଥିଲା, ମାଟିଆପଡ଼ା ଛକଆଡୁ ଗୁଣ୍ଡିଚା ମନ୍ଦିର ଆଡ଼କୁ ଶ୍ରଦ୍ଧାଳୁମାନେ ମାଡ଼ି ଆସୁଥିଲେ; ସେତେବେଳେ ଏଆଇ କ୍ୟାମେରାରେ ଜଣାପଡ଼ିଲାନି କେମିତି? ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ଥିବା ବରିଷ୍ଠ ପୁଲିସ ଅଧିକାରୀମାନ କରୁଥିଲେ କ'ଣ? ସେମାନେ ଯଦି କଣ୍ଟ୍ରୋଲ ରୁମ୍‌ରୁ ଭିଡ଼ ଦେଖି ସୂଚନା ଦେଇଥାନ୍ତେ, ତେବେ ରଥ ପାଖରେ ଥିବା ସୁରକ୍ଷା କର୍ମୀ ସତର୍କ ହୋଇପାରିଥାନ୍ତେ। ନଚେତ୍ ଭକ୍ତଙ୍କ ପ୍ରବେଶକୁ ମାଟିଆପଡ଼ା ଛକରେ ଅଟକାଇ ଦିଆଯାଇପାରିଥା'ନ୍ତା। ହେଲେ ସେମିତି କିଛି ହେଲାନି। ଫଳରେ ଏକ ବଡ଼ଧରଣର ଅଘଟଣ ଘଟି ୩ ଜଣଙ୍କ ଜୀବନ ଆକାଳରେ ଚାଲିଗଲା।

■ ଅଘଟଣ ପରେ ଚେତା ପଶିଲା

# ଆଡ଼ପ ପହଣ୍ଡି ତଦାରଖ କଲେ ନେତା, ମନ୍ତ୍ରୀ, ଅଧିକାରୀ

**ପୁରୀ, ୨୯।୬ (ସମିସ):** ଜୀବନ ଯିବା ପରେ ଚେତିଲେ ସରକାର। ଆଡ଼ପ ପହଣ୍ଡିରେ ଯେପରି କୌଣସି ପ୍ରକାର ଅଘଟଣ ନ ହୁଏ, ସେଥିପାଇଁ କର୍ଡନ ଭିତରେ ମାଳମାଳ ନେତା, ମନ୍ତ୍ରୀ, ଅଧିକାରୀଙ୍କୁ ଦେଖିବାକୁ ମିଳିଥିଲା। ଏମିତି ବି ଗତବର୍ଷ ଆଡ଼ପ ପହଣ୍ଡି ଅଘଟଣ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଇଥିଲା। ପହଣ୍ଡି ସମୟରେ ଚାରମାଳ ଉପରେ ହାମୁଡ଼େଇ ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ, ଚଳିତବର୍ଷ ରଥ ସମ୍ମୁଖରେ ଦଳାଚକଟାରେ ମୃତ୍ୟୁ ପରେ ଆଡ଼ପ ପହଣ୍ଡି ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ। ସେଥିଲାଗି ମାଳମାଳ ନେତା, ମନ୍ତ୍ରୀ ଓ ଅଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଥିଲେ।



**ପଣ୍ଡା ଘର ପିଲାଙ୍କ ନିଆରା ପରମ୍ପରା**

# ଦଶ ଅବତାର ମଠକୁ ବିଜେ ମହାପ୍ରଭୁ

**ପୁରୀ,୨୯।୬(ସମିସ):** ମହାପ୍ରଭୁଙ୍କ ସେବାରେ ପଣ୍ଡା, ପ୍ରତିହାରୀ, ସିଂହାରୀ ଆଦି ବିଭିନ୍ନ ପ୍ରକାରର ସେବକ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦେଇଥା'ନ୍ତି। ଏହି ସେବକମାନଙ୍କ ମଧ୍ୟରୁ ପଣ୍ଡା ଘରର ପିଲାମାନଙ୍କର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏହି ଘରର ପିଲାମାନେ ଛୋଟ ଛୋଟ ରଥ ପ୍ରସ୍ତୁତ କରି ଏହି ରଥରେ ମହାପ୍ରଭୁଙ୍କୁ ବସାଇ ଗୁଣ୍ଡିଚା ମନ୍ଦିର ପାଖରେ ଥିବା ଦଶ ଅବତାର ମଠ ପାଖକୁ ଆଣିଥା'ନ୍ତି। ଏହି ଦଶ ଅବତାର ମଠ ହେଉଛି ଏହି ଛୋଟ ରଥରେ ବିଜେ କରିଥିବା ମହାପ୍ରଭୁଙ୍କ ଜନ୍ମସ୍ଥାନ। ଯେତେବେଳେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ କରିଥା'ନ୍ତି ସେହି ସମୟରେ ଏହି ଛୋଟ ରଥରୁ ମହାପ୍ରଭୁ ମଧ୍ୟ ଦଶ ଅବତାର ମଠକୁ ବିଜେ କରିଥା'ନ୍ତି। ଆଡ଼ପ ଅବଢ଼ା ପରି ଏହି ମଠରେ ମଧ୍ୟ ମହାପ୍ରଭୁଙ୍କୁ ଅନ୍ନ, ଡାଲି ସହିତ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଅର୍ପଣ କରାଯାଇଥାଏ। ବଡ଼ ରଥ ଗୁଣ୍ଡିଚା ମନ୍ଦିର ପାଖରେ ଲାଗିଲେ ଏହି ଛୋଟ ରଥ ମଧ୍ୟ ଗୁଣ୍ଡିଚା ମନ୍ଦିର ପାଖ ଦଶ ଅବତାର ମନ୍ଦିର ପାଖରେ ଲାଗିଥାଏ। ବଡ଼ ରଥ ଯଦି ବଡ଼ଦାଣ୍ଡରେ କେଉଁ ଛକ ପାଖରେ ଅଟକିଯାଏ, ଏହି ଛୋଟ ରଥ ମଧ୍ୟ ଅଧାରାସ୍ତାରେ ଅଟକି ଯାଇଥାଏ। ବଡ଼ ରଥ ଗୁଣ୍ଡିଚା ମନ୍ଦିର ପାଖକୁ ଆସିଲେ ଏହି ଛୋଟ ରଥ ମଧ୍ୟ ତାଙ୍କ ପଛରେ ଆସିଥାଏ। ବଡ଼ ରଥରେ ଯାହା ଯାହା ନୀତିକାନ୍ତି ହୋଇଥାଏ ଏହି ଛୋଟ ରଥରେ ମଧ୍ୟ ସେହି ନୀତିକାନ୍ତି ହୋଇଥାଏ। ବହୁଡ଼ା ବିଜେ ସହିତ ସୁନାବେଶ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏନେଇ ଛୋଟ ରଥ ସେବାରେ ନିୟୋଜିତ ପଣ୍ଡିତ ସତ୍ୟନାରାୟଣ ମିଶ୍ର କୁହନ୍ତି, ଯେଉଁମାନେ ବଡ଼ ରଥ ଟାଣିପାରନ୍ତି ନାହିଁ ସେମାନେ ଏହି ଛୋଟ ରଥକୁ ଟାଣି ଆଣି ଆତ୍ମସନ୍ତୋଷ ଲାଭ କରିଥା'ନ୍ତି। ଶ୍ରଦ୍ଧାଳୁମାନେ ଏହି ରଥ ପାଖକୁ ଆସି ରଥ ଦଉଡ଼ି ଛିଣ୍ଡାଇ ନେବା ସହ ମହାପ୍ରଭୁଙ୍କ କୃପାଲାଭ କରୁଛନ୍ତି ବୋଲି ସେ କହିଛନ୍ତି।







### କଟକ ଜିଲ୍ଲାପାଳ କାର୍ଯ୍ୟାଳୟ

# କିରାଣିଙ୍କୁ ବଦଳି ଆଳରେ ଥଇଥାନ!

**କଟକ, ୨୯।୬(ସମିସ)**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିଙ୍କ ବଦଳି ଆଦେଶ ଗତ ୧୪ ତାରିଖରେ (ଆଦେଶ ସଂଖ୍ୟା ୩୨୭୦) ପ୍ରକାଶ ପାଇଥିଲା। ଏଥିରେ ତହସିଲ, ବ୍ଲକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୧୦୬ ଜଣ କିରାଣିଙ୍କ ବଦଳି କରାଯାଇଥିଲା। ଯେଉଁ କର୍ମଚାରୀ ମାନେ ଗୋଟିଏ କାର୍ଯ୍ୟାଳୟରେ ୫ ବର୍ଷରୁ ଅଧିକ ଦିନ କାର୍ଯ୍ୟ କରୁଥିଲେ ସେମାନଙ୍କୁ ବଦଳି କରାଯିବା ଉଦ୍ଦେଶ୍ୟରେ ଚଳିତ ମାସ ପ୍ରଥମ ସପ୍ତାହରେ ଜିଲ୍ଲା ବଦଳି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ସରକାରୀ ନୀତିନିୟମକୁ ଆଖିଠାର ମାରିବା ଭଳି ବଦଳି ଆଦେଶ ଜାରି ହୋଇଥିବା ଅଭିଯୋଗ ହୋଇଛି। ଉପରୋକ୍ତ ବଦଳି ଆଦେଶରେ ଯେଉଁ କର୍ମଚାରୀ ମାନଙ୍କର ବଦଳି କରାଯାଇଥିଲା ଇତି ମଧ୍ୟରେ ଅନ୍ୟ ଏକ ବଦଳି ଆଦେଶ ସଂଖ୍ୟା ୩୫୪୨ ତାରିଖ ୨୬/୦୬/୨୦୨୫ ଅନୁଯାୟୀ ସେହି ଆଦେଶକୁ ପରିବର୍ତ୍ତନ କରାଯାଇ କିଛି କର୍ମଚାରୀଙ୍କୁ ସୁହାଇବା ଭଳି ଆଉ ଏକ ଆଦେଶ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ବିରୁଦ୍ଧରେ ଚାକିରି ପାଇବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ବଦଳି ନହୋଇ ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଦଳି ଆଦେଶ ଜାରି ହୋଇଥିଲା। ହେଲେ ବଦଳି ଆଦେଶକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ଜଣାପଡୁଛି ବଦଳି ଆଳରେ କିଛି କର୍ମଚାରୀଙ୍କୁ କେବଳ ଥଇଥାନ କରାଯାଇଛି। ଜିଲ୍ଲା ସଂସ୍ଥା ବିଭାଗରେ କାର୍ଯ୍ୟରତ କିଛି ବରିଷ୍ଠ କିରାଣୀଙ୍କୁ ବଦଳି ନାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା କଟକ ସଦର ତହସିଲରେ ଥଇଥାନ କରାଯିବା ସହିତ ଅନ୍ୟ କିଛି କିରାଣୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨୦ ରୁ ୩୦ ମିଟର ଦୂରରେ ଥିବା କଟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥଇଥାନ କରାଯାଇଅଛି। ଏତଦବ୍ୟତୀତ ଅନ୍ୟ କିଛି କର୍ମଚାରୀଙ୍କୁ ଜିଲ୍ଲା ସଦର ମହକୁମା ନିକଟସ୍ଥ କାର୍ଯ୍ୟାଳୟ ମାନଙ୍କରେ ଥଇଥାନ କରାଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଦକ୍ଷ କର୍ମଚାରୀମାନେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରୁଥିଲେ ମଧ୍ୟ ସେମାନଙ୍କୁ କାହିଁକି ଜିଲ୍ଲାପାଳଙ୍କ କର୍ଯ୍ୟାଳୟ କିମ୍ବା ସଦର ମହକୁମାରେ ଥିବା ଅନ୍ୟ କର୍ଯ୍ୟାଳୟକୁ ବଦଳି କରି ଅଣାଯାଉ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କୁ ଜିଲ୍ଲାର ଦୂର ଦୁରାନ୍ତରେ ଥିବା ଅନ୍ୟ କର୍ଯ୍ୟାଳୟ ଗୁଡିକୁ ବଦଳି କରାଯାଉଅଛି। ଏହାଦ୍ୱାରା କିଛି ଅସାଧୁ କର୍ମଚାରୀ ମାନଙ୍କୁ ଦୀର୍ଘ ଦିନ ଗୋଟିଏ ସ୍ଥାନରେ ରହି ବଦଳି ନହୋଇ ଦୁର୍ନୀତିକୁ ଅଗ୍ରାଧିକାର ଦେବାକୁ ଜିଲ୍ଲା ପ୍ରଶାସନ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ଉଠିଛି।

ଆଠଗଡ଼ ସଦର ମହକୁମାରେ ଆଠଗଡ଼ ଉପଜିଲ୍ଲାପାଳ କର୍ଯ୍ୟାଳୟ, ତହସିଲ, ବ୍ଲକ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ଯ୍ୟାଳୟ ଗୋଟିଏ ସ୍ଥାନରେ ଅବସ୍ଥିତ। ସେହି କର୍ଯ୍ୟାଳୟରେ କିଛି କର୍ମଚାରୀ ଚାକିରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୧୫ ବର୍ଷରୁ ଅଧିକ ଦିନ ଧରି ସେହି ପରିସର ମଧ୍ୟରେ ଏ ଅଫିସରୁ ସେ ଅଫିସକୁ କେବଳ ବଦଳି ହେଉଛନ୍ତି। ଯଦି କୌଣସି କର୍ମଚାରୀଙ୍କ ବଦଳି ହେଉଛି ତାହହେଲ ଜିଲ୍ଲା ସଂସ୍ଥା ବିଭାଗର ଦାୟିତ୍ୱରେ ଥିବା ଜଣେ ବରିଷ୍ଠ କିରାଣୀ ଖୁବ କମ ଦିନ ମଧ୍ୟରେ କ୍ଷମତାର ଦୁରୂପଯୋଗ କରି ବଦଳି ଆଦେଶକୁ ପରିବର୍ତ୍ତନ କରିଦେଉଥିବା ମଧ୍ୟ ଅଭିଯୋଗରେ କୁହାଯାଇଛି। ଜିଲ୍ଲା ସଂସ୍ଥା ବିଭାଗରେ ବଦଳି ଦାୟିତ୍ୱରେ କାର୍ଯ୍ୟରତ ସମ୍ପୃକ୍ତ ବରିଷ୍ଠ କିରାଣୀ, ଜିଲ୍ଲା ସଂସ୍ଥା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ମଧ୍ୟରେ ସଲାସୁତୁରା ଚାଲିଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଏ ଦିଗରେ ତଦନ୍ତ କରିବା ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ କିଛି ସାମାଜିକକର୍ମୀ ନିବେଦନ କରିଛନ୍ତି।

# ରାଷ୍ଟ୍ରପତିଙ୍କୁ 'ଭୂମିକନ୍ୟା ଲଳିତା' ସମ୍ମାନ ପ୍ରଦାନ

**କଟକ, ୨୯।୬(ସମିସ):** ଭାରତର ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କୁ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନ ପକ୍ଷରୁ ଭୂମିକନ୍ୟା ଲଳିତା ସମ୍ମାନରେ ସମ୍ମାନିତ କରାଯାଇଛି। ଜୁନ ୨୪ ତାରିଖ ଦିନ ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରତିଷ୍ଠାନର ସଭାପତି ହୃଷିକେଶ ଦେହୁରୀଙ୍କ ନେତୃତ୍ୱରେ ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ପ୍ରତିଷ୍ଠାନର ସଭ୍ୟ ସଭ୍ୟାଙ୍କ ଗହଣରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କୁ 'ଭୂମିକନ୍ୟା ଲଳିତା' ନାମରେ ନାମିତ କରି ରୌପ୍ୟ ଉପଢୌକନ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏଥିରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ବଂଶୀଧର ଦେହୁରୀ, ରତ୍ନାକର ଦେହୁରୀ, ରଙ୍କନିଧି ଦେହୁରୀ, ବିଦ୍ୟାଧର ବେହେରା, ଗୁନିଆ ବେହେରା, କାହ୍ନୁ ଚରଣ ସାମଲ, ମଦନ ମୋହନ ସାମଲ, ଆଇନ ପରାମର୍ଶଦାତା ଆଡ଼ଭୋକେଟ ଠାକୁର ମହନ୍ତ, ଆଡ଼ଭୋକେଟ ଦିନେଶ ଚନ୍ଦ୍ର ରାୟ, ସଙ୍ଗୀତା ରାଉତ, ରିତାରାଣୀ ବେହେରା, ବିଜୟ ବେହେରା, ବିରଞ୍ଚି ନାରାୟଣ ମଲ୍ଲିକ, ରବୀନ୍ଦ୍ରନାଥ ସୋରେନ, ସୁରେନ୍ଦ୍ର ଲୋହାର, ସୁଶ୍ରୀ ଦିବ୍ୟା ସୌମ୍ୟା, ସୌମ୍ୟ ନୀଳତପଲ, ଓମ ସାଇସ୍ୱରୂପ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କୁ କାଳିଆପଲ୍ଲୀ ସ୍ଥିତ ବିଶ୍ୱାବସୁ ପୀଠସ୍ଥଳର ଉନ୍ନତିକରଣ ନିମନ୍ତେ ଅବଗତ କରାଯିବା ସହିତ ଶବର ରାଜା ବିଶ୍ୱାବସୁଙ୍କ ନାମରେ ଓଡ଼ିଶାରେ ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ, ଶବର ଜାତିର ବିକାଶ ପାଇଁ ଭୁବନେଶ୍ୱରରେ ଓ ପୁରୀରେ ଦୁଇଟି ସଦନ ବା ନିବାସ ପାଇଁ ଜମି ଯୋଗାଇଦେବା, ଅନୁଦାନ ଯୋଗାଇଦେବା ଓ ଏଥିସହିତ ୯ ଦଫା ଦାବି ପ୍ରଦାନ କରାଯାଇଛି।



# ଶ୍ରୀ ଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପକ୍ଷରୁ ପ୍ରସାଦ ବଣ୍ଟନ



**କଟକ, ୨୯।୬(ସମିସ):** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ବଡ଼ଦାଣ୍ଡ ଶ୍ରୀକ୍ଷେତ୍ର ଧାମରେ ବିଭିନ୍ନ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଶନି ମନ୍ଦିର ଛକ ନିକଟରେ ଅଗଣିତ ଭକ୍ତମାନଙ୍କୁ ନିଃଶୁଳ୍କ ପ୍ରସାଦ ବିତରଣ, ଜଳ ବିତରଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁଙ୍କ ନେତୃତ୍ୱରେ ସେବା ଦଳ ମୁଖ୍ୟ ଗଣେଶ୍ୱର ବେହେରା ଏହି କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିଥିଲେ। ରଥାରୂଢ଼ ମହାପ୍ରଭୁଙ୍କ ରଥଟଣା ପୂର୍ବରୁ ବଡ଼ଦାଣ୍ଡ ସଫେଇ କାର୍ଯ୍ୟ ମଧ୍ୟ ଅନୁଷ୍ଠାନ ତରଫରୁ ଯଥା ସମ୍ଭବ କରାଯାଇଥିଲା। ମିଛୁ ଖଟୁଆ ସମେତ ଅଗଣିତ ଚାରଣମାନେ ଏହି ସେବାରେ ଲାଗିଥିଲେ। ଅନୁରୂପ ଭାବେ ଚାରଣ ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତାରେ ମହାପ୍ରଭୁଙ୍କ ସମ୍ମୁଖରେ ସଂକୀର୍ତ୍ତନ ସେବା ମଧ୍ୟ ଭାବଭକ୍ତି ସହିତ ପ୍ରଦର୍ଶନ କରାଯାଇଥିଲା। ମହାପ୍ରଭୁଙ୍କ କୃପାଲାଭ କରିବା ସହିତ ଚାରଣମାନେ ନିଜକୁ ସମର୍ପିତ କରି ସେବାକାର୍ଯ୍ୟରେ ନିମଗ୍ନ ହୋଇ ଅପୂର୍ବ ଆନନ୍ଦ ଲାଭ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ. ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତେ ନିଜ ନିଜର କାର୍ଯ୍ୟ ସମ୍ପାଦନା କରିଥିଲେ। ପୂର୍ବଦିନରୁ ଶତାଧିକ ଚାରଣ ମାନେ ଗୁଣ୍ଡିଚା ମନ୍ଦିର ନିକଟ ଚୈତନ ଚନ୍ଦ୍ର ଆଶ୍ରମରେ ଅବସ୍ଥାନ କରି ସମୁହ ସ୍ୱାଧ୍ୟାୟରେ ଭାଗନେଇଥିଲେ। ଆଶ୍ରମର ମଠାଧୀଶ ପୂଜ୍ୟ ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜଙ୍କ ଆଶୀର୍ବାଦ ଲାଭ କରିବା ସହିତ ଭାବଭକ୍ତି ପୂର୍ବକ ସମସ୍ତେ ସେବାର ସଂକଳ୍ପ ନେଇଥିଲେ। ଉପଦେଷ୍ଟା ଲିଙ୍ଗରାଜ ପତି, ବରିଷ୍ଠ ଚାରଣ ଭରତ ଚନ୍ଦ୍ର ନାଥ, କାହ୍ନୁ ଚରଣ ସାହୁ, ରୀନାରାଣୀ ବେହେରା, ସଞ୍ଜୟ ରାଉତ, ମନୋରଞ୍ଜନ ଭୂୟାଁ, କୁନି ସାହୁ ପ୍ରମୁଖ ବହୁତ ଚାରଣମାନେ କାର୍ଯ୍ୟକ୍ରମରେ ସହଯୋଗ କରି ସେବାକାର୍ଯ୍ୟକୁ ସଫଳ କରାଇଥିଲେ।

# ବିଶ୍ୱନାଥ ପଶାୟତ ସ୍ମୃତି କମିଟି ବୈଠକ



**କଟକ, ୨୯।୬(ସମିସ):** ବିଶ୍ୱନାଥ ପଶାୟତ ସ୍ମୃତି କମିଟିର ଏକ ବୈଠକ ଗତକାଲି ହଜାରୀଲେନ ସ୍ଥିତ ପଶାୟତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ଡ଼ଃ ଅରିଜିତ ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ତଥା ସମାଜସେବୀ ବିଶ୍ୱନାଥ ପଶାୟତଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଅକ୍ଟୋବର ୧୦ ତାରିଖରେ ହେବାକୁ ଥିବା ସ୍ମୃତି ସଭାରେ ସାଂସଦ ଭର୍ତ୍ତୃହରି ମହତାବ, ବରିଷ୍ଠ ଆଇନଜୀବୀ ନରସିଂହ ପାତ୍ର, ଡା. ହେମନ୍ତ କର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କବି ଅମରେଶ ପଟ୍ଟନାୟକଙ୍କୁ ସେମାନଙ୍କର ଜୀବନବ୍ୟାପୀ ସାଧନା ପାଇଁ 'ବିଶ୍ୱନାଥ ପଶାୟତ ସ୍ମାରକୀ ସମ୍ମାନ' ପ୍ରଦାନ କରିବାକୁ ସ୍ଥିର ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଚାରାରୋପଣ, ଛାୟା ଅଦାଲତ ପ୍ରତିଯୋଗିତା, ଦିବ୍ୟାଙ୍ଗଙ୍କୁ ଆବଶ୍ୟକ କୃତ୍ରିମ ଅଙ୍ଗ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ଏହି ବୈଠକରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ମନୋଜ ମିଶ୍ର, ମେୟର ସୁବାଷ ସିଂ, ବରିଷ୍ଠ ଆଇନଜୀବୀ ଅନୁପ ବୋଷ, ଡ. ବାବାଜୀ ଚରଣ ପଟ୍ଟନାୟକ, ଡ଼ଃ ସତ୍ୟ ରାୟ, ସଂଯତ ଦାସ, ଦୀପାଂଶୁ ଦାସ, ପ୍ରଦୀପ ପଟ୍ଟନାୟକ, ଅରବିନ୍ଦ ରାଉତରାୟ, ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ।

# କଟକରେ ଜାତୀୟ ପରିସଂଖ୍ୟାନ ଦିବସ



**କଟକ, ୨୯।୬(ସମିସ):** ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲୋ ନୋହିସଙ୍କ ଜନ୍ମଦିବସ ଅବସରରେ ଆଜି ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୫ ପାଳନ କରାଯିବା ସହ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସ୍ଥିତ ପରିସଂଖ୍ୟାନ ଉପବିଭାଗ ଅଧିନସ୍ଥ କେନ୍ଦ୍ରୀୟ ପରିସର ସଭାଗୃହଠାରେ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ସମସ୍ତ କାର୍ଯ୍ୟ ସଞ୍ଚାଳନ କରିବା ସହ ୭୫ ବର୍ଷ ଜାତୀୟ ନମୁନା ସର୍ବେକ୍ଷଣ ସମ୍ପର୍କରେ ଆଲୋକପାତ କରିଥଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହେଇଥିଲା। ଉକ୍ତ କର୍ମଶାଳା ଓ ସଭା ବୈଠକରେ ଡଃ. ଅର୍ଚ୍ଚନା ପାଣିଗ୍ରାହୀ, ସହକାରୀ ପ୍ରଫେସର ରେଭେନ୍ସା ବିଶ୍ୱ ବିଦ୍ୟାଳୟ ସଂଶାଧନ ବ୍ୟକ୍ତି ହିସାବରେ ଯୋଗଦେଇଥିଲେ ଏବଂ ବିଭିନ୍ନ ବିଭାଗରେ ବ୍ୟବହୃତ ହେଉଥିବା ପରିସଂଖ୍ୟାନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ ଯୋଗଦେଇ ପରିସଂଖ୍ୟାନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ବିଜ୍ଞାନା ନନ୍ଦ ମହାନ୍ତି ଯୋଗଦାନ କରି ଜାତୀୟ ନମୁନା ସର୍ବେକ୍ଷଣ ଉପରେ ତାଙ୍କର ମତାମତ ଉପସ୍ଥାପନ କରିଥିଲେ। କୃଷି ବିଭାଗର ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ଉପସ୍ଥିତ ରହି କୃଷି ବିଭାଗରେ ପରିସଂଖ୍ୟାନର ଉପଯୋଗ କରାଯାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ବିଭାଗରେ ପରିସଂଖ୍ୟାନ କିପରି ଭାବରେ ବ୍ୟବହୃତ ହୁଏ ସେହି ବିଷୟରେ ମଧ୍ୟ ଆଲୋଚନା କଲେ। ପରିସଂଖ୍ୟାନ ଓ କୃଷି ବିଭାଗ କିପରି ଭାବରେ ପରସ୍ପର ସହ ଓତଃପ୍ରୋତ ଭାବେ ଜଡିତ ତାହା ଉପରେ ତାଙ୍କର ମତାମତ ଉପସ୍ଥାପନ କରିଥିଲେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଡିପିଏମୟୁ କଟକ ଯୋଜନା ଏବଂ ପରିସଂଖ୍ୟାନ କିପରି ଭାବରେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ କଟକର ସମସ୍ତ ଅଧିକାରୀ, କ୍ଷେତ୍ରୀୟ କର୍ମଚାରୀ ଗଣ ଉପସ୍ଥିତ ଥିଲେ। ବୈଠକ ଶେଷରେ ଡିପିଏମୟୁ ସହ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ



**କଟକ, ୨୯।୬(ସମିସ):** ଉତ୍କଳ ଗ୍ରାମ ସ୍ୱରାଜ, ନେତାଜୀ ନଗର, କଟକ ଏବଂ ଉତ୍କଳ ଶିଶୁ ଶିକ୍ଷା ମନ୍ଦିର ମିଳିତ ଆନୁକୂଲ୍ୟରେ ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ନୂଆପଡ଼ା ଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ୯୭ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡକ୍ଟର ସୁନାମଣି ରାଉତ ଗୋପବନ୍ଧୁଙ୍କ ତ୍ୟାଗ ଓ ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ କଲିମୁଲ୍ଲା, ପଣ୍ଡିତ ଡ. ନୀଳକଣ୍ଠ ରାଉତ, କବି ରାଜକିଶୋର ସ୍ୱାଇଁ, ଡ. ଅଭୟ ଦାସ, ସମରେଶ ଭୂୟାଁ, ମନୋରଞ୍ଜନ ମିଶ୍ର, ଭଗବତୀ ଖଟୁଆ, କଲ୍ୟାଣୀ ନାୟକ, ଡ. ବସନ୍ତକୁମାରୀ ନନ୍ଦ, ବାବୁଲୀଧର ନାୟକ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଅଜୟ ଦାସ, ଆଇନଜୀବୀ ସଂଯୋଜ କୁମାର ସାମନ୍ତରାୟ, ନିଶିଥ କୁମାର ଦାଶ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉତ୍କଳମଣିଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପୂର୍ବରୁ କାଠଯୋଡି ନଦୀର ପବିତ୍ର ଗାଦି ଗୋସାଇଁ ଘାଟରେ ତିଳତର୍ପଣ କରାଯାଇଥିଲା। ସମ୍ପାଦକ ଅନନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଘରୋଇ ହସ୍ପିଟାଲ ମାଲିକ ସଂଘର ବୈଠକ

**କଟକ, ୨୯।୬(ସମିସ):** କଟକ ଆଇଏମଏ ପରିସରରେ ପ୍ରାଇଭେଟ୍ ହସ୍ପିଟାଲ ଓନର ଆସୋସିଏସନ, ଓଡ଼ିଶାର ଆହ୍ୱାନ କ୍ରମେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମର ମାଲିକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଏସକେୱାଇ କାର୍ଡ ଓ ନୂଆ ସରକାର ଲାଗୁ କରିଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଉପରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆୟୁଷ୍ମାନ କାର୍ଡରେ ରୋଗୀ ସେବା ପାଇଁ ପଞ୍ଜିକରଣ ଟିକେ ସମୟସାପେକ୍ଷ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ରୋଗୀ ସେବା କରିବା ପରେ ହସ୍ପିଟାଲ ଗୁଡିକ ସେମାନଙ୍କର ବିଲ ପାଇବାରେ କିଛିଟା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଡାକ୍ତର ତଥା ଘରୋଇ ହସ୍ପିଟାଲ ମାଲିକମାନେ ମତ ଦେଇଥିଲେ। ଆଗକୁ ସରକାର ସମସ୍ତ କଥା ବିଚାର କରି ଆୟୁଷ୍ମାନ କାର୍ଡକୁ ଆହୁରି ସହଜ, ସରଳ ଓ ଉପଯୋଗୀ କରିବେ ବୋଲି ଘରୋଇ ହସ୍ପିଟାଲ ଆସୋସିଏସନ ଆଶା ରଖିଛନ୍ତି। ଏହି ବୈଠକରେ ଆସୋସିଏସନର ଉପସଭାପତି ଡ. ଉମେଶ ରାୟ, ଡ. ହରିଶ ମିଶ୍ର, ଡ. ପିସି ମହାନ୍ତି, ସମ୍ପାଦକ ଅନ୍ନଦା ପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



# ଆସନ୍ତା ୨୬ରେ ଶ୍ରମିକ ନେତା ରାଜୁ ସିଂଙ୍କ ଶ୍ରାଦ୍ଧସଭା



**କଟକ, ୨୯।୬(ସମିସ):** ବିଶିଷ୍ଟ ରାଜନେତା ତଥା ବରିଷ୍ଠ ଶ୍ରମିକ ନେତା ରାଜୁ ସିଂଙ୍କ ଶ୍ରାଦ୍ଧ ସଭା ଆସନ୍ତା ଜୁଲାଇ ୨୬ରେ ପାଳନ କରାଯିବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୈଳ ବେହେରାଙ୍କ ଆବାହକତ୍ୱରେ 'ବସୁନ୍ଧରା' ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ତୃତୀୟ ବାର୍ଷିକୀ ଶ୍ରାଦ୍ଧ ସଭା ଶାରଳା ଭବନରେ ଆସନ୍ତା ୨୬ ପୂର୍ବାହ୍ଣ ୧୧ଟାରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ୨ଜଣ ଶ୍ରମିକ ନେତା ଏବଂ ୨ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ହିନ୍ଦ ମଜୁଦୁର୍ ସଭାର ସମ୍ପାଦକ ପ୍ରଭାତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଶ୍ରମିକ ନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ଏଆଇଟିୟୁସି ନେତା କିଶୋର ଜେନା, କଟକ ମେହେନ୍ତର ସଂଘ ପ୍ରତିନିଧି ହରିବନ୍ଧୁ ନାୟକ, ଡା.ପ୍ରୟାସ ନାୟକ, ଶେଷଦେବ ପାତ୍ର, ଧର୍ମେଶ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନଳିନୀପ୍ରଭା ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ଶ୍ରମିକ ନେତା ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଫୋନ୍ ପେ'ରେ ମାତିଛନ୍ତି ସାଇବର ଲୁଟେରା

**କଟକ, ୨୯।୬(ସମିସ)**

ସମ୍ପ୍ରତି ଆର୍ଥିକ ନେଣଦେଣ ବ୍ୟବସ୍ଥାକୁ ଡିଜିଟାଲାଇଜ୍ କରାଯିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଫୋନ୍ ପେ'ଏକ ଭରସାଯୋଗ୍ୟ ମାଧ୍ୟମ ପାଲଟିଛି। ଏବେ ସାଧାରଣ ପାନଦୋକାନୀ ଠାରୁ ବଡ଼ ବ୍ୟବସାୟୀ ଯାଏଁ ସମସ୍ତେ ଫୋନ୍ ପେ' ବ୍ୟବହାର କରୁଛନ୍ତି। ଅନେକ ସମୟରେ ଟଙ୍କା ପଠାଇବା ବେଳେ ଫୋନ୍ ପେ'ରେ ବିଭିନ୍ନ ବୈଷୟିକ ତ୍ରୁଟି ଯୋଗୁଁ ସ୍ୱଳ୍ପ ସମୟ ପାଇଁ ଟଙ୍କା ଟ୍ରାନ୍ସଫର୍ ହୋଇ ପାରିନଥାଏ। ଟଙ୍କା ପଠାଉଥିବା ଲୋକର ଆକାଉଣ୍ଟରୁ ଟଙ୍କା କଟିଯାଏ। ସମ୍ପୃକ୍ତ ବ୍ୟାଙ୍କ୍ କିମ୍ବା ଫୋନ୍ ପେ'ର କଷ୍ଟମର୍ କେୟାର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପରେ ୨୪ଘଣ୍ଟା ଭିତରେ ଟଙ୍କା ଆକାଉଣ୍ଟ୍‌କୁ ଫେରିଆସେ। ନହେଲେ ପଠାଯାଇଥିବା ଲୋକର ଆକାଉଣ୍ଟ୍‌କୁ ଟଙ୍କା ଟ୍ରାନ୍ସଫର୍ ହୋଇଯାଇଥାଏ। ତେବେ ଆଜି କଟକ ସାଇବର ଥାନାରେ ଜଣେ ଫୋନ୍ ପେ' ବ୍ୟବହାରକାରୀ ଠକାମୀର ଶିକାର ହୋଇଥିବା ଏତଲା ଦେଇଛନ୍ତି। ଟଙ୍କା ଫେରସ୍ତ ଦେବାକୁ କହି ସାଇବର ଠକମାନେ ଫୋନ୍ ପେ'ରେ ଫେରାଇବା ପରିବର୍ତ୍ତେ ଟଙ୍କା ଠକି ନେଇଛନ୍ତି। ଏଭଳି ଏକ ଅଭିନବ ସାଇବର ଠକାମୀର ଶିକାର ହୋଇଛନ୍ତି କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ ଚହଟାନଗର ଅଞ୍ଚଳର ଜଣେ ବ୍ୟବସାୟୀ। ଫୋନ ପେ'ରେ ଫସିରହିଥିବା ଟଙ୍କାର ଦୁଇ ଗୁଣା ଫେରସ୍ତ ପାଇବାର ପ୍ରତିଶ୍ରୁତିରେ ବିଶ୍ୱାସ କରି ବ୍ୟବସାୟୀ ୫୦ହଜାର ଟଙ୍କା ହରାଇଛନ୍ତି। ଏନେଇ ବ୍ୟବସାୟୀ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଚହଟାନଗର ଅଞ୍ଚଳର ରାଧାମୋହନ ସାହୁ ବ୍ୟବସାୟ କରନ୍ତି। ଗତକାଲି ଦିନ ୧୨ଟା ସମୟରେ ତାଙ୍କ ଫୋନକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। ଫୋନ କରି ହିନ୍ଦୀ ଭାଷାରେ କଥା ହେଉଥିବା ବ୍ୟକ୍ତି ନିଜକୁ ଫୋନ ପେ' ସଂସ୍ଥାର କର୍ମଚାରୀ ପରିଚୟ ଦେଇଥିଲା। ଫୋନ ପେ'ରେ ଅଧିକ ଦେଣନେଣ କରୁଛନ୍ତି ବୋଲି ସେ କହିବା ସହିତ ବିଗତ କିଛି ଟ୍ରାନଜାକସନ ଭିତରେ ଆପଣଙ୍କର ୫୦୦୦ ଟଙ୍କା ବ୍ଲକ ବା ଫସି ରହିଥିବା ରାଧାମୋହନଙ୍କୁ ଫୋନ୍‌ରେ କହିଥିଲା। କମ୍ପାନୀର ଏକ ଲିଙ୍କ୍ ଖୋଲି ସେଥିରେ କିଛି ତଥ୍ୟ ପ୍ରଦାନ କଲେ ଫସି ରହିଥିବା ଟଙ୍କା ଫେରିପାଇବ ବୋଲି ଅଜଣା ବ୍ୟକ୍ତି ଜଣକ ତାଙ୍କୁ ସୂଚନା ଦେଇଥିଲା। ଏହାକୁ ବିଶ୍ୱାସ କରି ଶ୍ରୀ ସାହୁ ମଧ୍ୟ ତାଙ୍କ ଫୋନର ହ୍ୱାର୍ଟସଆପ୍‌ରେ ଆସିଥିବା ଲିଙ୍କ୍ ଖୋଲିଥିଲେ। ଫୋନ୍ ଲାଇନରେ ଥିବା ଅଜଣା ବ୍ୟକ୍ତିର କହିବାନୁସାରେ ସେ ଲିଙ୍କ୍‌ର ବିଭିନ୍ନ ପେଜରେ କ୍ଲିକ କରି ଚାଲିଥିଲେ। ଏହାରି ଭିତରେ ତାଙ୍କ ଫୋନ ପେ'କୁ ୨୯୯୯ ଟଙ୍କା ଟ୍ରାନ୍ସଫର ପାଇଁ ଲେଖା ଆସିଥିଲା। ଏନେଇ ପଚାରିବାରୁ ଉକ୍ତ ରାଶି ପ୍ରଦାନ ପରେ ପୂର୍ବ ଅର୍ଥକୁ ମିଶାଇ ମୋଟ ୮ ହଜାର ଟଙ୍କା ତାଙ୍କୁ ଫେରସ୍ତ ମିଳିବ ବୋଲି କୁହାଯାଇଥିଲା। ଏହାପରେ ଶ୍ରୀ ସାହୁ ଫୋନ ପେ'ରେ ଅଜଣା ବ୍ୟକ୍ତିକୁ ୨୯୯୯ ଟଙ୍କା ଟ୍ରାନ୍ସଫର କରି ଦେଇଥିଲେ। ମାତ୍ର ଟଙ୍କା ପ୍ରଦାନ ପରେ ତାଙ୍କୁ କିଛିବି ଫେରସ୍ତ ମିଳି ନଥିଲା। ଏହା ପରେ ତାଙ୍କ ଆକାଉଣ୍ଟରେ ଗଚ୍ଛିତ ଥିବା ୫୦ହଜାର ଟଙ୍କା ହଠାତ୍ କଟି ଯାଇଥିଲା। ଏ ସଂକ୍ରାନ୍ତରେ ପଚାରିବାରୁ ଅଜଣା ବ୍ୟକ୍ତି ଜଣକ କୌଣସି ସଠିକ ଉତ୍ତର ଦେଇ ନଥିଲା। ପରେ ବୈଷୟିକ ତ୍ରୁଟି କଥା କହି ଫୋନ କାଟି ଦେଇଥିଲା। ଉକ୍ତ ଫୋନ ନମ୍ବରଟି ପରେ ସୁଇଚ୍ ଅଫ୍ ହୋଇ ଯାଇଥିଲା। ଏଭଳି ସ୍ଥିତିରେ ଶ୍ରୀ ସାହୁ ଏକ ସାଇବର ଠକ ହାବୁଡରେ ପଡ଼ିଥିବା ଜାଣି ପାରିଥିଲେ। ତେଣୁ ସଂଗେ ସଂଗେ ସେ ଘଟଣା ସଂକ୍ରାନ୍ତରେ କଟକ ସାଇବର ଥାନାକୁ ଆସି ଲିଖିତ ଏତଲା ଦେଇଥିଲେ। ଏଥି ସହ ଅଭିଯୁକ୍ତ ସହିତ ହୋଇଥିବା ଟଙ୍କା ଦେଣନେଣର ସ୍କ୍ରିନସଟ୍ ଓ ଲିଙ୍କର ତଥ୍ୟ ପୁଲିସକୁ ପ୍ରମାଣ ସ୍ୱରୂପ ପ୍ରଦାନ କରିଥିଲେ। ପୁଲିସର ପ୍ରାଥମିକ ତଦନ୍ତରୁ ଉକ୍ତ ନମ୍ବରଟି ରାଜ୍ୟ ବାହାରୁ ଅପରେଟ ହେଉଥିବା ଜଣାପଡ଼ିଛି। ଏନେଇ ତଦନ୍ତ ଜାରି ରହିଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉ କି, ସାଇବର ଥାନା ପକ୍ଷରୁ ଏକ ଜରୁରୀ ସୂଚନା ଜାରି କରାଯାଉଛି। ଗୁଗୁଲ୍ ପେ', ଫୋନ୍ ପେ' କିମ୍ବା କୌଣସି ଅନଲାଇନ୍ ନେଣଦେଣ କରୁଥିଲେ, ଯଦି ଟଙ୍କା ପଠାଉଥିବା ସମୟରେ ଉକ୍ତ ଟଙ୍କା ପଠାଉଥିବା ଲୋକଙ୍କ ନିକଟକୁ ଯାଉ ନାହିଁ ଏବଂ ଉକ୍ତ ଟଙ୍କା ବ୍ଲକ ବା ଫସି ରହୁଛି, ତେବେ ୧୨ଘଣ୍ଟା ଅପେକ୍ଷା କରନ୍ତୁ। କୌଣସି ବିଚଳିତ ହେବାର ଆବଶ୍ୟକତା ନାହିଁ। ୧୨ଘଣ୍ଟା ପରେ ଯଦି ବ୍ଲକ ହୋଇଥିବା ଟଙ୍କା ଫେରସ୍ତ ନଆସେ, ତେବେ ଫୋନ୍ ପେ' କିମ୍ବା ଗୁଗୁଲ୍ ପେ'ର ବୈଧ କଷ୍ଟମର୍ କେୟାର୍ ଅଧିକାରୀଙ୍କ ସହିତ ଯୋଗଯୋଗ କରନ୍ତୁ। କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବାକୁ ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି।


**ଟଙ୍କା ଫେରସ୍ତ ଆଳରେ ଲୁଟିନେଲେ ଜମା ଟଙ୍କା**

**୫୦ ହଜାର ଟଙ୍କା ହରାଇ ସାଇବର ଥାନାର ଦ୍ୱାରସ୍ଥ ହେଲେ ବ୍ୟବସାୟୀ**



ସକାଳ
THE SAKALA

# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।
-ମାରଶାଲ୍ ମାକଲୁହାନ୍

## କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ। ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି। ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ତେବେ ଦେଶର ଏକଶହ ବିତ୍ତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତ୍ତି ଠୁଳ ହୋଇ ରହିଛି। ତେଲିଆ ମୁଣ୍ଡରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢ଼ୁଛି। ସେମାନେ ଜାତୀୟ ସମ୍ବଳକୁ ନିଜ କରାୟତ୍ତରେ ରଖିବାକୁ ସମର୍ଥ ହୋଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି। ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି। ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିସିଜିର ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ। ଏହା ବିଶ୍ୱହାରଠାରୁ ୨୧ ପ୍ରତିଶତ ଅଧିକ। ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ। ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି। ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା।

କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ବିତ୍ତଶାଳୀ କରିଛି। ଦ୍ରୁତ ଅର୍ଥନୀତିର ସେମାନେ ହିଁ ହୋଇଛନ୍ତି ବାହକ। ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଉଲ୍ଲଙ୍ଘନ କରି ନିର୍ବାଧାରେ ସେମାନେ ଶୋଷଣ ଜାରି ରଖିଛନ୍ତି। ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି। ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉପୁଜୁଥିବା ନାନା ସମସ୍ୟାର କାରଣ ପାଲଟିଛି। ଅଭାବରୁ ଅପରାଧ ପ୍ରବଣତା ବଢ଼ୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି। ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି। ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ। ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି।

ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି। ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମୁଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି। ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ। ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ। ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ। କିନ୍ତୁ ଜୀବନଧାରଣ ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ। ଫଳରେ ଏକଚାଟିଆ କାରବାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ। ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ।

ଦେଶର ବିତ୍ତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି। ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି। ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ। ସେ ୫୩.୫ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ଅର୍ଥ ବା ସମ୍ପତ୍ତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚୟ ରହିବ। ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି। ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଥିବାର ପରିଲକ୍ଷିତ ହୋଇଛି। ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଞ୍ଚିଛି। ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୬ ହଜାରରେ ପହଞ୍ଚିଛି। ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ।

ଦେଶର ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଞ୍ଚାଇଛି। ଅଭିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ। ଅବଶ୍ୟ ଗତ ତ୍ରୈମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା। ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି। ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି। ତେଣୁ ସରକାର ବିପୁଳ ବ୍ୟାଙ୍କଋଣ ଛାଡ଼ କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି। କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗ ହିଁ ଅଧିକ ଟିକସ ଦେଇଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି। ●

## ବିଶ୍ୱାସର ବୈଜ୍ଞାନିକ ବିଶ୍ଳେଷଣ

**ସୁଧାଂଶୁ ଶେଖର ଧଡ଼ା**

ଆମ ସମାଜରେ ଧର୍ମ ବିଶ୍ୱାସ ସହିତ ତନ୍ତ୍ରମନ୍ତ୍ର ଆଦିର ଉପସ୍ଥିତି ଓ ପ୍ରଭାବ ବହୁକାଳରୁ ରହିଆସିଛି। ଏଥିସହିତ ଯୋଡ଼ି ହୋଇରହିଥିବା ଅଲୌକିକତା ଯୋଗୁଁ ତନ୍ତ୍ରମନ୍ତ୍ରର ଉପରେ ଜନବିଶ୍ୱାସ ଦୃଢ଼ ହୋଇ ଆସିଛି। ଅପରପକ୍ଷରେ ବିଜ୍ଞାନର ଆହ୍ୱାନରେ ତନ୍ତ୍ରମନ୍ତ୍ରର କରାମତି ବଳହୀନ ସାବ୍ୟସ୍ତ ହୋଇଛି। ତଥାପି ଅନ୍ଧବିଶ୍ୱାସକୁ ପାଥେୟ କରି ତନ୍ତ୍ର ଓ ତାନ୍ତ୍ରିକମାନେ ଆଜି ମଧ୍ୟ ସମାଜର ବିଭିନ୍ନ ସ୍ତରରେ ଆଧିପତ୍ୟ ବିସ୍ତାର କରିଛନ୍ତି।

ତନ୍ତ୍ରମନ୍ତ୍ର ଆଦିର ବିଶ୍ଳେଷଣରୁ ଜଣାଯାଏ ଯେ ପାଶ୍ଚାତ୍ୟ ଜଗତରେ ଏହାର ଦୁଇ ପ୍ରକାରର ଉତ୍ସ ରହିଛି। ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟରେ ଯୋରାଷ୍ଟର ଧର୍ମାବଲମ୍ବୀମାନଙ୍କ ମଧ୍ୟରୁ ଏକ କ୍ଷୁଦ୍ର ଗୋଷ୍ଠୀ ଦୁର୍ବୋଧ ଶବ୍ଦ ଉଚାରଣ, ମନ୍ତ୍ର ଆଦି ମାଧ୍ୟମରେ ପ୍ରକୃତି ଉପରେ କିଛିଅଂଶରେ ଏବଂ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଉପରେ ନିୟନ୍ତ୍ରଣ, ସେମାନଙ୍କୁ ବଶୀଭୂତ କରିବା, ରୋଗୀ ଚିକିତ୍ସା ଭଳି କାର୍ଯ୍ୟରେ ସଂପୃକ୍ତ ଥିଲେ। ଏହି ବ୍ୟକ୍ତିମାନେ 'ମାଗି' ଭାବରେ ଏବଂ ସେମାନଙ୍କ ବୃତ୍ତି 'ମାଗସ୍' ନାମରେ ପରିଚିତ ଥିଲା। 'ମାଗସ୍' ଶବ୍ଦରୁ ଆଧୁନିକ 'ମ୍ୟାଜିକ' ଶବ୍ଦର ସୃଷ୍ଟି। ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ 'ମେଜିକସିୟାନ' ବା 'ଯାଦୁକର' ନାମ ଦିଆଯାଇଥିଲା। ଏମାନେ ତନ୍ତ୍ରମନ୍ତ୍ର, ଅଲୌକିକ ଶକ୍ତି ଆଦିର ପ୍ରୟୋଗ କରି ଅସାଧ୍ୟ ସାଧନ କରୁଥିବା ଦାବି କରୁଥିଲେ। ଏମାନଙ୍କ ବିଦ୍ୟା ଅତ୍ୟନ୍ତ ରହସ୍ୟମୟ ଏବଂ ମାରଣ, ତାରଣ, ବଶୀକରଣ, ଉଚ୍ଚାଟନ, ସ୍ତମ୍ଭନ, ସମ୍ମୋହନ, ପ୍ରକୃତି ନିୟନ୍ତ୍ରଣ ଓ କୃଷି ଯାଦୁ ଭାବରେ ଆଠଟିରୁ ଅଧିକ ଭାଗରେ ବିଭକ୍ତ ଥିଲା।

ଅନ୍ୟପକ୍ଷରେ ଯାଦୁବିଦ୍ୟା ପ୍ରାୟ ୨୦ରୁ ଅଧିକ ବିଭାଗରେ ବିଭାଜିତ। ଅଲୌକିକ କୁହାଯାଉଥିବା ଏକ ରହସ୍ୟମୟ ଶକ୍ତି ଏସବୁର ମୂଳଉତ୍ସ। ଅଲୌକିକ ଶବ୍ଦର ବିଶ୍ଳେଷଣ କଲେ ଏହା ବୈଜ୍ଞାନିକ ତତ୍ତ୍ୱଗୁଡ଼ିକର ଧୋକାବାଜୀପୂର୍ଣ୍ଣ ପ୍ରୟୋଗକୁ ବୁଝାଏ। ପାଶ୍ଚାତ୍ୟ ସଭ୍ୟତାରେ ତନ୍ତ୍ରମନ୍ତ୍ର, ଅଲୌକିକତା ଆଦିର ଦ୍ୱିତୀୟ ଉତ୍ସଟି ହେଉଛି ଖ୍ରୀଷ୍ଟିୟ ୩ୟ ଶତାବ୍ଦୀ ପୂର୍ବରୁ ଇଜିପ୍ଟରେ 'ଚେମି' ନାମରେ ପରିଚିତ ଥିବା ଏକ ଚିକିତ୍ସକ ଗୋଷ୍ଠୀ। ତୃତୀୟ ଶତାବ୍ଦୀ ବେଳକୁ ରୋଗର ସଫଳ ଉପଶମର ସଫଳତା ଯୋଗୁଁ ସମାଜରେ ସେମାନଙ୍କ ସମ୍ମାନ ଶାସକବର୍ଗ ଅପେକ୍ଷା ଅଧିକ ବଢ଼ିଲା। ଏଥିରେ ଶାସକମାନେ କ୍ଷମତା ହରାଇବା ଆଶଙ୍କାରେ 'ଚେମି'ମାନଙ୍କୁ ଗୁପ୍ତରେ ହତ୍ୟା କଲେ। ତେଣୁ 'ଚେମି'ମାନେ ଇଜିପ୍ଟରୁ ଆରବକୁ ଚାଲିଆସି ଆରବୀୟ ଭାଷାଶୈଳୀରେ 'ଚେମି' ପୂର୍ବରୁ 'ଏଆଇ' ଯୋଗକରି 'ଏଆଇଚେମିଷ୍ଟ' ନାମରେ ପରିଚିତ ହେଲେ।

'ଏଆଇଚେମିଷ୍ଟ'ମାନଙ୍କର ବୃତ୍ତିଗତ ଅବଧାରଣା ଦୁଇପ୍ରକାରର ଥିଲା। ପ୍ରଥମତଃ, 'ଫିଲୋସଫିକାଲ୍ ଷ୍ଟୋନ୍' ନାମକ ଏକ ରହସ୍ୟମୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ନିକୃଷ୍ଟ ଧାତୁ ସୁନା ହେବା ସହ ସମସ୍ତ ରୋଗରୁ ଆରୋଗ୍ୟଲାଭ, କାମନା ପୂରଣ ଆଦି ହୋଇପାରେ। ଏହା ପୃଥିବୀ ପୃଷ୍ଠରେ କେଉଁଠି ଅଛି ଓ ଶୁଭ ମୁହୂର୍ତ୍ତରେ ଖୋଜିଲେ ମିଳିବ। ଦ୍ୱିତୀୟ ଧାରଣାଟି ହେଲା ଏହା କେଉଁଠି ନାହିଁ, ଏହାକୁ ବିଭିନ୍ନ ଧାତୁ ଇତ୍ୟାଦିର ମିଶ୍ରଣରୁ ତିଆରି କରାଯାଇ ପାରିବ। ପ୍ରଥମ ଅବଧାରଣାକୁ ନେଇ ଶୁଭ ମୁହୂର୍ତ୍ତରେ ବିଭିନ୍ନ ସ୍ଥାନ ଖୋଜି ପାଇବାକୁ ଚେଷ୍ଟା କରୁଥିବା ଗୋଷ୍ଠୀ ଏହା ପାଇଲେ ନାହିଁ ସତ, କିନ୍ତୁ ଫଳିତ ଜ୍ୟୋତିଷ ଆଧାରରେ ଜ୍ୟୋତିର୍ବିଜ୍ଞାନ ଓ ଭୂ-ବିଜ୍ଞାନକୁ ବିଭିନ୍ନ ନୂଆ ତତ୍ତ୍ୱରେ ସମୃଦ୍ଧ କଲେ। ବିଭିନ୍ନ ଧାତୁର ମିଶ୍ରଣରେ 'ଫିଲୋସଫିକାଲ୍ ଷ୍ଟୋନ୍' ତିଆରୁଥିବା ଗୋଷ୍ଠୀ ମେଟାଲରଜିକାଲ୍ ସାଇନ୍ସ, ଆଲଏ, ଆର୍ସେନିକ୍ ପଏଜନ୍, ଟକ୍ସିକୋଲଜି, ସାଇନ୍ସ ଅଫ୍ ମେଡିସିନ୍ ଆଦି ବିଜ୍ଞାନର ଅନେକ କ୍ଷେତ୍ରକୁ ନୂଆ ତତ୍ତ୍ୱ ଦେଲେ। ଏହି ଉଭୟ ଅବଧାରଣାରେ ତନ୍ତ୍ରମନ୍ତ୍ରର ପ୍ରୟୋଗ ଅପବିଜ୍ଞାନ ହୋଇ ରହିଗଲା।

ପ୍ରାଚ୍ୟ ଭୂଭାଗରେ ତନ୍ତ୍ରମନ୍ତ୍ର ଆଦିର ଅନେକ ଉତ୍ସ ରହିଛି। ବୌଦ୍ଧ ଧର୍ମ ମହାଯାନ ଓ ହୀନଯାନ ଭାବରେ ବିଭାଜିତ ହୋଇ ସେଥିରୁ ଆହୁରି ଅନେକ ବିଭାଜନ ପରେ ତନ୍ତ୍ରଯାନ ଓ ସହଜଯାନର ଉଦ୍ଭବ ହେଲା। ସହଜଯାନପନ୍ଥୀମାନେ ରହସ୍ୟମୟ ତାନ୍ତ୍ରିକ ଅବଧାରଣାର ସ୍ରଷ୍ଟା ବୋଲି ସେମାନଙ୍କ ଦ୍ୱାରା ରଚିତ ଚର୍ଯ୍ୟାପଦଗୁଡ଼ିକରୁ ଜଣାପଡ଼େ। ବେଦ ଏବଂ ବିଭିନ୍ନ ସଂହିତାଗୁଡ଼ିକର ରଚନାକାଳ ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୬୦୦ ବୋଲି ଏକ ମତ ରହିଛି। ବୈଦିକ ଯୁଗରୁ ଫଳିତ ଜ୍ୟୋତିଷର ପ୍ରୟୋଗ ପ୍ରାଚ୍ୟ ଜଗତରେ ଥିଲା। ବେଦ ଓ ଜ୍ୟୋତିଷ ଶାସ୍ତ୍ରରେ ବିଭିନ୍ନ ପ୍ରକାରର ତନ୍ତ୍ରମନ୍ତ୍ର ଆଦିର ବ୍ୟବହାର ମଧ୍ୟ ହେଉଥିଲା। ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ରଚିତ ଆୟୁର୍ବେଦର ଆଠଟି ବିଭାଗ ମଧ୍ୟରୁ ଶଲ୍ୟତନ୍ତ୍ର, ଶାଲକ୍ୟତନ୍ତ୍ର, ଅଗଦତନ୍ତ୍ର ଓ ଭୂତବିଦ୍ୟା ସିଧାସଳଖ ତନ୍ତ୍ରମନ୍ତ୍ର ସହ ଜଡ଼ିତ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସମ୍ଭବତଃ ୧୩ଶ ଶତାବ୍ଦୀରେ ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କ ରଚିତ 'ରୁଦ୍ରସୁଧାନିଧି' ନାମକ ଅସମ୍ପୂର୍ଣ୍ଣ ଗଦ୍ୟକାବ୍ୟରେ ତନ୍ତ୍ରମନ୍ତ୍ରର ଅନେକ ବିଭାଗର ବର୍ଣ୍ଣନା ରହିଛି। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ' କାବ୍ୟରେ 'ଐନ୍ଦ୍ରଜାଲିକର ରାମଚରିତ ପ୍ରଦର୍ଶନ' ଅଧ୍ୟାୟରେ ଓଡ଼ିଶାରେ ତନ୍ତ୍ରମନ୍ତ୍ର, ଯାଦୁବିଦ୍ୟା ପ୍ରଚଳନର ସୂଚନା ଦେଇଛନ୍ତି। ପ୍ରାଚ୍ୟ-ପାଶ୍ଚାତ୍ୟ ଅବଧାରଣା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବା ଦେଖାଯାଏ।

ଡଚ୍-ଜୀଉ ଦାର୍ଶନିକ ସ୍ପିନୋଜା ଷୋଡ଼ଶ ଶତାବ୍ଦୀରେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣ ଆବଶ୍ୟକ ବୋଲି ମତଦେଲେ। ସେ ଅନୁଭବ କରିଥିଲେ ଯେ ଧର୍ମଗୁଡ଼ିକ ଅଜ୍ଞତାପୂର୍ଣ୍ଣ ଅବଧାରଣା, ବିଚାରହୀନତା ଓ ଅବୈଜ୍ଞାନିକ ଚିନ୍ତାଧାରାରେ ପରିପୂର୍ଣ୍ଣ। ଏହି ମତସହ ସେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣର ଭିତ୍ତି ପକାଇଥିଲେ। ଏହିଠାରୁ ଅଲୌକିକ କୁହାଯାଉଥିବା ଘଟଣାଗୁଡ଼ିକର ସିଧାସଳଖ ଅନୁସନ୍ଧାନ ଓ ଆହ୍ୱାନ ଆରମ୍ଭ ହେଲା ବୋଲି କୁହାଯାଇପାରେ। ଅଲୌକିକତାକୁ ଛାଡ଼ି ଦେଲେ ଧର୍ମ ଆକର୍ଷଣୀୟ ହେବନାହିଁ। ଅନ୍ୟପକ୍ଷରେ ଅଲୌକିକତା ହେଉଛି ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱର ବିରୁଦ୍ଧାଚରଣ କରୁଥିବା ଘଟଣାର ବର୍ଣ୍ଣନା। ପ୍ରତ୍ୟେକ ବ୍ୟକ୍ତି ପାରିବାରିକ ଧର୍ମ ବିଶ୍ୱାସ ଭିତରେ ବଢ଼ନ୍ତି। ତେଣୁ ଯେତେ ଅଧିକ ପାଠ ପଢ଼ିଲେ ମଧ୍ୟ ପାରିବାରିକ ଧର୍ମର ଅବୈଜ୍ଞାନିକ ଅବଧାରଣାକୁ ଛାଡ଼ିବା ସହଜ ହୁଏ ନାହିଁ। ଏହି ଅବଧାରଣାକୁ ନେଇ କିଛି ଧୂର୍ତ୍ତ ଧୋକାବାଜୀକୁ ବ୍ୟବସାୟରେ ପରିଣତ କରିଦିଅନ୍ତି। ସମାଜର ପ୍ରତିଷ୍ଠିତ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏପ୍ରକାରର ବ୍ୟବସାୟିକ ଧୋକାବାଜୀର ଶିକାର ହୁଅନ୍ତି ଏବଂ ଲୋକଲଜ୍ଜା ହେତୁ ପ୍ରତିବାଦ କିମ୍ବା ଅଭିଯୋଗ କରନ୍ତି ନାହିଁ।

ତନ୍ତ୍ରମନ୍ତ୍ର, ଅଲୌକିକତା, ଅପବିଜ୍ଞାନ, ଚିକିତ୍ସକ ନହୋଇ ରୋଗୀ ଚିକିତ୍ସା ଆଦି ଉପରେ ଅନୁସନ୍ଧାନ ତଥା ଏସବୁକୁ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଭାବରେ ଆହ୍ୱାନ ଦେବା ଜନଆନ୍ଦୋଳନ ଭାବରେ ଆରମ୍ଭ ହେଲା ଊନବିଂଶ ଶତାବ୍ଦୀରେ। ୧୮୮୫ ମସିହାରେ 'ବ୍ରିଟିଶ ରେସନାଲିଷ୍ଟ ପ୍ରେସ ଆସୋସିଏସନ' ଗଠିତ ହୋଇ ଅନେକ ତଥାକଥିତ ଅଲୌକିକ ଶକ୍ତିଧାରୀଙ୍କୁ ଶକ୍ତି ପ୍ରଦର୍ଶନର ଆହ୍ୱାନ ଦେଲା। ଏହାପରେ ଅଲୌକିକତା ନାମରେ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅନେକ ସଙ୍ଗଠନ ସୃଷ୍ଟି ହେଲା। ୧୯୭୬ ମସିହାରେ ନ୍ୟୁୟର୍କଠାରେ ପଲ କର୍ଜଙ୍କ ସଭାପତିତ୍ୱରେ 'କମିଟି ଫର ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ୍ ଅଫ୍ କ୍ଲେମ୍‌ସ ଅଫ୍ ପାରାନର୍ମାଲ' ନାମକ ଅନ୍ତର୍ଜାତୀୟ ସଙ୍ଗଠନ ସୃଷ୍ଟି ହେଲା। ଆମେରିକାରେ ଜେମ୍ସ ରାଣ୍ଡି, ହାରି ଏଡୱାଡସ୍‌ଙ୍କ ଭଳି କେତେକ ବ୍ୟକ୍ତି ଜନସାଧାରଣଙ୍କୁ ଅଲୌକିକତା ନାମରେ ଶୋଷଣରୁ ରକ୍ଷା କରିବାକୁ ସଂସ୍ଥାମାନ ଗଢ଼ିଲେ। ୧୯୮୦ ମସିହାରେ ଅଷ୍ଟ୍ରେଲିଆର ସିଡନୀଠାରେ 'ଅଷ୍ଟ୍ରେଲିଆନ ସ୍କେପଟିକସ' ନାମକ ଆନ୍ତର୍ଜାତିକ ସଙ୍ଗଠନ ଗଠନ ହେଲା। ଏହା ପୂର୍ବରୁ ୧୯୪୮ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘ ପକ୍ଷରୁ 'ୟୁନିଭର୍ସାଲ ଡିକ୍ଲାରେସନ ଅଫ ହ୍ୟୁମାନ ରାଇଟସ୍' ଘୋଷଣାପତ୍ର ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରି ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ସହ ବିଭିନ୍ନ ପ୍ରକାର ଶୋଷଣରୁ ସୁରକ୍ଷା ନିମିତ୍ତ ଆଇନ ପ୍ରଣୟନ କରିଛନ୍ତି। ଆମ ଦେଶରେ 'ଦ ମ୍ୟାଜିକାଲ୍ ରିମେଡିସ୍ ଆଣ୍ଡ(ଅବଜେକସନାଲ୍ ଆଡଭରଟାଇଜମେଣ୍ଟ) ଆକ୍ଟ ୧୯୫୪' ମାଧ୍ୟମରେ ଚିକିତ୍ସାଗତ ଆଇନସିଦ୍ଧ ପ୍ରମାଣପତ୍ର ନଥିଲେ ରୋଗୀ ଚିକିତ୍ସା, ତନ୍ତ୍ରମନ୍ତ୍ର ଚିକିତ୍ସା, ଉପଚାର ଆଦି କରିବା ଦଣ୍ଡନୀୟ ଅପରାଧ ଭାବରେ ପରିଗଣିତ ହୋଇସାରିଛି। ଆମ ଦେଶର ସମ୍ବିଧାନର ଧାରା ୫୧(କ)(ଜ) ବୈଜ୍ଞାନିକ ଦୃଷ୍ଟିକୋଣ, ମାନବବାଦର ପ୍ରସାର ଓ ଅନୁସନ୍ଧାନର ମନୋବୃତ୍ତି ପ୍ରତ୍ୟେକ ନାଗରିକ ରଖିବାକୁ ନିର୍ଦ୍ଦେଶ କରିଛି। ଭାରତରେ ପ୍ରଫେସର ଆବ୍ରାହମ ଥମାସ କଭୁର, ସାନାଲ ଏଡାମାରୁକୁ, ବାସବ ପ୍ରେମାନନ୍ଦଙ୍କ ଭଳି ଅନେକ ବ୍ୟକ୍ତି ଅଲୌକିକତା ଓ ତନ୍ତ୍ରମନ୍ତ୍ର ନାମରେ ଶୋଷଣକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ଲୋକଙ୍କୁ ଖୋଲା ଆହ୍ୱାନ ଦେଇ ଅଲୌକିକତା ନାମରେ କରାଯାଉଥିବା ଧୋକାବାଜୀର ରହସ୍ୟ ପ୍ରଘଟକାରୀ ଜନସଭା ଆୟୋଜନ କରିଛନ୍ତି। ଏସବୁ ସତ୍ତ୍ୱେ ଶିକ୍ଷିତ ଲୋକଙ୍କ ସହିତ ସାଧାରଣ ଲୋକେ ଅବୈଜ୍ଞାନିକ ଅବଧାରଣାକୁ ନେଇ ବିଜ୍ଞାପନ ମାଧ୍ୟମରେ ଠକାମି ଓ ଶୋଷଣର ଶିକାର ହୋଇଚାଲିଛନ୍ତି। ●

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

## ପାରମ୍ପରିକ ଘରର ପ୍ରାସଙ୍ଗିକତା

**ସତ୍ୟଶୋଭନ ଦାସ**

'ଏଇ ଘରଟିରେ ଜନମ ମୋର, ଝାଟିମାଟିର ଏ ନଡ଼ା ଛପର / ଏଇ ଘରେ ଆମେ ଏକାଠି ଥାଉ, ଏକାଠି ଖାଉ, ଏକାଠି ବସୁ, ଏକାଠି ହସୁ / ବୁଢ଼ୀମା' ପାଶେ, ଗପ ଶୁଣୁ ଶୁଣୁ ନିଦଟି ଆସେ।' ପିଲା ଦିନର ଏହି କବିତା, ଗ୍ରାମ୍ୟ ଜୀବନର ଜୀବନ ଶୈଳୀକୁ ନିଖୁଣ ଭାବରେ ଦର୍ଶାଇ ଥାଏ। ଆଜି ବି ଗ୍ରାମ୍ୟ ଜୀବନର ଏହା ବହୁମାତ୍ରରେ ଜୀବନ୍ତ।

ବର୍ଦ୍ଧିଷ୍ଣୁ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ସଙ୍କଟ ପରିପ୍ରେକ୍ଷୀରେ ଗ୍ରାମୀଣ ଘରର ଅନେକ ପ୍ରାସଙ୍ଗିକତା ଓ ଆବଶ୍ୟକତା ରହିଛି। ଗ୍ରାମୀଣ ଘର ଚତୁଃପାର୍ଶ୍ୱରେ ବାରଣ୍ଡା ଫଳରେ ସୂର୍ଯ୍ୟକିରଣ ଘର କାନ୍ଥରେ ସିଧାସଳଖ ପଡୁ ନଥିବାରୁ ଘର ପ୍ରାୟତଃ ଥଣ୍ଡା ରୁହେ। ଘର ପଛ ପଟ ପୋଖରୀ ଭୂତଳ ଜଳ ପୁନଃ ସଂରକ୍ଷଣ ସହିତ ତା' ଉପର ଦେଇ ସୁଲୁସୁଲିଆ ଥଣ୍ଡା ପବନ ଏକ ପରିବେଶ ଅନୁକୂଳିତ ବାତାବରଣ ସୃଷ୍ଟି କରେ।

ପାରମ୍ପରିକ ଗ୍ରାମାଞ୍ଚଳ ଏବଂ ଆଦିବାସୀ ଘରଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଭାବରେ ପ୍ରାପ୍ତ ଜଳବାୟୁ-ଉପଯୁକ୍ତ ସାମଗ୍ରୀ, ଯେପରିକି କାଦୁଅ, ବାଉଁଶ, ପଥର ଓ ନଡ଼ା ବ୍ୟବହାର କରି ନିର୍ମାଣ କରାଯାଇଥାଏ। ଏହି ସାମଗ୍ରୀଗୁଡ଼ିକ ଉତ୍କୃଷ୍ଟ ତାପ ନିରୋଧକତା ପ୍ରଦାନ କରେ, ଗରମ ଦିନରେ ଭିତରକୁ ଥଣ୍ଡା ଏବଂ ଥଣ୍ଡା ରାତିରେ ଉଷ୍ମ ରଖେ, ଏୟାର କଣ୍ଡିସନର କିମ୍ବା ହିଟର ଭଳି ଶକ୍ତି-ସଘନ ଉପକରଣ ଉପରେ ନିର୍ଭର ନକରି। ଉଦାହରଣ ସ୍ୱରୂପ, ଘନ କାନ୍ଥ ବିଶିଷ୍ଟ ମାଟି ଘରଗୁଡ଼ିକ ଆବୃତକ(ଇନ୍‌ସୁଲେଟର) ଭାବରେ କାମ କରେ, ଯାହା ଦିନରେ ବର୍ଦ୍ଧିଷ୍ଣୁ ଉତ୍ତାପ ପ୍ରତିରୋଧ କରିବା ସହିତ ଉତ୍ତାପ ବିକିରଣ କରୁ ନ ଥିବାରୁ ରାତିରେ ଭିତର ତାପମାତ୍ରାକୁ ଆରାମଦାୟକ ରଖିଥାଏ। ସେହିପରି, କୁଟା ଛାତ ବାୟୁଚଳନ ଏବଂ ପ୍ରାକୃତିକ ବାୟୁ ପ୍ରବାହକୁ ସୁଗମ କରେ, ଯାହା ବାସିନ୍ଦାଙ୍କୁ ବର୍ଦ୍ଧିତ ଉତ୍ତାପ ସ୍ତରର ମୁକାବିଲା କରିବାରେ ସାହାଯ୍ୟ କରେ। ଘରର ଚାରିପଟେ ପିଣ୍ଡା ଯୋଗୁଁ ସୂର୍ଯ୍ୟ କିରଣ ଘରର କାନ୍ଥ ଉପରେ କମ ପଡ଼େ, ସେଇଥି ପାଇଁ ଏହି ଘର ଗରମ ଦିନରେ ଥଣ୍ଡା ରହେ। ଏହି ସ୍ଥାପତ୍ୟ ସମାଧାନଗୁଡ଼ିକ କେବଳ ପ୍ରଭାବଶାଳୀ ନୁହେଁ ବରଂ ମୂଲ୍ୟ-ଲାଭକାରୀ ମଧ୍ୟ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଦୁର୍ବଳ ଥିବା ନିମ୍ନ-ଆୟ ସମ୍ପ୍ରଦାୟ ପାଇଁ ଏଗୁଡ଼ିକୁ ଆଦର୍ଶ କରିଥାଏ।

ପାରମ୍ପରିକ ଘରଗୁଡ଼ିକ କେବଳ ଆଶ୍ରୟସ୍ଥଳ ନୁହେଁ, ଏହା ଏକ ସମ୍ପ୍ରଦାୟର ଇତିହାସ, ମୂଲ୍ୟବୋଧ ଏବଂ ଭୂମି ସହିତ ସଂଯୋଗର ପ୍ରକାଶ। ଆଦିବାସୀ ଏବଂ ଗ୍ରାମୀଣ ସମାଜରେ ସ୍ଥାପତ୍ୟ ପ୍ରାୟତଃ ରୀତିନୀତି, ପର୍ବ ଏବଂ ସାମାଜିକ ବ୍ୟବସ୍ଥା ସହିତ ଜଡ଼ିତ। ଏହି ଘରଗୁଡ଼ିକୁ ସଂରକ୍ଷଣ କରିବା ସମ୍ପ୍ରଦାୟ ସଂହତିକୁ ସମର୍ଥନ କରେ ଏବଂ ପରିଚୟକୁ ସୁଦୃଢ଼ କରେ। ଏହା ବ୍ୟତୀତ, ସାଂସ୍କୃତିକ ଐତିହ୍ୟ ସ୍ଥିରତା-ନିର୍ମାଣରେ ଏକ ପ୍ରମୁଖ ସମ୍ପତ୍ତି। ପାରମ୍ପରିକ ସ୍ଥାପତ୍ୟ ବଜାୟ ରଖିବା ପିଢ଼ି ପରେ ପିଢ଼ି ମାନସିକ ସୁସ୍ଥତା ଓ ନିରନ୍ତରତାକୁ ସମର୍ଥନ କରେ। ଆଧୁନିକ ନିର୍ମାଣ ବିଶ୍ୱ କାର୍ବନ ନିର୍ଗମନରେ ଏକ ପ୍ରମୁଖ ଅବଦାନକାରୀ। ଏହା ସାଧାରଣତଃ ରାସ୍ତା ଓ ରେଳ ଦ୍ୱାରା ପରିବହନ କରାଯାଏ। ମାଲବାହୀ ଯାନଗୁଡ଼ିକ, ବିଶେଷକରି ମଧ୍ୟମ ଓ ଭାରୀ ଯାନଗୁଡ଼ିକ, ବିଶ୍ୱ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନରେ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ। ପ୍ରକୃତରେ, ପାରମ୍ପରିକ କୋଠାଗୁଡ଼ିକର ସମଗ୍ର ଜୀବନଚକ୍ରରେ ସାମଗ୍ରୀ ସଂଗ୍ରହଠାରୁ ଆରମ୍ଭ କରି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ କମ୍ କାର୍ବନ ପଦଚିହ୍ନ ଥାଏ। ପାରମ୍ପରିକ ଗୃହଗୁଡ଼ିକରେ ବ୍ୟବହୃତ ସ୍ଥାନୀୟ ସାମଗ୍ରୀଗୁଡ଼ିକ ପ୍ରାୟତଃ ଜୈବବିଘଟନଶୀଳ ହୋଇଥାଏ ଏବଂ ସର୍ବନିମ୍ନ ପ୍ରକ୍ରିୟାକରଣ ଆବଶ୍ୟକ କରେ, ଯାହା ନିର୍ଗମନକୁ ବହୁଳ ଭାବରେ ହ୍ରାସ କରେ।

ସରକାର ପାରମ୍ପରିକ ଗୃହଗୁଡ଼ିକର ସଂରକ୍ଷଣ ପାଇଁ ପ୍ରୋତ୍ସାହନ ଏବଂ ଯୋଜନା ସହିତ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି। ଅଧିକନ୍ତୁ, ଯେହେତୁ ଏହି ଗଠନଗୁଡ଼ିକ ସ୍ଥାୟୀ ଏବଂ ସହଜରେ ମରାମତି କରାଯାଏ, ସେମାନେ କମ୍ ଅପଚୟ ସୃଷ୍ଟି କରନ୍ତି, ବାରମ୍ବାର ପୁନଃନିର୍ମାଣର ଚାହିଦାକୁ ହ୍ରାସ କରନ୍ତି। ଏପରି ଘରଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି, ଆମେ ପରିବେଶଗତ ସନ୍ତୁଳନ ବଜାୟ ରଖିବା ସହିତ ଜଳବାୟୁ ଅନୁକୂଳନ ପ୍ରୟାସରେ ଯୋଗଦାନ ଦେଉଛୁ।

ପାରମ୍ପରିକ ଘରଗୁଡ଼ିକ ଦ୍ରୁତ ସହରୀକରଣ, ଅବହେଳା ଏବଂ ଆଧୁନିକ ନିର୍ମାଣ ସପକ୍ଷରେ ନୀତିଗତ ପକ୍ଷପାତରୁ ବିପଦର ସମ୍ମୁଖୀନ ହୁଅନ୍ତି। ଅନେକ ଯୁବକ ପୈତୃକ ଘର ଏବଂ ସେଗୁଡ଼ିକୁ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଦକ୍ଷତା ଛାଡ଼ି ସହରକୁ ସ୍ଥାନାନ୍ତର କରନ୍ତି। ଏହା ସହିତ, ଆର୍ଥିକ ପ୍ରୋତ୍ସାହନ ପ୍ରାୟତଃ ପାରମ୍ପରିକ ପଦ୍ଧତିଗୁଡ଼ିକୁ ସମାୟୋଜିତ କରେ ନାହିଁ କିମ୍ବା ସମର୍ଥନ କରେ ନାହିଁ। ଏହି ଧାରା ଓଲଟାଇବାକୁ, ସରକାର ଏବଂ ସଂଗଠନଗୁଡ଼ିକୁ ଜଳବାୟୁ ଅନୁକୂଳନ ଏବଂ କାର୍ବନ ହ୍ରାସରେ ପାରମ୍ପରିକ ସ୍ଥାପତ୍ୟର ମୂଲ୍ୟକୁ ଚିହ୍ନିବା ଆବଶ୍ୟକ। ପୁନରୁଦ୍ଧାର ପାଇଁ ପାଣ୍ଠି ଯୋଗାଇବା, କାରିଗରମାନଙ୍କୁ ତାଲିମ ଦେବା ଏବଂ ଆଧୁନିକ ସ୍ଥାୟୀତ୍ୱ ଯୋଜନାରେ ପାରମ୍ପରିକ କୌଶଳକୁ ସଂହତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକ ଏହି ଘରଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ନିଶ୍ଚିତ କରିପାରିବେ।

ପାରମ୍ପରିକ ଗ୍ରାମୀଣ ଏବଂ ଆଦିବାସୀ ଘରଗୁଡ଼ିକୁ ସଂରକ୍ଷଣ କରିବା କେବଳ ସାଂସ୍କୃତିକ ଗର୍ବର ବିଷୟ ନୁହେଁ - ଏହା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବାରେ ଏକ ଚିନ୍ତାଶୀଳ ସ୍ଥାୟୀ ରଣନୀତି। ଏହି ଘରଗୁଡ଼ିକ କମ୍ କାର୍ବନ ଜୀବନଯାପନ, ସମ୍ପ୍ରଦାୟ ସ୍ଥିରତା ଏବଂ ତାପ ଚାପର ବ୍ୟବହାରିକ ସମାଧାନ ପ୍ରଦର୍ଶନ କରନ୍ତି ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏପର୍ଯ୍ୟନ୍ତ ହାସଲ କରିବାକୁ ଚେଷ୍ଟା କରୁଛି। ଜୀବନଯାପନର ଏହି ସମୟ-ପରୀକ୍ଷିତ ଉପାୟଗୁଡ଼ିକୁ ମୂଲ୍ୟାଙ୍କନ ଏବଂ ନିବେଶ କରି ଆମେ ଏକ ଅଧିକ ସ୍ଥିର ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇପାରିବା। ●

ବାଲିଆପାଳ(ବାଲେଶ୍ୱର), ମୋ: ୭୮୯୪୪୫୬୫୧

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ସୀତାଫଳ

**ସୌଭାଗ୍ୟସୁନ୍ଦର**

ସୀତାଫଳ ଏକ ସୁସ୍ୱାଦୁ ଫଳ ଉତ୍ପାଦନକାରୀ ଉଦ୍ଭିଦ, ଯାହା ଭାରତରେ ବହୁଳ ଭାବରେ ଚାଷ କରାଯାଏ। ଏହାର ଉତ୍ପତ୍ତିସ୍ଥଳ ନୂତନ ବିଶ୍ୱ ଉଷ୍ମମଣ୍ଡଳୀୟ କାରିବିଆନ ଅଞ୍ଚଳରେ ବୋଲି ଅନୁମାନ କରାଯାଏ।

ଛୋଟ, ଅର୍ଦ୍ଧ-ପତ୍ରପାତୀ, ବହୁ ଶାଖାବିଶିଷ୍ଟ ୩-୮ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ସୀତାଫଳ ଗଛର ପତ୍ରଗୁଡ଼ିକ ପତଳା, ସରଳ, ୫-୧୭ ସେମି ଲମ୍ବା ଏବଂ ୨-୬ ସେମି ଚଉଡ଼ା। ତିନୋଟି ସବୁଜ ବାହ୍ୟ ପାଖୁଡ଼ା ଏବଂ ତିନୋଟି ଭିତର କ୍ଷୁଦ୍ର ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ବସନ୍ତ-ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଫୁଟିଥାଏ। ଫଳଗୁଡ଼ିକ ସାଧାରଣତଃ ନୀଳ-ସବୁଜରୁ ଫିକା ସବୁଜ ଏବଂ ଧାରଗୁଡ଼ିକ ଧଳା ଗୋଲାପୀ। ଫୁଲ ଫୁଟିବାର ୩ ରୁ ୪ ମାସ ପରେ ଫଳ ପାଚେ। ଫଳ ରସାଳ ସୁଗନ୍ଧିତ, ହାଲୁକା ହଳଦିଆ ରଙ୍ଗରୁ କ୍ରିମି ଧଳା ଏବଂ କଷ୍ଟାର୍ଡ ପରି ସୁସ୍ୱାଦୁ। ବିହନ ବା ମଞ୍ଜି ଟାଣ ଏବଂ କଳା ବର୍ଣ୍ଣର, ଯାହା ପ୍ରତ୍ୟେକ ଧଳା ମାଂସଳ ପରଦା ସହିତ ଆବୃତ ହୋଇଥାଏ। ଫଳର ମଧ୍ୟ ଭାଗରେ ଏକ ଲମ୍ବା ସ୍ତମ୍ଭାକାର ପଦାର୍ଥ ଥାଏ, ଯାହା ଚାରିପାଖରେ ମଞ୍ଜିଗୁଡ଼ିକ ସଜେଇ ହୋଇ ରହିଥାଏ। ପ୍ରତି ଫଳରେ ୨୦ ରୁ ୪୦ କିମ୍ବା ତା'ଠାରୁ ଅଧିକ ମଞ୍ଜି ଥାଇପାରେ। ଏଥିରେ ୫୦ ରୁ ୬୦% ରସାଳ ବା ମାଂସଳ ଖାଦ୍ୟ ପଦାର୍ଥ ଥାଏ, ଯାହା ଶର୍କରା ବା କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏବଂ ପ୍ରୋଟିନର ଉତ୍ସ।

ଫଳ ସାଧାରଣତଃ ତାଜା ଖିଆଯାଏ ଏବଂ ଜୁସ୍, ସେକ୍ ଓ ଆଇସ୍କ୍ରିମ୍ ତିଆରି କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ସୁସ୍ୱାଦୁ ଫଳ ରସ ବ୍ୟତୀତ ସୀତାଫଳର ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ପଦ୍ଧତିରେ ପାରମ୍ପରିକ ଔଷଧର ଏକ ପ୍ରମୁଖ ଉପାଦାନ। ସୀତାଫଳର ବିଭିନ୍ନ ଅଂଶ ଆସ୍କର୍ବିକ୍ ଏସିଡ୍, କ୍ୟାଲସିୟମ୍, ଫସଫରସ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ତତ୍ତ୍ୱର ଭଣ୍ଡାର। ସୀତାଫଳରୁ ପ୍ରାପ୍ତ ପାରମ୍ପରିକ ଉପଚାରଗୁଡ଼ିକ ପାକସ୍ଥଳୀ ବିକାର, ଶ୍ୱାସକ୍ରିୟା ସଂକ୍ରମଣ, ପ୍ରଦାହ, ମଧୁମେହ, ହିଷ୍ଟେରିଆ ବା ଉନ୍ମା. ଫୁଲା, ମଳଦ୍ୱାର ପ୍ରଳୟ, ଟ୍ୟୁମର, ରକ୍ତହୀନତା, ଜଳାପୋଡ଼ା, ଶୁଦ୍ଧିକାରକ, କଫ, ରକ୍ତଚାପ, ଆମାଶୟ, ନାଳଝାଡ଼ା, ମେରୁଦଣ୍ଡ ମଜ୍ଜା ଆଦି ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ସୀତାଫଳ ଗଛର ପତ୍ର, କାଣ୍ଡ, ଛାଲି, ମୂଳ ଓ ବିହନ ସମେତ ଉଦ୍ଭିଦର ବିଭିନ୍ନ ଅଂଶକୁ ପାରମ୍ପରିକ ଔଷଧରେ ନିୟୋଜିତ କରାଯାଇଥାଏ। ପାରମ୍ପରିକ ଭାରତୀୟ ଔଷଧରେ ପତ୍ରଗୁଡ଼ିକୁ ପୋଲ୍ଟିସ୍ ବା ପୁଟୁଳି ଭାବରେ ବ୍ୟବହାର ପାଇଁ ମଧ୍ୟ ଚୂର୍ଣ୍ଣ କରାଯାଏ ଏବଂ କ୍ଷତ ଉପରେ ପ୍ରୟୋଗ କରାଯାଏ।

ଉଦ୍ଭିଦରେ ବିଭିନ୍ନ ପ୍ରକାରର ଜୈବ ରାସାୟନିକ ଉପାଦାନ ରହିଛି, ଯେଉଁଥିରେ ଆନୋନାଇନ୍, ସ୍କ୍ୱାମୋସିନ୍, ରେଟିକୁଲାଇନ୍, ଆନୋମୁରିସିନ୍ ଏ ଏବଂ ଆନୋନାମାଇନ୍ ଭଳି ଆଲକାଲଏଡ୍ ଅନ୍ତର୍ଭୁକ୍ତ, ଯାହା ସାଇଟୋଟକ୍ସିକ, ଆଣ୍ଟିମାଇକ୍ରୋବାୟଲ୍ ଓ ଆଣ୍ଟିପାରାସାଇଟିକ୍ ଗୁଣ ପ୍ରଦର୍ଶନ କରେ। ସ୍କ୍ୱାମୋଷ୍ଟାଟିନ୍, ସ୍କ୍ୱାମୋସିନ୍, ଆନୋନାସିନ୍ ଓ ବୁଲାଟାସିନ୍ ଭଳି ଆସେଟୋଜେନିନ୍ କର୍କଟ କୋଷ ଉପରେ ସେମାନଙ୍କର ଶକ୍ତିଶାଳୀ ସାଇଟୋଟକ୍ସିକ ପ୍ରଭାବ ପାଇଁ ଉଲ୍ଲେଖନୀୟ। ଫ୍ଲାଭୋନଏଡ୍ସରେ ଅନ୍ତର୍ଭୁକ୍ତ କ୍ୱେରସେଟିନ୍, କ୍ୟାମ୍ପଫେରୋଲ୍, ରୁଟିନ୍ ଓ ଲ୍ୟୁଟୋଲିନ୍ ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ବିରୋଧୀ ଲାଭ ପ୍ରଦାନ କରନ୍ତି। ଏହାସହିତ ସିଟୋଷ୍ଟେରୋଲ୍, ଲୁପିଓଲ୍, ଷ୍ଟିଗମାଷ୍ଟେରୋଲ୍, ଉର୍ସୋଲିକ୍ ଏସିଡ୍, ଗାଲିକ୍ ଏସିଡ୍, କ୍ଲୋରୋଜେନିକ୍ ଏସିଡ୍, ଏଲାଜିକ୍ ଏସିଡ୍ ଓ କାଫିକ୍ ଏସିଡ୍ ଭଳି ଟେର୍ପେନୋଏଡ୍ସ ଓ ଫେନୋଲିକ୍ସ ଉଦ୍ଭିଦର ବିସ୍ତୃତ ଔଷଧୀୟ କାର୍ଯ୍ୟକଳାପରେ ଅବଦାନ ରଖନ୍ତି।

ସୀତାଫଳର ଯେକୌଣସି ପ୍ରତିକୂଳ ପରିସ୍ଥିତି ସହ୍ୟ କରିବାର କ୍ଷମତା ଅଛି। ଅଧିକ ଯତ୍ନ ବିନା ବଢ଼ିଥାଏ ଏବଂ ପ୍ରାୟତଃ ଗ୍ରାମାଞ୍ଚଳରେ ଏକ ଅନାବନା ଗଛ ଭାବରେ ଦେଖାଯାଏ। ସୀତାଫଳ ଗଛକୁ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱିଡ୍ସରେ 'ଚାଷ ପଳାୟନ, ପ୍ରାକୃତିକୀକରଣ, ୱିଡ୍' ଭାବରେ ତାଲିକାଭୁକ୍ତ କରାଯାଇଛି। ଅର୍ଥାତ ଏହାର ଚାଷ ପାଇଁ କୌଣସି ଉପଯୁକ୍ତ ପଦକ୍ଷେପ ନେବାରୁ ସୀତାଫଳ ଉଦ୍ଭିଦ ବଞ୍ଚିତ ରହିଛି। ●

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବନ୍ଦ

ଭୁବନେଶ୍ୱର, ୨୯ ।୬(ସମିସ): ସୋମବାର ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନିର୍ବାଯ୍ୟ କାରଣ ପାଇଁ ସ୍ଥଗିତ ରହିବ । ଶୁଣାଣି ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଆପତ୍ତି, ଅଭିଯୋଗ ପରବର୍ତ୍ତୀ ଜନଶୁଣାଣିରେ ଶୁଣାଯିବ । ପରବର୍ତ୍ତୀ ଜନଶୁଣାଣି ଖୁବ୍‌ଶୀଘ୍ର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

## ଆଜି ମହାପ୍ରଭୁଙ୍କ ବନକଲାଗି ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨୯।୬(ସମିସ): ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ସୋମବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ । ହେରାପଞ୍ଚମୀ ପୂର୍ବଦିନ ମହାପ୍ରଭୁଙ୍କର ବନକଲାଗି ହେବାର ପରମ୍ପରା ରହିଛି । ତେଣୁ ସୋମବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି । ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ । ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି ।

## ନିରହଂକାରୀ ନିରଞ୍ଜନ ରଥ



ଜନ୍ମ ପରି ମୃତ୍ୟୁ ସତ୍ୟ । ଏହି ଧ୍ରୁବ ସତ୍ୟକୁ ମଣିଷ ପୂର୍ଣ୍ଣ ବିଶ୍ୱାସ କରୁଥିଲେ ମଧ୍ୟ ମୃତ୍ୟୁ ଖବରରେ ବିଚଳିତ ହୋଇ ଦୁଃଖରେ ମ୍ରିୟମାଣ ହୋଇପଡ଼େ । ମୃତ୍ୟୁକୁ ସହଜରେ ମଣିଷ ଗ୍ରହଣ କରିପାରେ ନାହିଁ । ବିଶିଷ୍ଟ ସମାଜସେବୀ, ଆଜୀବନ ମାନବସେବୀ ନିରଞ୍ଜନ ରଥଙ୍କ ଆକସ୍ମିକ ପରଲୋକରେ ଓଡ଼ିଶାର ସାମାଜିକ ଜୀବନ ସ୍ତବ୍ଧ ହୋଇଯାଇଛି । ନିରଞ୍ଜନ ଥିଲେ କର୍ମ ଚଞ୍ଚଳ । ନମ୍ର ସ୍ୱରରେ କମ୍ କଥା କହୁଥିବା ନିରଞ୍ଜନ ରଥ ଥିଲେ ଜଣେ ନିରବ ସାଧକ । କିନ୍ତୁ ତାଙ୍କ କଥାରେ ଥିଲା ଦୃଢତା, ଆତ୍ମୀୟତା ଓ ଆନ୍ତରିକ ଭାବ । ସାଂସାରିକ ବନ୍ଧନ ଅପେକ୍ଷା ସାମାଜିକ ବନ୍ଧନକୁ ଅଧିକ ଗୁରୁତ୍ୱ ଦେଇ 'ସମାଜ' ଅନୁଷ୍ଠାନର ବିବିଧ କାର୍ଯ୍ୟକ୍ରମରେ ନିରଞ୍ଜନ ରଥଙ୍କ ନେତୃତ୍ୱ ଓ ସଂପୃକ୍ତି ଥିଲା ସ୍ୱତନ୍ତ୍ର । ଜୀବନର ପ୍ରାରମ୍ଭରେ "ନ୍ୟାୟବତୀ"ର ସମ୍ପାଦକ ଭାବରେ ସାମ୍ବାଦିକତାର ଧାରାରେ ଏକ ପରିବର୍ତ୍ତନ ଆଣିବାରେ ସେ କ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ମୁଦ୍ରାକର ଓ ପ୍ରକାଶକ ଏପରିକି ସମ୍ପାଦକ ଭାବରେ 'ସମାଜ'ର ଦୈନିକ ସଂଖ୍ୟାକୁ ସୁନ୍ଦର, ନିର୍ଭୁଲ ଓ ପାଠକାଭିମୁଖୀ କରାଇବାରେ ନିରଞ୍ଜନଙ୍କ ଆଗ୍ରହ ଥିଲା ଅପରିସୀମ । ୨୦୧୬ ଏପ୍ରିଲ ମାସରେ ପୁନଃ ଆତ୍ମପ୍ରକାଶ କରିଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ସାହିତ୍ୟ ପତ୍ରିକାର ସମ୍ପାଦକ ଭାବେ ନିରଞ୍ଜନ ରଥଙ୍କ ଉଦ୍ୟମରେ ସୁନ୍ଦର ପରିପାଟୀ ଓ ସମ୍ପାଦନା ସହିତ ଓଡ଼ିଆ ସାହିତ୍ୟର ଏକ ଆବଶ୍ୟକତା ପୂରଣ ହେଲା ।

ନିରଞ୍ଜନ ରଥ ମାନବକଲ୍ୟାଣ ଓ ସେବାରେ ଦୃଢ ବିଶ୍ୱାସୀ ଥିବାରୁ ଗ୍ରାମାଞ୍ଚଳରେ ଜନ୍ମ ହୋଇ ଜୀବନ ନିର୍ବାହ କରିଥିବାରୁ ସାଧାରଣ ମଣିଷଙ୍କ ସ୍ୱାସ୍ଥ୍ୟଜନିତ ବିଭିନ୍ନ ସମସ୍ୟା ଓ ଦୁଃଖକୁ ଉପଲବ୍ଧି କରିଥିଲେ । ତେଣୁ କଟକ ଜିଲାର ଆଠଗଡ଼ ନିକଟସ୍ଥ ମାଧପୁର ଗ୍ରାମରେ ଲୋକସେବକ ମଣ୍ଡଳ ଆନୁକୂଲ୍ୟରେ ପ୍ରତିଷ୍ଠା ହେଲା ଗୋପବନ୍ଧୁ ଡ଼ାକ୍ତରଖାନା (ଜିମସାର) ପ୍ରତିଷ୍ଠା କରିଥିଲେ । ଜିମସ୍ବାରରେ ନର୍ସିଂ ଶିକ୍ଷା ସହ ଏମଆରଆଇ, ସିଟିସ୍କାନ, ଏକ୍ସରେ, ଅଲଟ୍ରାସାଉଣ୍ଡ, ଡ଼ାଇଲିସିସ୍, ଆଇସିୟୁ ଆଦି ଅନେକ ବ୍ୟବସ୍ଥା ରହିଛି । ଯାହା ଗ୍ରାମାଞ୍ଚଳର ଜନତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଆକର୍ଷଣୀୟ ଭୂମିକା ଗ୍ରହଣ କରିଛି । ଏହି ପବିତ୍ର ଅନୁଷ୍ଠାନର ପ୍ରାରମ୍ଭରୁ ଅର୍ଥାତ୍ ପ୍ରଥମ ଚେୟାରମ୍ୟାନ ଥିଲେ ନିରଞ୍ଜନ ରଥ । ତାଙ୍କର ସୁପରିଚାଳନା, ମାର୍ଗଦର୍ଶନରେ ଏ ଅନୁଷ୍ଠାନ ଯଥେଷ୍ଟ ସୁନାମ ଅର୍ଜନ କରିଛି । ଏହି ସ୍ୱାସ୍ଥ୍ୟଅନୁଷ୍ଠାନ ଗଠନ ଓ ପରିକଳ୍ପନାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ଏତଦଭିନ୍ନ ସେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାକ୍ଷୀଗୋପାଳ ଅନ୍ତର୍ଗତ କାଦୁଆଶ୍ରମ ସ୍ଥିତ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘର ଅଧ୍ୟକ୍ଷ, ଭାରତ ସ୍କାଉଟ ଆଣ୍ଡ ଗାଇଡ଼ର ଉପାଧ୍ୟକ୍ଷ ରୂପେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ।

ଲୋକସେବକମଣ୍ଡଳ, ନୂଆଦିଲ୍ଲୀ ଓଡ଼ିଶା ଶାଖା ଲୋକସେବକମଣ୍ଡଳ, ରିଲିଫ କମିଟି, ସମାଜ ଓ ଗୋପବନ୍ଧୁଙ୍କ ସତ୍ୟବାଦୀର ପ୍ରମୁଖ କର୍ମକର୍ତ୍ତା ହୋଇ ନିରଞ୍ଜନ ରଥ ସ୍ୱକୀୟ କର୍ତ୍ତବ୍ୟନିଷ୍ଠା, କର୍ମଦକ୍ଷତା ସହ ସ୍ୱାତନ୍ତ୍ରତାର ପରିଚୟ ଦେଇଯାଇଛନ୍ତି । ସେ ନିରବ, ଶାନ୍ତ, ସରଳ, ନିଷ୍କପଟ ଭାବରେ କର୍ତ୍ତବ୍ୟ କରିଯାଉଥିଲେ । ତାଙ୍କ ବେଶ ପୋଷାକ, ଖାଦ୍ୟ ଓ ଜୀବନଚର୍ଯ୍ୟାରେ ଥିଲା ସରଳ ଭାବ ଓ ଆଧ୍ୟାତ୍ମିକ ଚେତନାର ସ୍ପଷ୍ଟ ପ୍ରତିଫଳନ । ଗଭୀର ଧୈର୍ଯ୍ୟ ଓ ଈଶ୍ୱରବିଶ୍ୱାସ ଯୋଗୁ ସେ ଆପଣାର ହୋଇଥିଲେ ସହସ୍ରାଧିକ ମଣିଷମାନଙ୍କର । ତାଙ୍କ ସଂସାର ଥିଲା ସାରା ଓଡ଼ିଶା । ସେ ଥିଲେ ବାସ୍ତବରେ ନିରହଂକାରୀ, ଆଧ୍ୟାତ୍ମିକବାଦୀ, ସାମ୍ବାଦିକ, ସ୍ନେହୀ, ଶ୍ରଦ୍ଧାଶୀଳ ସାରସ୍ୱତ ସାଧକ । ■

■ ପ୍ରଫେସର ବିଜୟାନନ୍ଦ ସିଂ

ସଭାପତି, କଳାବିକାଶ କେନ୍ଦ୍ର, କଟକ ।

# ଅବଶିଷ୍ଟାଂଶ

### ଜନ୍ମବେଦୀରେ ଚତୁର୍ଦ୍ଧାବିଗ୍ରହ...

ବେଶି ବାଟ ଗଡ଼ିପାରି ନଥିଲେ । ଶନିବାର ସକାଳେ ପୁନଶ୍ଚ ରଥଟଣା ଯାଇଥିଲା । ଅପରାହ୍ଣ ୧ଟା ୧୦ସୁଦ୍ଧା ତିନିରଥ ଶରଧାବାଲିରେ ପହଞ୍ଚିଥିଲେ । ଦୁଇରାତି ଓ ଦୁଇଦିନ ରଥ ଉପରେ ହିଁ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସକାଳ ୬ଟା ୧୫ରୁ ୬ଟା ୨୫ ମଧ୍ୟରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ରଥ ଉପରେ ଠାକୁର ଥିବା ବେଳେ ଖଇ, କୋରା, ଶଙ୍ଖକୋରା, ଫଳମୂଳ ଭୋଗ ଲାଗି କରାଯାଇଥିଲା । ମଙ୍ଗଳ ଆଳତିଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ଣ ୨ଟା ୪୫ ମଧ୍ୟରେ ଶେଷ ହୋଇଥିଲା । ପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା । ପାଗ ଅନୁକୂଳ ଆଣି ଦେଇଥିଲା ଆଶ୍ୱସ୍ତି । ଆରମ୍ଭ ହୋଇଥିଲା ପହଣ୍ଡି ପାଇଁ ପ୍ରକ୍ରିୟା । ଅପରାହ୍ଣ ୩ଟା ୨୫ରୁ ସନ୍ଧ୍ୟା ସାଢ଼େ ୬ଟା ମଧ୍ୟରେ ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧା ଯାଇଥିଲା । ପରେ ସନ୍ଧ୍ୟା ୬ଟା ୪୦ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳୀ । ୬ଟା ୫୦ରେ ଆରମ୍ଭ ହୋଇଥିଲା ପହଣ୍ଡି । ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପମଣ୍ଡପକୁ ବିଜେ ହୋଇଥିଲେ । ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟିପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା । ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି ।

ସୁଦର୍ଶନଙ୍କ ପହଣ୍ଡି ପରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ସଅଳ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ ଶ୍ରୀବଳଭଦ୍ର । ବଡ଼ଠାକୁରଙ୍କ ପରେ ହଳଦୀମୁଖିଦେବୀ ସୁଭଦ୍ରା ଜନ୍ମବେଦୀକୁ ଗୋଟିପହଣ୍ଡିରେ ବିଜେ କରିଥିଲେ । ଶେଷରେ ବିଶ୍ୱନିୟନ୍ତା ମହପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ହଲିଝୁଲି କାଳିଆ ଠାକୁର ଆଡ଼ପମଣ୍ଡପକୁ ବିଜେ କରିଥିଲେ । ରାତି ୯ଟା ୫୦ରେ ପହଣ୍ଡି ଶେଷ ହୋଇଥିଲା । ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା । ପତିମହାପାତ୍ର ସେବକ ଘଷା ଏବଂ ବିଡ଼ିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ । ଏହାପରେ ଗୋଟିପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପରେ ରୁନ୍ଧାଯିବା ପରେ ନିର୍ଘଣ୍ଟ ଅନୁଯାୟୀ ଅନ୍ୟାନ୍ୟ ନୀତି କରାଯାଇଛି ।

ଅପରପକ୍ଷେ, ସୋମବାରଠାରୁ ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବାହାରିବ ଆଡ଼ପ ଅବଢ଼ା । ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା । ଭକ୍ତମାନେ କିପରି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ, ସେଥିଲାଗି ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

### ମହାଅଘଟଣ...

୧୫ ମଧ୍ୟରେ ତିନିରଥରେ ଠାକୁରଙ୍କର ପହୁଡ଼ କରାଯାଇଥିଲା । ଏପଟେ ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ଅଞ୍ଚଳରେ ଦର୍ଶନ ପାଇଁ ଅପେକ୍ଷା କରିରହିଥିଲେ । ପହୁଡ଼ ପଡ଼ିଯିବାରୁ ଶ୍ରଦ୍ଧାଳୁମାନେ ଜରି ପକାଇ ତଳେ ବସି ରହିଥିଲେ । ଅନ୍ୟପକ୍ଷରେ ରାତି ଯେତେ ଅଧିକ ହେଉଥିଲା, ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେତେ ବଢ଼ିବାରେ ଲାଗିଥିଲା । ଗୁଣ୍ଡିଚା ମନ୍ଦିର ସମ୍ମୁଖ ସୀମିତ ଅଞ୍ଚଳରେ ହଜାରହଜାର ଭକ୍ତ ସମାଗମ ହୋଇଥିଲେ । ପ୍ରତ୍ୟୁଷରେ ପହୁଡ଼ ଖୋଲିବା ପରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିଲା । ଏହି ସମୟରେ ଚାରମାଳ କାଠ ନେଇ ଭିଡ଼ ଭିତରେ ୨ଟି ଟ୍ରକ୍ ଆସିଥିଲା । ଶ୍ରଦ୍ଧାଳୁ ଆଡ଼େଇ ହୋଇଯାଉଥିବା ବେଳେ ଠେଲାପେଲା ହୋଇଥିଲା । ଏହି ଠେଲାପେଲା ଯୋଗୁଁ ମଝି ରଥ ସମ୍ମୁଖରେ ଦଳାଚକଟା ହୋଇଥିଲା । ବହୁ ଭକ୍ତ ତଳେ ପଡ଼ିଯାଇଥିଲେ । ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ି ଚାଲିଯାଉଥିଲେ । ଫଳରେ ଘଟଣାସ୍ଥଳରେ ୨ଜଣ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଜଣେ; ଏହିପରି ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶ୍ରଦ୍ଧାଳୁ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ମୃତ ଶ୍ରଦ୍ଧାଳୁମାନେ ହେଲେ, ବୋଲଗଡ଼ର ବାସନ୍ତୀ ସାହୁ, ଭୁବନେଶ୍ୱରର ପ୍ରେମକାନ୍ତ ମହାନ୍ତି ଏବଂ ବାଲିପାଟଣା ଅଠାନ୍ତରର ପ୍ରଭାତୀ ଦାସ । ଏହି ଦୁର୍ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୋକାକୁଳ ପରିସ୍ଥିତି ଉପୁଜିଥିଲା । ପୁଲିସ୍ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଘଟଣାସ୍ଥଳରେ ଉପସ୍ଥିତ ଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପ୍ରଶାସନର ଅବହେଳା ଯୋଗୁଁ ଏପରି ଅଘଟଣ ଘଟିଲା । ସେମାନଙ୍କ ସୂଚନା ମୁତାବକ, ଭକ୍ତଙ୍କ ଭିଡ଼ ଭିତରେ ୨ଟି ଚାରକାଠ ବୋଝେଇ ଟ୍ରକ୍ ପଶିଥିଲା । ଟ୍ରକ୍ ପଶିବା ଯୋଗୁଁ ଠେଲାପେଲାରୁ ଦଳାଚକଟା ହୋଇଥିଲା । ଏହି ସମୟରେ ହାତଗଣତି କିଛି ସୁରକ୍ଷା କର୍ମୀ ଥିଲେ । କୌଣସି ପ୍ରଶାସନିକ ଅଧିକାରୀ ନଥିଲେ । ଭିଡ଼ ନିୟନ୍ତ୍ରଣ ପାଇଁ ବି କିଛି ବ୍ୟବସ୍ଥା ନଥିଲା । ଯିଏ ଯେଉଁପଟେ ଚାହୁଁଥିଲା, ଆସୁଥିଲା । ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ନ ଥିଲା । ଭକ୍ତଙ୍କ ପ୍ରସ୍ଥାନ ରାସ୍ତା ବନ୍ଦ କରାଯାଇ ଭିଆଇପିଙ୍କ ମୁକ୍ତ ଦର୍ଶନ ପାଇଁ ବ୍ୟାରିକେଡ୍ କରାଯାଇଥିଲା । ଫଳରେ ରଥାରୂଢ଼ ଶ୍ରୀଜୀଉଙ୍କୁ ଦେଖିବା ପାଇଁ ସଙ୍କୁଚିତ ପ୍ରବେଶପଥରେ ଆସି ପୁଣି ସେଇ ବାଟେ ଫେରୁଥିଲେ । ଏଥିସହିତ ଡାକବାଜି ଯନ୍ତ୍ରରେ କେତେବେଳେ ପହୁଡ଼ ଖୋଲାଯିବ, ତାହାର ସୂଚନା ମଧ୍ୟ ଦିଆଯାଉ ନ ଥିଲା । ଫଳରେ ଲୋକଙ୍କ ମଧ୍ୟରେ ଠାକୁରଙ୍କୁ ଦେଖିବା ପାଇଁ ଦଳଚକଟା ପରିସ୍ଥିତି ଉପୁଜିଥିଲା ।

ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭକ୍ତମାନେ ଯେଉଁ ପଲିଥିନ୍‌ରେ ବସିଥିଲେ, ତାହା କାଳ ହୋଇଥିଲା । ଝିପିଝିପି ବର୍ଷା ହେବାରୁ ପଲିଥିନ୍‌ରେ ଗୋଡ଼ ଖସିଥିଲା । ଚାରମାଳ କାଠ ଗାଡ଼ି ଆସିବା ବେଳେ ହଠାତ୍ ଉଠିବା ବେଳେ ଜଣଙ୍କ ପରେ ଜଣେ କଚାଡ଼ି ହୋଇ ପଡ଼ିଥିଲେ ।

ଅନ୍ୟପକ୍ଷରେ ଜଣେ ମୃତକଙ୍କ ସ୍ୱାମୀ ପ୍ରଶାସନିକ ଅବେହଳାକୁ ଦାୟୀ କରିଛନ୍ତି । ସେ କହିଛନ୍ତି, ଯଦି ପ୍ରଶାସନ କିମ୍ବା ଆମ୍ବୁଲାନ୍ସ ସେଠାରେ ଥାଆନ୍ତା, ତା'ହେଲେ ତାଙ୍କ ସ୍ତ୍ରୀ ବଞ୍ଚିଯାଇଥା'ନ୍ତା । ପୁଲିସକୁ ଅବଗତ କରାଇଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ । ପ୍ରଶାସନର ଅବହେଳା ଯୋଗୁଁ ତାଙ୍କ ସ୍ତ୍ରୀ ମରିଗଲା ବୋଲି କୋହଭରା କଣ୍ଠରେ କହିଛନ୍ତି ।

ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର ମଧ୍ୟ ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି । ୭୫ପ୍ରତିଶତ ଜାଗାରେ ବ୍ୟାରିକେଡ୍ ପକାଯାଇଛି । ଫଳରେ ଭକ୍ତଙ୍କ ପାଇଁ ସଂକୀର୍ଣ୍ଣ ଜାଗା ଛଡ଼ାଯିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି କହିଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ପ୍ରାକ୍ତନ ପ୍ରଶାସକ ତଥା ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର କହିଛନ୍ତି, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ହେବା ଏହା ପ୍ରଥମ ଘଟଣା । ଦୀର୍ଘ ୪୦/୫୦ ବର୍ଷ ହେବ ଶରଧାବାଲିରେ କେବେ ଏମିତି ଦୁର୍ଘଟଣା ଘଟି ନ ଥିବା ସେ ମତ ଦେଇଛନ୍ତି ।

### ସରକାର ସମ୍ପୂର୍ଣ୍ଣ...

ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତ । ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଇଛି ।

ନବୀନ ପୁଣି କହିଛନ୍ତି ଯେ ରଥଯାତ୍ରା ଦିନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିବାରେ ଅହେତୁକ ବିଳମ୍ବ ହେଲା, ହେଲେ ସରକାର ଅତି ସହଜରେ ଏହାକୁ 'ମହାପ୍ରଭୁଙ୍କ ଇଚ୍ଛା' ବୋଲି କହି ଦାୟିତ୍ୱରୁ ମୁହଁ ଫେରାଇ ନେଲେ । ଏପରି ଅଭାବନୀୟ ଉକ୍ତି ପ୍ରଶାସନର ଦାୟିତ୍ୱହୀନତାକୁ ଢାଙ୍କିବା ବ୍ୟତୀତ ଆଉ କିଛି ବି ନୁହେଁ । ସରକାରଙ୍କ ବେଖାତିର ମନୋଭାବ ତଥା ସମ୍ବେଦନହୀନ ଆଚରଣ ହିଁ ଏପରି ଅଘଟଣର କାରଣ ବୋଲି ଉଲ୍ଲେଖ କରି ଆଡ଼ପ ବିଜେ, ବାହୁଡ଼ା, ସୁନାବେଶ ତଥା ରଥଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ରୀତିନୀତି ଯେପରି ସୁରୁଖୁରୁରେ ସମାପନ ହେବ ସେଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମ୍ବେଦନଶୀଳ ଭାବେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନବୀନ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଅନ୍ୟପଟେ ଶରଧାବାଲିରେ ଦଳାଚକଟା ଯୋଗୁଁ ପ୍ରାଣ ହରାଇଥିବା ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ମୃତ୍ୟୁ ହୋଇଛି । ଆଜି ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୃତ ପ୍ରଭାତୀ ଦାସଙ୍କ ପୁଅ ଆୟୁଷ ଦାସଙ୍କ ସହିତ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକ ବ୍ୟକ୍ତ କରିବା ସହ ଗଭୀର ସମବେଦନା ଜଣାଇଥିଲେ । ସେହିପରି ବୋଲଗଡ଼ ଗୋବର୍ଦ୍ଧନପୁରର ବାସନ୍ତି ସାହୁଙ୍କ ପରିବାରବର୍ଗଙ୍କ ସହ ମଧ୍ୟ ଫୋନ୍ ଯୋଗେ କଥା ହୋଇଛନ୍ତି । ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମୟରେ ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ରହି ଫୋନ୍ ଯୋଗେ ନବୀନ ପଟ୍ଟନାୟକଙ୍କୁ କଥାବର୍ତ୍ତା କରାଇଛନ୍ତି ।

### ଅବ୍ୟବସ୍ଥା ଐତିହାସିକ...

୨୫୨୭ ଗୃହରକ୍ଷୀ, ୭୫ ଟ୍ରାଫିକ୍ ପୁଲିସ ୭୦୭ କନଷ୍ଟେବଲ, ୧୯ ଟ୍ରାଫିକ୍ ହାବିଲଦାର, ୯୫ ହାବିଳଦାର ଓ ୮୯୮ ସବ୍‌ଇନ୍ସପେକ୍ଟର ଓ ସହକାରୀ ସବଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିଲା । ମୋଟାମୋଟି ହିସାବ କଲେ ତଳ ପାହ୍ୟାରୁ ଉପର ପାହ୍ୟାର ୧୦ ହଜାରରୁ ଉର୍ଦ୍ଧ୍ୱ ପୁଲିସ ରଥଯାତ୍ରାରେ ମୁତୟନ ହୋଇଥିଲେ । ଏମାନଙ୍କ ବ୍ୟତୀତ ଡ଼ିଜିଙ୍କଠାରୁ ଆରମ୍ଭ କରି ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ରଥଯାତ୍ରାର ତତ୍ତ୍ୱାବଧାନ କରୁଥିଲେ । ମାତ୍ର ଏତେ ସଂଖ୍ୟକ ପୁଲିସ ମୁତୟନ ସତ୍ତ୍ୱେ ଚଳିତ ବର୍ଷର ଅବ୍ୟବସ୍ଥା ପୂର୍ବବର୍ଷକୁ ଅତିକ୍ରମ କରିଯାଇଛି ।

### ଅରବିନ୍ଦ ଅଗ୍ରୱାଲ...

ଅଗ୍ରୱାଲଙ୍କୁ ରଥ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ରବିବାରଠାରୁ ତାଙ୍କ ତଦାରଖରେ ରଥଯାତ୍ରାର ବଳକା ନୀତି ଏବଂ ଯାତ୍ରା ଅନୁଷ୍ଠିତ ହେବ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସେହିପରି ଅତିରିକ୍ତ ପୁଲିସ ଡିଜି(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ବଳକା ନୀତି, କାର୍ଯ୍ୟକ୍ରମ ବେଳେ ପୁଲିସ ବ୍ୟବସ୍ଥାବଳୀର ସମସ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ତାଙ୍କ ନେତୃତ୍ୱରେ ହିଁ ପୁରୀରେ ପୁଲିସ କାର୍ଯ୍ୟ କରିବ ବୋଲି ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ।

ରଥଯାତ୍ରା ମହାବିଭ୍ରାଟରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ ଭୂମିକାକୁ ନେଇ ସାଧାରଣରେ ବେଶ୍ ଅସନ୍ତୋଷ ପ୍ରକାଶ ପାଇଛି । ରବିବାର ଦଳାଚକଟାରେ ରାଜ୍ୟ ସରକାର ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହେଁ ମୁଖ୍ୟ ପ୍ରଶାସକଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ମାତ୍ର ରଥଯାତ୍ରାର ଅବଶିଷ୍ଟ ଦିନଗୁଡ଼ିକର ପରିଚାଳନା ଦାୟିତ୍ୱ ତାଙ୍କଠାରୁ କାଢ଼ି ନିଆଯାଇଛି । ପରୋକ୍ଷରେ ଦେଖିଲେ ସରକାର ତାଙ୍କ ଉପରୁ ଭରସା ହରାଇଥିବା କୁହାଯାଉଛି । ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦେବା ଅର୍ଥ ତାଙ୍କୁ ଏକପ୍ରକାର ନିଷ୍କ୍ରିୟ କରାଯାଇଛି । ରଥଯାତ୍ରା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କ୍ଷମତା ଅଳିନ୍ଦରେ ଆଲୋଚନା ଚାଲିଛି ।

### ରାହୁଲ, ଖଡ଼୍‌ଗେଙ୍କ...

ରାହୁଲ କହିଛନ୍ତି । ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଦାୟିତ୍ୱରେ କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି ରାହୁଲ୍ କହିଛନ୍ତି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଦାୟିତ୍ୱରେ ଅବହେଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶ୍ରୀ ଖଡ଼୍‌ଗେ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ରଥଯାତ୍ରା ସମୟରେ ଦଳାଚକଟା ଯୋଗୁଁ ମୁଁ ଗଭୀର ମର୍ମାହତ । ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଏବଂ ଅତି କମରେ ୫୦ ଜଣ ଆହତ ହୋଇଛନ୍ତି । ଏହା ବ୍ୟତୀତ ଶୁକ୍ରବାର ରଥଯାତ୍ରା ସମୟରେ ମଧ୍ୟ ୫୦୦ ଭକ୍ତ ଆହତ ହୋଇଥିଲେ । ସମସ୍ତ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ଏହି ଦୁଃଖଦ ଘଟଣା ପାଇଁ ଯେଉଁ ଅବହେଳା ଏବଂ କୁପରିଚାଳନା କରାଯାଇଛି ତାହା ଅକ୍ଷମଣୀୟ । ରାଜ୍ୟ ସରକାର ଏହି ଗୁରୁତର ତ୍ରୁଟିର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ । ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଦୁଃଖଦ ଘଟଣା ପାଇଁ ଦାୟୀ ଲୋକଙ୍କୁ ଆଇନ ଅନୁଯାୟୀ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି ।

### ମନ୍ତ୍ରୀ, ପ୍ରଶାସକଙ୍କୁ...

ତଥା ରଥଯାତ୍ରା ପରିଚାଳନା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବଦଳି କରିଥିବା କୁହାଯାଉଛି ।

ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବୀନ୍ଦ୍ର ନାଥ ବେହେରା କହିଛନ୍ତି ଯେ ଏପରି ଅଭାବନୀୟ ପରିସ୍ଥିତି ପାଇଁ କେବଳ ଜିଲ୍ଲାପାଳ, ଏସପିଙ୍କୁ ଦୋଷ ଦେଇ ସରକାର ଖସିଯିବାକୁ ଉଦ୍ୟମ କରିବା ଉଚିତ୍ ନୁହେଁ । ସରକାର ହିଁ ରଥଯାତ୍ରା ପରିଚାଳନା କରୁଥିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ । ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଗତ ୨୨ ତାରିଖରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କରିବା ସହ ଚଳିତ ଥର ଭକ୍ତ ଦିବ୍ୟ ଓ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ଗଣମାଧ୍ୟମକୁ କହିଥିଲେ । ଗତବର୍ଷ ମହାପ୍ରଭୁ ବଳଭଦ୍ର ନିଜେ ଚାରମାଳ ଉପରେ ପଡ଼ିଯିବାର ଅଘଟଣ ମନରୁ ନ ଲିଭୁଣୁ ଚଳିତ ବର୍ଷ ବାରମ୍ବାର ଅଘଟଣ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି । ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି ।


**AFFIDAVIT**

By virtue of an affidavit before the Executive Magistrate, Sambalpur no.1989 dtd.26.06.2025, I, JITU BHOI, S/o- Kandarpa Bhoi, residence of at- Tabloi, Po.- Keshapali, Ps.- Dhama, Dist.- Sambalpur, Odisha state that, my actual and correct name is **JITU BHOI** but in my Aadhar Card my name has been wrongly mentioned as Jitendra Bhui. Both the names **JITU BHOI & JITENDRA BHUI** is of one and same person. Henceforth I shall be known as **JITU BHOI** for all purposes.

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

6370964966

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
Mob.: 9437015112

**AFFIDAVIT**

By virtue of an affidavit dtd. 13.06.2025 before the Executive Magistrate Berhampur, Ganjam, I, Bijaylaxmi Gouda, At- Alakapuri 13th Lane, Bhabinipur, Po- Engineering School, Dist.- Ganjam - 760002 have changed my name from Bijay Laxmi Dash to Bijaylaxmi Gouda. Henceforth I shall be known as **Bijaylaxmi Gouda** for all purposes.

Sd/- Bijaylaxmi Gouda

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit before The Notary Public, Titilagarh, on dated- 25/06/2025. I, Kumpatia Bag (Applicant name), Son of Babi Bag, Permanent resident of At- Antarla, P.O. Naren, P.S. Titilagarh, Dist. Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Doleswari Bag** (old name) To **Doli Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Doli Bag** (new name).

**Kumpatia Bag**

**M/s. R.R. ENTERPRISES**
Administration Office: Plot No. SCR-46, Kharvel Nagar, Bhubaneswar-1. Tel: 0674-2392457, 9861032457, 8280327531
E-mail: rrenterprises155@gmail.com

**REQUIREMENT**

Required for Engagement of Human Resources for setting up FRA Cells (Dharti Aaba Units) at Sub-Divisional level under DA-JGUA in respect of Sambalpur District on outsourcing basis.

**1. COORDINATOR (03 Nos) :**
Salary ₹ 35,000/-, (inclusive of all Taxes). i.) Candidate should have completed Graduation individual with Master Degree will be preferred. ii) Minimum 2-3 years year of experience in NGO / Social Sector Project. iii) Candidates from concerned District should be preferred for all the positions under the scheme. iv) Experience of working with Govt. Project training & capacity building Programmee / Initiatives Computer be an added advantage. v) Proficiency in understanding of Central / State Govt. schemes & Community mobilization skills use of MS Office & Conversant with internet/email and fluency oral & written communication in Eng., Odia & Local Language are preference age limit as per State Govt. of Odisha.

**2. MIS ASSISTANT (03 Nos)**
Salary ₹ 25,000/-, (inclusive of all Taxes). i) Candidates should have completed Graduation and PGDCA course Individuals with master degree will be preference age limit as per Govt. of Odisha norms. ii.) 02 year experience in DEO-Cum-Office Assistant for database office management in any reputed Govt./NGO Sector. iii) Proficiency in the use of MS Office Specially, Word, Excel & Conversant with internet/ use of online platforms is a mandatory requirement and preferred for local language.

The above post candidates are advised to send their attested photocopy of all relevant educational certificate, CVs, Pass size Photo and post wise experience through speed post regd. Post & Courier with mention for post applied and submission last date **08/07/2025** in the above mention address only.



## The Khordha Central Co-operative Bank Ltd,Khordha

### Report on the Audit of the standalone Financial Statement

**Opinion**

We have audited the accompanying Finacial Statements of **Khordha Central Co-operative Bank Limited("The Bank" or "KCCB")**,which comprises of teh Balance Sheet as at March-31,2025.Profit and Loss Account for the year ended on March -31,2025 and a summary of significant accounting policies and other explanatory information.

In our opinion, and the best of our information and according to the explanations given to us, the aforesaid financial statements read together with the Notes of Accounts forming part of the said Financial Statements,give the information required by the Banking Regulation Act,1949, the Odisha Co-operative Societies Act,1962 and the Rules made there under (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Developement (NABARD),in the manner so required and give a true and fair view in conformity with the accounting principles generally accepted in india of the state of affairs of the Bank as at March-31,2025 and its profit for the financial year ended.

The Balance sheet and profit and Loss Accouunt dealt with by this report , agree with the trail balance generated from Computer System and prepared manually by consolidating the trail balances. Then Balance in Various Ledger Heads in General Ledger reconciles with balance in Schedules for relevant head.

We have furnished our opinion and findings on the Long form Audit Report (LFAR) questionnaire,which forms integral part of this Audit Report.

The Accounting standards adopted by the Bank are consistent with those laid down by accounting principles generally accepted in India so far as applicable to Bank.

Sd/- JBMT & ASSOCIATES
Chartered Accountants (FRN:320232E)

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure Form A**
**Form of Balance Sheet for the year ended on 31st March 2025**

| | Capital and Liabilities | Schedule | GL | As on 31.03.2025 (Current Year ) | As on 31.03.2024 (Previous Year ) |
|---|---|---|---|---|---|
| 1 | Capital | 1 | | 1,30,81,04,456.06 | 1,17,36,74,882.01 |
| 2 | Reserves and Surplus | 2 | | 21,11,77,541.81 | 12,67,89,618.61 |
| 3 | Deposits | 3 | | 7,40,00,39,816.57 | 6,33,03,05,368.35 |
| 4 | Borrowings | 4 | | 5,39,49,22,313.00 | 5,96,71,98,159.00 |
| 5 | Other liabilities and provisions | 5 | | 2,73,84,74,849.86 | 2,59,27,48,553.00 |
| | **Total** | | | **17,05,27,18,977.30** | **16,19,07,16,580.97** |
| | | | | | |
| | Aseet | | | | |
| 1 | Cash and balance with Reserve Bank of India | 6 | | 49,59,28,420.85 | 83,18,54,767.61 |
| 2 | Balance with banks and money at call and shots notice | 7 | | 30,00,00,000.00 | |
| 3 | Investments | 8 | | 5,72,06,40,624.14 | 5,71,41,42,267.14 |
| 4 | Advances | 9 | | 9,76,44,74,536.95 | 8,93,13,25,051.84 |
| 5 | Fixed Aseets | 10 | | 9,70,21,608.58 | 9,11,35,435.73 |
| 6 | Other Assets | 11 | | 67,46,53,786.78 | 62,22,59,058.65 |
| | Total | | | **17,05,27,18,977.30** | **16,19,07,16,580.97** |
| | Contingent liabilities Bills for collectic | 12 | | | |

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure I Form B**
**Form of Profit and Loss Account for the year ended on 31st March 2025**

| | | Schedule | GL | As on 31.03.2025 (Current Year) | As on 31.03.2024 (Previous Year ) |
|---|---|---|---|---|---|
| I | **Income** | | | | |
| | Interest Earned | 13 | | 1,15,14,12,104.56 | 1,11,01,96,230.40 |
| | Other Income | 14 | | 79,79,526.02 | 3,27,53,860.15 |
| | Total | | | **1,15,93,91,630.58** | **1,14,29,50,090.55** |
| II | **Expenditure** | | | | |
| | Interest expended | | | 70,19,99,203.69 | 62,34,07,099.96 |
| | Operating expenses | | | 18,44,61,251.69 | 16,25,56,977.59 |
| | Provisions and contigencies | | | 25,29,09,859.15 | 33,82,19,213.00 |
| | **Total** | | | **1,13,93,70,314.53** | **1,12,41,83,290.55** |
| III | **Profit /Loss** | | | | |
| | Net Profit/loss(-) for the year | | | 2,00,21,316.05 | 1,87,66,800.00 |
| | **Profit/loss(-) brought forward** | | | | |
| | **Total** | | | **2,00,21,316.05** | **1,87,66,800.00** |
| IV | **Appropriations** | | | | |
| | Transfer to statutory reserves | | | | |
| | Transfer to other reserves | | | | |
| | Transfer to Government/ Proposed divided | | | | |
| | Balance carried over to balance sheet | | | | |
| | **Total** | | | | |
| | **Grand Total** | | | **1,15,93,91,630.58** | **1,14,29,50,090.55** |

sd/- Chief Executive Officer | sd/- Director | sd/- Director | sd/- President | sd/- Final Auditor

ସକାଳ THE SAKALA



www.sakalaepaper.com

## ସରକାରୀ ନିୟମର ଖୋଲା ଉଲଘଂନ

# ବର୍ଷାଋତୁରେ ନିର୍ମାଣ ଚାଲିଛି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ

କଟକ,୨୯।୬(ସମିସ)





ମାହାଙ୍ଗା ବ୍ଲକ ଅଞ୍ଚଳରେ ଜଳସମ୍ପଦ ବିଭାଗ ତରଫରୁ ସରକାରୀ ନୀତିନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ବର୍ଷା ଋତୁରେ କରାଯାଉଥିବାର ଅଭିଯୋଗ ହୋଇଛି। ଫଳରେ ଏହି କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପ୍ରକଳ୍ପ ସମ୍ବନ୍ଧରେ କୌଣସି ସୂଚନା ଫଳକ ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି।

**ସ୍ଥାୟିତ୍ୱ ନେଇ ସନ୍ଦେହ**

ଧର୍ମାଗତପୁର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୬ ନମ୍ବର କେନାଲର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ଏହି କେନାଲ ଓ ତାର ଶାଖା କେନାଲ ଗୁଡିକ ଉପରେ ସ୍ଥାନୀୟ ପଲ୍ଲିସାହି, ଭଉଁରିଆ, ଉମର ପ୍ରଭୃତି ଗ୍ରାମପଞ୍ଚାୟତର ଶହ ଶହ ଚାଷୀ ଜଳସେଚନ ନିମନ୍ତେ ନିର୍ଭର କରିଥାନ୍ତି। ସରକାରଙ୍କ ତରଫରୁ ଏହି କେନାଲରେ ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ ନିମନ୍ତେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ତେବେ ପ୍ରଶାସନ ତରଫରୁ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ ତୁହାକୁ ତୁହା ବର୍ଷା ହେଉଥିଲା ବେଳେ ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟ ଚାଲିଥିବାର ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ପ୍ରକଳ୍ପ ନିମନ୍ତେ କେତେ ଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଠିକାଦାର ଅଟକଳ ଅନୁଯାଇ ଏହି ନିର୍ମାଣ କାର୍ଯ୍ୟ କରୁ ନ ଥିବାର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଠିକାଦାର ନିଜ ମର୍ଜିରେ ଅତ୍ୟନ୍ତ ମନ୍ଥର ଗତିରେ ନିମ୍ନମାନର କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁ ନ ଥିବା କାରଣରୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସେହିପରି ଭାବେ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା କାରଣରୁ ଚଳିତ ବର୍ଷ ଏହି କେନାଲରେ ପାଣି ଆସିବା ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ସେହିପରି ଭାବେ ସରକାର ପରିବେଶର ସୁରକ୍ଷା ନିମନ୍ତେ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏପରିସ୍ଥଳେ ପ୍ରଶାସନ ତରଫରୁ ବେପ୍ରୁରଆ ଭାବେ ଏହି କେନାଲ ବନ୍ଧ ପାଶ୍ୱର୍ରେ ଥିବା ବହୁ ଜୀବନ୍ତ ଗଛକୁ କାଟି ଦିଆଯାଉଥିବାର ଅଭିଯୋଗ ହୋଇଛି। ତେବେ ଏହି ଗଛ ଗୁଡିକ କାହା ଆଦେଶରେ କଟାଯାଉଛି ଏବଂ କିଏ ନେଉଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ସମ୍ପଦ ବିଭାଗ ତରଫରୁ ଏହି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟରେ ହେଉଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ଖୁଲାସା ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ଆଡ଼ପ ମଣ୍ଡପରେ ମହାବାହୁ



ନିଶ୍ଚିନ୍ତକୋଇଲି,୨୯।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଗ୍ରାମରେ ଥିବା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମାରୋହରେ ପାଳିତ ହୋଇଛି। ଶନିବାର ରାତିରେ ନିଧାର୍ଯ୍ୟ ସମୟ ମଧ୍ୟରେ ରଥ ଉପରେ ପ୍ରଭୁଙ୍କର ଦକ୍ଷିଣ ଆଳତୀ କରାଯିବା ପରେ ପହଣ୍ଡିଆମାନେ ଶ୍ରୀ ଦଧିବାମନଜୀଉଙ୍କୁ ପହଣ୍ଡି କରି ରଥ ଉପରୁ ମାଉସୀ ମା' ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରାଇଥିଲେ। ପହଣ୍ଡି ପରେ ଶ୍ରୀଜୀଉଙ୍କର ବିଭିନ୍ନ ନୀତିକାନ୍ତି କରାଯାଇ ପହଡ଼ ପଡ଼ିଥିଲା। ରବିବାର ଆଡ଼ପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତମାନଙ୍କର ସମାଗମ ହୋଇଛି। ଆଡ଼ପ ମଣ୍ଡପରେ ମହୁପ୍ରଭୁ ଶ୍ରୀ ଦଧିବାମନଜୀଉଙ୍କ ପାରମ୍ପରିକ ନୀତିକାନ୍ତି ମଧ୍ୟ ଆରମ୍ଭ ହୋଇଛି। ପଣ୍ଡିତ ଶ୍ରୀକାନ୍ତ ପଣ୍ଡା, ସୁଶାନ୍ତ ପଣ୍ଡା, ରଘୁନାଥ ପତି, ବିଜୟ ମିଶ୍ରଙ୍କ ସମେତ ସମସ୍ତ ପୂଜାପଣ୍ଡା ମାନେ ଆଡ଼ପ ମଣ୍ଡପରେ ବିଭିନ୍ନ ନୀତିକାନ୍ତି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଅସହାୟ ବୃଦ୍ଧ ଉଦ୍ଧାର; ସେବାଶ୍ରମରେ ଛାଡ଼ିଲା ନାଗରିକ ମଞ୍ଚ



ନିଶ୍ଚିନ୍ତକୋଇଲି,୨୯।୬(ସମିସ): ଜନସେବାମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବା ଅନୁଷ୍ଠାନ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଜଣେ ଅସହାୟ ବୃଦ୍ଧଙ୍କୁ ରାସ୍ତା କଡ଼ରୁ ଉଦ୍ଧାର କରିଛନ୍ତି। ରୋଗାଗ୍ରସ୍ତ ଏହି ବୃଦ୍ଧଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ପରେ ଟିକେ ସୁସ୍ଥ ହେବାରୁ ତାଙ୍କୁ ଛତିଆ ନିକଟରେ ଥିବା ପ୍ରମିଳା ସିଂଙ୍କ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ସେବକ ଆଶ୍ରମରେ ଛାଡ଼ି ଦିଆଯାଇଛି। ଘଟଣାରୁ ଜଣାଯାଏ, ଗତ ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଦେଖିବା ପାଇଁ ଜଣେ ବୃଦ୍ଧ ଭିକ୍ଷୁକ ନେମାଳସ୍ଥିତ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ନିକଟକୁ ଆସିଥିଲେ। ଯାତ୍ରା ଶେଷ ହେବା ପରେ ସେ ଘରକୁ ଫେରିବା ବାଟରେ କେନ୍ଦୁପାଟଣା ନିକଟରେ ହଠାତ୍ ଅସୁସ୍ଥ ହୋଇ ରାସ୍ତା ପାଶ୍ୱର୍ରେ ପଡ଼ି ରହିଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚର ସଭାପତି ମନୋଜ କୁମାର ମଲିକ ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ସମ୍ପୃକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ବୃଦ୍ଧ ଜଣଙ୍କୁ ଭଲଭାବରେ ପରିଷ୍କାର ପରିଚ୍ଛନ୍ନ କରାଇ ନୂତନ ପୋଷାକ ପିନ୍ଧାଇ ଖାଇବାକୁ ଦେଇ ଡ଼ାକ୍ତରଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଇଥିଲେ। ଦୁଇଦିନ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟ ଅବସ୍ଥା ଭଲ ହେବା ପରେ ତାଙ୍କୁ ସେବାଶ୍ରମରେ ନେଇ ଛାଡ଼ିଥିଲେ।

## ଇଶାଣୀବ୍ରହ୍ମପୁର ଗ୍ରାମରେ ଜନସମ୍ପର୍କ ସଭା



କିଶନନଗର,୨୯।୬(ସମିସ): ଗୁରୁବାର ଦିନ କିଶୋରନଗର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ଦ୍ୱାରା ଇଶାଣୀଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ଜନ ସମ୍ପର୍କ ସଭା ଆୟୋଜିତ ହୋଇଯାଇଛି। ଶିକ୍ଷାବିତ ତଥା ସ୍ତମ୍ଭକାର ପ୍ରଦୀପ୍ତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କିଶୋରନଗର ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତି ମୁଖ୍ୟଅତିଥି, କଲରାବାଙ୍କ ଫାଣ୍ଡି ଅଧିକାରୀ ନରେନ୍ଦ୍ର ନାଥ ସାହୁ ମୁଖ୍ୟବକ୍ତା ଏବଂ ଇଶାଣୀବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। କିଶୋରନଗର ଥାନାର ଏସଆଇ ନିରଞ୍ଜନ ବେହେରା, ଜୟଶ୍ରୀ ସାହୁ, କଲରାବାଙ୍କ ଫାଣ୍ଡି ଅଧିକାରୀ ଏସଆଇ ନରେନ୍ଦ୍ର ସାହୁ ଏହି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ ସୂଚନା ପ୍ରଦାନ କରିଥିଲେ। ଅନ୍ୟାନ୍ୟ ପୁଲିସ କର୍ମଚାରୀ ହାବିଲଦାର ଅଶୋକ ବେହେରା, କନେଷ୍ଟବଳ ଦେବରାଜ ହେମ୍ବ୍ରମ, ନିମାଇଁ ଚରଣ ବିଶ୍ୱାଳ, ଡ୍ରାଇଭର ମାନସ ପଣ୍ଡା ଆଇନଶୃଙ୍ଖଳା ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସଭାରେ ମିନାରାଣୀ ପଲେଇ, ମାନସୀ ଓଝା, ସାଗର ବିଷୋୟୀ, ବସନ୍ତ ସାହୁ, ପ୍ରତାପ ଦାଶ, ଚନ୍ଦ୍ରକାନ୍ତ ଜେନା, ନାରାୟଣ ପଣ୍ଡା, ନିରଞ୍ଜନ ପଣ୍ଡା, ଧରଣୀଧର ସେଠୀ, ମନୋରଞ୍ଜନ ମିଶ୍ର, ନରେନ୍ଦ୍ର ବିଷୋୟୀ, ପ୍ରତାପ ସେଠୀ, ଶମ୍ଭୁନାଥ ତ୍ରିପାଠୀ, ଦେବେନ୍ଦ୍ର ପରିଡ଼ା, ମଣ୍ଟୁ ସ୍ୱାଇଁ, ମଦନ ସୁନ୍ଦର ସାହୁ ଏବଂ ଅନ୍ୟାନ୍ୟ ବହୁ ବିଶିଷ୍ଟ ବୁଦ୍ଧିଜିବୀ ତଥା ଅନେକ ଯୁବକ ଉକ୍ତ ସଭାରେ ଯୋଗଦେଇଥିଲେ। ପ୍ରଶାନ୍ତ ଦାଶ, ଶାନ୍ତନୁ ହୋତା ଏବଂ କୃଷ୍ଣଚନ୍ଦ୍ର ସାହୁ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଗୋପୀନାଥ ପଲେଇ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଏଲ୍ଆଇସି ଅଧିକାରୀଙ୍କ ପରଲୋକ



ନେମାଳ,୨୯।୬(ସମିସ): ନେମାଳ ଗ୍ରାମପଞ୍ଚାୟତ ମୁଲୁସୁହାଙ୍ଗ ଗ୍ରାମର ଅବସରପ୍ରାପ୍ତ ଏଲଆଇସି ନୂଆବଜାର ଡିଭିଜନର ପ୍ରଧାନ ଅଧିକାରୀ କାହ୍ନୁଚରଣ ଦାସଙ୍କ (୮୬) ବୟସରେ କଟକ ବଡ଼ ମେଡିକାଲରେ ଶନିବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଦାସଙ୍କ ଶେଷଦର୍ଶନ ପାଇଁ ତାଙ୍କ ବାସଭବନରେ ସ୍ଥାନୀୟ ସରପଞ୍ଚ ସସ୍ମିତା ମହାନ୍ତି, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଚ୍ୟୁତାନନ୍ଦ ଦାସ, ବରିଷ୍ଠ ସେବାୟତ ଧରଣୀଧର ପୂଝାରୀ, ସୁନୀଲ ଦାସ, ସନ୍ତୋଷ ବାରିକ, ସୁବାସ ପାତ୍ର, ହିମାଂଶୁ ଦାସ, ଭୈରବ କାସ୍ତ, ବିମଳ ଦାସ, ଗୋପାଳ ଦାସ, ବଳଦେବାନନ୍ଦ ଦାସ, ସାମ୍ବାଦିକ ଗୋବିନ୍ଦ ଦାସ, ଦେବାଶିଷ ଦାସ, ପଞ୍ଚାନନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜ୍ୟେଷ୍ଠପୁତ୍ର ମେଘନାଦ ଦାସ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ କରିଥିଲେ।

## ମଦ ଜବତ; ୨ ଗିରଫ

ସାଲେପୁର,୨୯।୬(ସମିସ): କଟକ ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଥିବା ଏକ ହୋଟେଲରେ ଚଡ଼ଉ କରି ସାଲେପୁର ପୁଲିସ ୫୪ ଲିଟର ୭ ଶହ ବିଦେଶୀ ମଦ ଜବତ କରିବା ସହ ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କଟକ-ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଥିବା ଏକ ହୋଟେଲରେ ବିପୁଳ ମାତ୍ରାରେ ଚୋରା ମଦ ବିକ୍ରୟ ହେଉଥିବା ପୁଲିସ ଖବର ପାଇ ଉକ୍ତ ହୋଟେଲ ଉପରେ ଚଡ଼ଉ କରି ୫୪ ଲିଟର ୭ ଶହ ମିଳି ଚୋରା ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀ ତେନ୍ତୋଳ ଗ୍ରାମର ସନ୍ତୋଷ କୁମାର ପ୍ରତାପ ଓ ଟାଙ୍ଗୀ ଥାନା ବନ୍ଦାଲୋ ଗ୍ରାମର ଧ୍ରୁବ ଦଳ ମହାରଣାଙ୍କୁ ଗିରଫ କରିଥିବା ଜଣାଯାଇଛି। ଏ ସଂପର୍କରେ ୨୯୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ପୁଲିସ ପ୍ରକାଶ କରିଛି।

## ତାଲା ଭାଙ୍ଗି ବିଦ୍ୟାଳୟରୁ ଲୁଟ୍

ନରସିଂହପୁର,୨୯।୬(ସମିସ): ନରସିଂହପୁର ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସମସ୍ତ ଆବଶ୍ୟକ ସାମଗ୍ରୀ ଲୁଟି ନେଇଛନ୍ତି। ଶନିବାର ସକାଳୁ ବିଦ୍ୟାଳୟକୁ ପ୍ରଧାନଶିକ୍ଷୟିତ୍ରୀ ଆସିଲା ବେଳକୁ ବିଦ୍ୟାଳୟର ଫାଟକଠାରୁ ଅଫିସ କକ୍ଷର ଦୁଇଟି ତାଲା, ଶ୍ରେଣୀ ଗୃହର ଗୋଟିଏ ତାଲା, ଷ୍ଟୋର ରୁମର ଗୋଟିଏ ତାଲା ଭାଙ୍ଗିଛନ୍ତି ଦୁର୍ବୃତ୍ତ। ତାଲା ଭାଙ୍ଗି ବିଦ୍ୟାଳୟରେ ଥିବା ଗ୍ୟାସ ଚୁଲା, ଟାଙ୍କି, ବଡ଼ ଡେକେଚି, ଡାଙ୍କୁଣୀ, ମାଣ୍ଡିଆ ଲଡ୍ଡୁ, ଅଣ୍ଡା, ଚାଉଳ ଆଦି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷକୁ ଜଣାଇଥିଲେ। ପରେ ନରସିଂହପୁର ଥାନାରେ ପ୍ରଧାନଶିକ୍ଷୟିତ୍ରୀ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ନରସିଂହପୁର ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଚୋରି ସମ୍ବନ୍ଧରେ ଅନୁସନ୍ଧାନ ଜାରି ରଖିଛନ୍ତି ବୋଲି ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପ୍ରକାଶ କରିଛନ୍ତି।

## ପ୍ରତାରଣା ଅଭିଯୋଗରେ ପ୍ରେମିକ ଗିରଫ

ଟାଙ୍ଗୀ,୨୯।୬(ସମିସ): ଇନଷ୍ଟାଗ୍ରାମ ଓ ଫେସ୍‌ବୁକରୁ ପ୍ରେମ ସମ୍ପର୍କ ଆରମ୍ଭ ହେଲା। ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକ ଜଣକ ପ୍ରେମିକାକୁ ନେଇ ନିଜ ପାଖରେ ପ୍ରାୟ ୧ ମାସ ରଖିଲେ। ମାତ୍ର ପ୍ରେମିକା ଜଣକ ପୂର୍ବରୁ ବିବାହ କରି ସ୍ୱାମୀଠାରୁ ତଡ଼ା ଖାଇବା ଘଟଣା ଜାଣିବା ପରେ ପ୍ରେମିକାକୁ ବିଦାୟ ଦେବା ପ୍ରେମିକ ନିମନ୍ତେ ମହଙ୍ଗା ପଡ଼ିଛି। ପ୍ରେମିକାର ଅଭିଯୋଗ ଆଧାରରେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ପ୍ରେମିକକୁ ଗିରଫପୂର୍ବକ ରବିବାର ଅଦାଲତ ଚାଲାଣ କରିବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଗିରଫ ପ୍ରେମିକ ଜଣକ ଖୁଣ୍ଟୁଣୀ ଥାନା ତ୍ରିନାଥ ସାହିର ରାକେଶ ମଲ୍ଲିକ (୨୩)। ଥାନା କେସ୍ ନଂ-୧୮୪/୨୫ ଅନୁଯାୟୀ ମାମଲାର ତଦନ୍ତ ଚାଲୁ ରହିଥିବା ଏସଆଇ ବିକାଶ ସେଠୀ ଜଣାଇଛନ୍ତି।

## ବଧୂହତ୍ୟା ଉଦ୍ୟମ; ଶାଶୂ ଗିରଫ

ସାଲେପୁର,୨୯।୬(ସମିସ): ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ର କରି ନିଜ ବୋହୂ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇବାକୁ ଉଦ୍ୟମ କରିବା ଅଭିଯୋଗରେ ସାଲେପୁର ପୁଲିସ ଅଭିଯୁକ୍ତ ଶାଶୂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର ଥାନା ଅନ୍ତର୍ଗତ ନାନ୍ଦୋଳ ଗ୍ରାମର ବାନୋ ବିବି ଓ ତାଙ୍କ ବୋହୂ ସମିମା ବେଗମ୍ ମଧ୍ୟରେ ପରିବାର ଅଶାନ୍ତି କାରଣରୁ ବିଭିନ୍ନ ସମୟରେ ପାଟିତୁଣ୍ଡ ଓ ଝଗଡ଼ା ହୋଇଥାଏ। ୨ଦିନ ତଳେ ଘରେ ଅଳିଆ ପକାଇବାକୁ କେନ୍ଦ୍ର କରି ଉଭୟ ଶାଶୁ-ବୋହୂ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଶାଶୁ ଉତ୍କ୍ଷିପ୍ତ ହୋଇ ବୋହୂ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ବୋହୂ ସମିମା ବେଗମ୍ ଘରୁ ଖସିଆସି ଏ ସଂପର୍କରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୨୮୭/୨୫ରେ ଏକ ମାମଲା ରୁଜୁ କରି ଶାଶୂ ବାନୋ ବିବିକୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ଅନୀତା ସାହୁ ପ୍ରକାଶ କରିଛନ୍ତି।

## ଛଣଗଦାରେ ନିଆଁ ଲଗାଇ ଜଣେ ଗିରଫ

ସାଲେପୁର,୨୯।୬(ସମିସ): ଛଣଗଦାରେ ନିଆଁ ଲଗାଇଦେବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। କୁସମ୍ବୀ ଗ୍ରାମର ମିର ଅସରଫ୍ ଅଲ୍ଲି ଉକ୍ତ ଗ୍ରାମର ନରୁଲ୍ ସାହାଦତ୍‌ଙ୍କ ଜାଗା ଭଡ଼ା ସୂତ୍ରେ ନେଇ ଛଣ ଗଦା କରି ରଖୁଥିଲେ। ପ୍ରତି ମାସରେ ଏ ବାବଦକୁ ମିର ଅସରଫ୍ ସାହାଦତକୁ ୫ଶହ ଟଙ୍କା ଭଡ଼ା ଅର୍ଥ ପ୍ରଦାନ କରୁଥିଲେ। ନରୁଲ୍‌ଙ୍କ ବଡ଼ପୁଅ ଫଜଲ ହକ୍ ସାହାଦତ୍ ମିର ଅସରଫଙ୍କୁ ଭଡ଼ା ଟଙ୍କା ଯାଇ ମାଗିଥିଲେ। ମିର ଅସରଫ ଉକ୍ତ ଟଙ୍କା ତାଙ୍କ ବାପାକୁ ଦେଇଥିବା କହିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଫଜଲ ହକ୍ ମିର ଆସରଫଙ୍କୁ ମାରଧର କରିବା ସହ ସେ ଗଦା କରି ରଖିଥିବା ଛଣରେ ନିଆଁ ଲଗାଇ ଦେଇଥିଲେ। ଏ ସଂପର୍କରେ ମିର ଅସରଫ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ସାଲେପୁର ପୁଲିସ ୨୮୮/୨୫ରେ ଏକ ମାମଲା ରୁଜୁ କରି ଫଜଲ ହକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଅବସରପ୍ରାପ୍ତ ଆର୍ମି ଓ ପୁଲିସ ଅଧିକାରୀଙ୍କ ବିୟୋଗ



ନରସିଂହପୁର,୨୯।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବୋକୋଡା ଗ୍ରାମର ଅବସରପ୍ରାପ୍ତ ପୁଲିସ ଅଧିକାରୀ ବଳଭଦ୍ର ସାହୁ (୭୫)ଙ୍କ ରବିବାର ବିୟୋଗ ଘଟିଛି। ରବିବାର ପୂର୍ବାହ୍ନରେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନରସିଂହପୁର ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ସେଠି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ସ୍ୱର୍ଗତ ବଳଭଦ୍ର ସାହୁ ଅବସର ପୂର୍ବରୁ ଆର୍ମିରେ କିଛିଦିନ କାର୍ଯ୍ୟରତ ଥିବାବେଳେ ତାଳଚେର ସଦର ଥାନାରେ ଇନ୍‌ସପେକ୍ଟର ରୂପେ କାର୍ଯ୍ୟରେ ଯୋଗଦେଇ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ



ସାଲେପୁର,୨୯।୬(ସମିସ): ଆଜି ମହଣ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ୧୨୩ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ମହଣ ପଞ୍ଚାୟତ ୧୫୫ନଂ ବୁଥ୍‌ର ପୁରଣ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ଗୋଷ୍ଠୀ କେନ୍ଦ୍ରରେ ଟାଙ୍ଗୀ-ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସଞ୍ଜୟ କାଣ୍ଡି, ମଳୟ ରଞ୍ଜନ ଦାଶ, ପୁଷ୍ପଲତା ଦତ୍ତ, ତୁଳସୀରାଣୀ ଦାସ, ରିତେଶ ଦାଶ, ମୁରଲୀଧର ମଲ୍ଲିକ, ସ୍ୱରାଜ ଶେଖର ମହାପାତ୍ର, ପ୍ରସନ୍ନ ନାୟକ, ତରୁଣ ସାହୁ, ଗଗନ ବିହାରୀ ନାୟକ, ସିଦ୍ଧାର୍ଥ ନାୟକ, ରାଜେଶ ସାମଲ, ସୁଧିର ବେହେରା, ଅରୁଣ ସାହୁ, ପିତାମ୍ବର ନାୟକ, ବିପିନ ଜେନା, ଅଶୋକ ବିଶ୍ୱାଳ, ରଜତ ସାଗର ବିଶ୍ୱାଳ, ସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଦ୍ଧଭଗ୍ନ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି,୨୯।୬(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇ ପଞ୍ଚାୟତର ଲାଲବାଗ୍ ଉଚ୍ଚ ବିଦ୍ୟାଳୟର ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ବିଗତ ସରକାରଙ୍କର ୫ଟି ଯୋଜନାରେ ଏହି ବିଦ୍ୟାଳୟକୁ ୫୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଏହି ଅନୁଦାନ ଅର୍ଥରେ ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ହୋଇଥାନ୍ତା ହେଲେ ଅଦ୍ୟାବଧି ତାହା ହୋଇପାରି ନାହିଁ। ଫଳରେ ଅର୍ଦ୍ଧଭଗ୍ନ ସ୍କୁଲ ଘରେ ବିପଦସଂକୁଳ ଅବସ୍ଥାରେ ଚାଲିଛି ପାଠପଢ଼ା। ବର୍ତ୍ତମାନ ବର୍ଷା ଋତୁ ଆଗମନରେ ଲଗାଣ ବର୍ଷା ହେଉଥିବା ବେଳେ ସ୍କୁଲ ଚାଲିଥିବା ବେଳେ ଯଦି କିଛି ଅଘଟଣ ଘଟେ ତାହେଲେ ସେନେଇ କିଏ ଦାୟୀ ରହିବ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି।

ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନାମରେ କାର୍ଯ୍ୟାଦେଶ ବଳରେ ସ୍କୁଲର ପୁରୁଣା ଶ୍ରେଣୀଗୃହ ଅଧା ଭଙ୍ଗା କରାଯାଇଥିଲା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରି ନ ଥିଲା ବେଳେ ସରକାର ବଦଳି ନୂଆ ବିଜେପି ସରକାର ଶାସନ ଭାର ନେଲା। ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍କୁଲ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଭଳି ଏକ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇ ପଞ୍ଚାୟତର ଲାଲବାଗ୍ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟଟି ସରକାରଙ୍କ ବ୍ଲକ ଗ୍ରାଣ୍ଟ ସ୍କୁଲ ହୋଇଥିବାରୁ ଏଥିରେ ୮ମ, ୯ମ ଓ ୧୦ମ ଶ୍ରେଣୀରେ ମୋଟ୍ ୮୦ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବକୁ ଦୂର କରିବା ନେଇ ମିଳିଥିବା ୫୦ଲକ୍ଷ ଟଙ୍କା ଅନୁଦାନକୁ ବିନିଯୋଗ କରାଯାଉ ନ ଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢିବା ପାଇଁ ବହୁ ହୀନସ୍ତା ହେଉଛନ୍ତି। ବିଦ୍ୟାଳୟର କାର୍ଯ୍ୟାଳୟ ଗୃହ କାନ୍ଥ ଫାଟି ଛାତରୁ ପାଣି ଗଳୁଥିବା ବେଳେ ସ୍କୁଲର ରେକର୍ଡ଼ ପତ୍ର ସୁରକ୍ଷିତ ଭାବେ ରହି ପାରୁ ନ ଥିବା ଜଣାଯାଇଛି। ବିଦ୍ୟାଳୟରେ କାର୍ଯ୍ୟରତ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ବସିବାକୁ ମଧ୍ୟ ଜାଗା ନ ଥିବାରୁ ସେମାନେ ହଇରାଣ ହରକତ ହେଉଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ପ୍ରଶାସନ, ଶିକ୍ଷା ବିଭାଗ ଓ ସ୍ଥାନୀୟ ବିଧାୟକ ଅବଗତ ଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏହି ଅର୍ଦ୍ଧଭଗ୍ନ ବିଦ୍ୟାଳୟକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଦାବି ହୋଇଛି।

# କପିଳେନ୍ଦ୍ରଦେବଙ୍କ ସ୍ମୃତିଚାରଣ କଲେ ଐତିହ୍ୟ ପଦଯାତ୍ରୀ



କଟକ, ୨୯।୬(ସମିସ): କଟକ ଐତିହ୍ୟ ପଦଯାତ୍ରାର ଆବାହକ ଡ. ଦୀପକ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବାରବାଟୀ ଦୁର୍ଗଠାରେ ସୂର୍ଯ୍ୟ ରାଜବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ରଦେବଙ୍କର ପାଞ୍ଚ ଶହ ନବେତମ ଅଭିଷେକ ଦିବସ ପ୍ରଥମ ଥର ପାଇଁ ପାଳିତ ହୋଇଯାଇଛି। ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ଅନୁଷ୍ଠାନର ସଭ୍ୟ ତଥା ବରିଷ୍ଠ ଇତିହାସ ଅଧ୍ୟାପକ ଡ. ହେମନ୍ତ ପରିଡ଼ା କପିଳେନ୍ଦ୍ରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କୁ ଓଡିଆ ଅସ୍ମିତାର ଆଦ୍ୟ ପ୍ରବକ୍ତାରୂପେ ଅଭିହିତ କରିଥିଲେ। ଅନ୍ୟତମ ବକ୍ତା ଶ୍ରୀକାନ୍ତ ସିଂହ କହିଥିଲେ ଯେ, ଓଡ଼ିଶାର ଗର୍ବ ଓ ଗୌରବ ତଥା ଜଗନ୍ନାଥଙ୍କୁ ରାଷ୍ଟ୍ରୀୟ ଦେବତା ରୂପେ ପ୍ରତିପାଦନ କରିଥିବା କପିଳେନ୍ଦ୍ରଙ୍କର ପ୍ରତିମୂର୍ତ୍ତିଟିଏ ଆଜି ପର୍ଯ୍ୟନ୍ତ କଟକ ନଗରରେ ସ୍ଥାପିତ ନ ହୋଇ ପାରିବା ପରିତାପର ବିଷୟ। ଓଡ଼ିଆ ଅସ୍ମିତାର ଶକ୍ତିଶାଳୀ ପ୍ରତିକ ହୋଇଥିବା ହେତୁ ତାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିଗରେ ଶୀଘ୍ର ଉଦ୍ୟମ ଜରୁରୀ। ଦ୍ୱିତୀୟ ପର୍ଯ୍ୟାୟରେ ଯୁବ ଐତିହ୍ୟ ପଦଯାତ୍ରୀମାନେ ଧବଳେଶ୍ୱର ନିକଟସ୍ଥ ସର୍ପେଶ୍ୱର ମନ୍ଦିରରେ ଥିବା ଗଜପତି କପିଳେନ୍ଦ୍ରଦେବଙ୍କ ପ୍ରତିମୂର୍ତ୍ତିର ମନ୍ଦିରର ପୂଜକଙ୍କ ସହାୟତାରେ ଅଭିଷେକ କରାଇଥିଲେ। ଜିତେନ୍ଦ୍ରୀୟ ସିଂହ, ଆଦିତ୍ୟ ଘୋଷ, ଡ. ରବୀନ୍ଦ୍ର ମିଶ୍ର, ଅରୁଣିତା ପାଢ଼ୀ, କବିତା ପଟ୍ଟନାୟକ, ପ୍ରକାଶ ସିଂହ, ମୟଙ୍କ ପାଠକ, ତେଜଶ ସାହୁ, ସେକ୍ କଲିମୁଲ୍ଲା, ଅମୂଲ୍ୟ ରାଉତରାୟ, ଅମର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଶାନ୍ତ ସିଂହ ଧନ୍ୟବାଦ ଦେଇଥିଲେ।

# ବିନା ପରମିଟ୍‌ରେ ଚାଲୁଛି ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍

## ପରିବହନ ବିଭାଗ ନିରବ

ସାଲେପୁର, ୨୯।୬(ସମିସ)

କଟକ-କେନ୍ଦ୍ରାପଡ଼ା ଭାୟା ସାଲେପୁର ଦେଇ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍ ବିନା ପରମିଟ୍‌ରେ ଏହି ରାସ୍ତାରେ ଯାତାୟତ କରୁଥିବା ନେଇ ବହୁ ବସ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବସ୍ ମାଲିକମାନେ ରାଜ୍ୟ ପରିବହନ କମିଶନର (ଏସ୍‌ଟିଏ)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶ ଯେ, ସାଲେପୁର ରାସ୍ତା ଦେଇ ଦୈନିକ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍ ବିନା ପରମିଟ୍‌ରେ କଟକ-ପଟ୍ଟାମୁଣ୍ଡାଇ ଭାୟା ସାଲେପୁର ଦେଇ ବେଆଇନ୍ ଭାବେ ଚଳାଚଳ କରୁଥିଲେ ମଧ୍ୟ ପରିବହନ ବିଭାଗ ଏ ଦିଗରେ ଦୃଷ୍ଟି ଦେଉନାହିଁ। ଫଳରେ ପରିବହନ ବିଭାଗର ଏହି ରୁଟ୍ ପାଇଁ ଅନୁମତି ପାଇଥିବା ଏବଂ ଟିକସ ଦେଉଥିବା ବସ୍ ମାଲିକମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସାଲେପୁର ରୁଟ୍‌ରେ ବେଆଇନ୍ ଭାବେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍ ବିନା ପରମିଟ୍‌ରେ ଯାତାୟତ କରୁଥିବା ସମ୍ପର୍କରେ ବସ୍ ମାଲିକ ସଂଘ ପକ୍ଷରୁ ପରିବହନ ବିଭାଗକୁ ଅବଗତ କଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଏହି ରୁଟ୍ ପାଇଁ ପରିବହନ ବିଭାଗରୁ ଅନୁମତି ପାଇଥିବା ଓ ଏହି ରୁଟ୍ ପାଇଁ ଟ୍ୟାକ୍ସ ଦେଉଥିବା ବସ୍ ମାଲିକମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବସ୍ ମାଲିକଙ୍କ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କୁ ଲିଖିତ ଅଭିଯୋଗ କରିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେବାକୁ ବସ୍ ମାଲିକ ସଂଘ ପକ୍ଷରୁ ପ୍ରଭାସ କୁମାର ଦାସ, ଅମରେନ୍ଦ୍ର ଭୂୟାଁ, ଆନନ୍ଦ ଚନ୍ଦ୍ର ଭୂୟାଁ, ରମେଶ ଚନ୍ଦ୍ର ଦାଶ, ପ୍ରଳୟ ଜେନା, କଳ୍ପତରୁ ସାମଲ, ଜୟପ୍ରକାଶ ମଲିକ, ସସ୍ମିତା ଦାଶ, ମିନତୀ ସ୍ୱାଇଁ, ସଞ୍ଜୟ ଜେନା, ପ୍ରଦୀପ୍ତ ପାଢ଼ୀ, ପ୍ରଭାକର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରର ବାହୁଡ଼ା ଯାତ୍ରା ପ୍ରସ୍ତୁତି



## ବାହୁଡ଼ା ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ନିଷ୍ପତ୍ତି

କଟକ, ୨୯।୬(ସମିସ): ପୁରୀରେ ଘଟିଯାଇଥିବା ଅଘଟଣକୁ ଦୃଷ୍ଟିରେ ରଖି ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପରିଚାଳନା ସମିତି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜି ଏହି ପରିପ୍ରେକ୍ଷୀରେ ଅପରାହ୍ନ ୫ ଘଟିକା ସମୟରେ ଗୁଣ୍ଡିଚା ମନ୍ଦିରଠାରେ ପରିଚାଳନା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଜୁଲାଇ ୫ ତାରିଖ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବିଶଦ ଭାବେ ଆଲୋଚନା କରାଯାଇଥିଲା। ମଧ୍ୟାହ୍ନ ଏକ ଘଟିକା ମଧ୍ୟରେ ମହାପ୍ରଭୁଙ୍କର ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହେବ। ତିନି ରଥକୁ ଶୃଙ୍ଖଳିତ ଭାବେ ଦୀର୍ଘ ୩ କିଲୋମିଟର ରାସ୍ତା ପରିକ୍ରମା କରାଇ ସନ୍ଧ୍ୟା ସୁଦ୍ଧା ତିନୋଟି ରଥକୁ ଜଗନ୍ନାଥ ମନ୍ଦିର ସମ୍ମୁଖ ବଡଦାଣ୍ଡରେ ପହଞ୍ଚାଇବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ପରିଚାଳନା କମିଟି ସଦସ୍ୟମାନେ ତିନୋଟି ରଥର ଦାୟିତ୍ୱରେ ରହିବେ। ଗୁଣ୍ଡିଚା ଭଳି ବିଭିନ୍ନ ଦେବା-ଦେବୀଙ୍କ ପୀଠରେ ଭୋଗ ଲାଗି ହେବା ସହ ମାଉସୀ ମା' ମନ୍ଦିରରେ ମଧ୍ୟ ପୋଡ଼ପିଠା ଭୋଗଲାଗି ହେବ। ୧ ତାରିଖ ହେରାପଞ୍ଚମୀରେ ମା' ଲକ୍ଷ୍ମୀଙ୍କ ଚାନ୍ଦି ପାଲିଙ୍କିରେ ଜଗନ୍ନାଥ ମନ୍ଦିରରୁ ସନ୍ଧ୍ୟା ୭ଟାରେ ଶୋଭାଯାତ୍ରାରେ ବାହାରି ରଥ ପରିକ୍ରମା ମାର୍ଗ ଅତିକ୍ରମ କରି ରାତ୍ର ୯ ଘଟିକା ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ପରିଚାଳନା ସମିତିର ସଭାପତି ଯୁଧିଷ୍ଠିର ସିଂହ, ସାଧାରଣ ସମ୍ପାଦକ ପ୍ରତାପକିଶୋର ସିଂହ ଓ କର୍ମକର୍ତ୍ତା ଆଇନଜୀବୀ ବିଶ୍ୱନାଥ ଦାସ, ବିଜୟ ବେହେରା, ପ୍ରଦୀପ ସିଂହ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲ୍ଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ଅସିତ ମହାନ୍ତି, ମଦନ ବେହେରା, ଶଶୀକାନ୍ତ ହୋତା, ବିଜୟ ପ୍ରଧାନ, ଦିଲ୍ଲୀପ ଦଳେଇ, ଆନନ୍ଦ ଦାସ, ଲୋକନାଥ ଦାସ, ଶେଷଦେବ ମହାରଣା, ସତ୍ୟପ୍ରକାଶ ଦାସ, ପ୍ରଫୁଲ୍ଲ ସିଂହ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ସୁକାନ୍ତ ଦାସଙ୍କ ସମେତ ଦଇତାପତି ସେବାୟତ ନିଯୋଗର ସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ଫୁଲନଖରା, ୨୯।୬(ସମିସ): କଟକ ସଦର ବିଜେପିର ଗୋପାଳପୁର ଓ ଉରାଳୀ ମଣ୍ଡଳ ମିଳିତ ସହଯୋଗରେ ଜରିପଡ଼ାସ୍ଥିତ ଡିଭାଇନ୍ ପ୍ୟାଲେସରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ଇଂ ପ୍ରକାଶ ସେଠୀ, ରାଜ୍ୟ ବିଜେପି ଉପସଭାପତି ଗୋଲେଖ ମହାପାତ୍ର, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, କଟକ ନଗର ବିଜେପି ଉପସଭାପତି ସ୍ୱାଧୀନଚେତା ମହାନ୍ତି, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା ଓ ବିଶ୍ୱରଞ୍ଜନ ବେଉରା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯଥା ଶୀତଳଭଣ୍ଡାର, ମିନି ଷ୍ଟାଡିୟମ, ଡାକ୍ତରଖାନା, ସେଣ୍ଟ୍ରାଲ୍ ସ୍କୁଲ, ରାସ୍ତାରେ ଆଲୋକୀକରଣ ପାଇଁ ସାଂସଦ ଶ୍ରୀ ମହତାବ୍‌ଙ୍କୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବଦ୍ରିନାରାୟଣ ପଟ୍ଟନାୟକ ସଞ୍ଚାଳନ କରୁଥିବା ବେଳେ କର୍ପୋରେଟର ମମତା ମହାନ୍ତି, ଲିପ୍ସା ନାୟକ, ପ୍ରମୋଦ ଓଝା, ପ୍ରତାପ ରାଉତରାୟ, ଅଶୋକ ସାହୁ, ଜିତନ କର, ଗଣେଶ ସାହୁ, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ପ୍ରତାପ ସାହୁ, ଗଣେଶ ନାୟକ, ଅନାମ ନାୟକ, ରାଜକିଶୋର ପଟ୍ଟନାୟକ, ଶୁଭଙ୍କର ଜେନା ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।



# ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

ବଡମ୍ବା, ୨୯।୬(ସମିସ): ରବିବାର ସନ୍ଧ୍ୟାରେ ଖୁଣ୍ଟୁଣୀ- ନରସିଂହପୁର ମୁଖ୍ୟ ରାସ୍ତାର ବଡମ୍ବା ବ୍ଲକ ଅନ୍ତର୍ଗତ ଡମଣଗାଡିଆ ଶ୍ମଶାନ ନିକଟରେ ଏକ ଗଛ ସହିତ ବାଇକ୍ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀ ମୃତ୍ୟୁବରଣ କରିଥିବା ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବଡମ୍ବା ଥାନା ଅଧୀନ ପତଣ୍ଡା ଗ୍ରାମର ସମୀର ନନ୍ଦ ଓ ନୟାଗଡ଼ ସଦର ଥାନା ଅଧୀନ ଗଣିଆ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତି ଏକ ମୋଟର ସାଇକଲ ନଂ ଓଡି ୩୩ ଏଫ ୪୬୭୭ ଯୋଗେ ନରସିଂହପୁରରୁ ବଡମ୍ବା ଫେରୁଥିବା ବେଳେ ଡମଣଗାଡିଆ ଶ୍ମଶାନ ନିକଟରେ ଥିବା ଏକ ଗଛ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉଭୟ ଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ବଡମ୍ବା ପୁଲିସର ସହାୟତାରେ ଉଭୟ ଆରୋହୀଙ୍କୁ ବଡମ୍ବା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଡାକ୍ତର ସମୀର ନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ପରିଚୟ ମିଳିପାରି ନାହିଁ। ବଡମ୍ବା ପୁଲିସ ପକ୍ଷରୁ ଉଭୟ ମୃତକଙ୍କର ଶବ ଓ ଦୁର୍ଘଟଣାଗ୍ରସ୍ତ ମୋଟର ସାଇକଲକୁ ଜବତ କରାଯାଇଛି ବୋଲି ବଡମ୍ବା ଥାନା ଅଧିକାରୀ ଅରବିନ୍ଦ ମୁଦୁଲି ସୂଚନା ଦେଇଛନ୍ତି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



ଫୁଲନଖରା, ୨୯।୬(ସମିସ): ଜୟରଶାସନସ୍ଥିତ ପଞ୍ଚବଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତନୁଜା ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶ୍ରୀ ବଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ରଞ୍ଜନ ପଣ୍ଡାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ପ୍ରଜ୍ଞା ପରମିତା ଜେନା ଯୋଗଦେଇଥିବା ବେଳେ କଣ୍ଟାପଡ଼ା ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀମତୀ ଦାଶଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ୍ ଭୋଇ, ସିଆରସିସି ସୋମନାଥ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରା ଓ ଶିକ୍ଷାବିତ୍ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀମତୀ ଦାଶ ଜଣେ କେବଳ ଶିକ୍ଷୟିତ୍ରୀ ନୁହଁନ୍ତି ସେ ଜଣେ ସାହିତ୍ୟାନୁରାଗୀ ସାରସ୍ୱତ ସାଧକ ଭାବରେ ଓଡ଼ିଆ ସାରସ୍ୱତ ଜଗତକୁ ସ୍ୱରଚିତ କବିତା ସଂକଳନ 'ଅପହଞ୍ଚ ଇଲାକା' ପ୍ରକାଶିତ କରି ସମୃଦ୍ଧ କରିପାରିଛନ୍ତି। ଏହି ଅବସରରେ ପୁରାତନ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଭିତ୍ତିକ ନୃତ୍ୟ ପରିବେଷଣ କରାଯିବା ସଂଗେ ସଂଗେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମନି କମିଟିର ସଭ୍ୟ/ସଭ୍ୟାମାନେ ଉପହାର ପ୍ରଦାନ କରି ଶିକ୍ଷାବୃତ୍ତିରୁ ନିବୃତ୍ତ ଶ୍ରୀମତୀ ଦାଶଙ୍କ ସ୍ଥାନ ଅପୂରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବିଦୁସ୍ମିତା ଦାଶ, ଶିକ୍ଷୟିତ୍ରୀ ମହାଶ?ବେତା ପଟ୍ଟନାୟକ ଓ ବନିତା ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଚତୁର୍ଥ ଗଦାଧରପୁର ପ୍ରିମିୟର ଲିଗ ଉଦ୍‌ଯାପିତ

# ଜୟ ଶ୍ରୀରାମକୁ ହରାଇ ବଜରଙ୍ଗୀ ଷ୍ଟାର ଚାମ୍ପିଅନ



ତିଗିରିଆ, ୨୯।୬(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ସ୍ଥିତ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ଗଦାଧରପୁର ପ୍ରିମିୟର ଲିଗ ଫାଇନାଲ ମ୍ୟାଚରେ ଜୟ ଶ୍ରୀରାମ ଦଳକୁ ୬ ୱିକେଟରେ ପରାସ୍ତ କରି ବଜରଙ୍ଗୀ ଷ୍ଟାର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଜୟ ଶ୍ରୀରାମ ଦଳ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ୱିକେଟ ହରାଇ ୭୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ବଜରଙ୍ଗୀ ଷ୍ଟାର ଦଳ ତରଫରୁ ବୋଲିଂରେ ରିଣ୍ଟୁ ସାହୁ ୫ଟି ୱିକେଟ ଅକ୍ତିଆର କରି ଜୟ ଶ୍ରୀରାମ ଦଳର ବିପର୍ଯ୍ୟୟ ଘଟାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜବାବରେ ବଜରଙ୍ଗୀ ଷ୍ଟାର ଦଳ ୧୩.୩ ଓଭରରେ ମାତ୍ର ୪ଟି ୱିକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଯୁବନେତା ମନୋରଞ୍ଜନ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଦାଧରପୁର ପଞ୍ଚାୟତ ସରପଞ୍ଚ ପୁଷ୍ପିତା ସ୍ୱାଇଁ, ଖୁଣ୍ଟୁଣି ପଞ୍ଚାୟତ କଂଗ୍ରେସ ସଭାପତି ସଂଗ୍ରାମ ପାତ୍ର, ଗଦାଧରପୁର ପଞ୍ଚାୟତ କଂଗ୍ରେସ ସଭାପତି ରମେଶ ରାଉତ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଖେଳରେ ବଜରଙ୍ଗୀ ଷ୍ଟାର ଦଳର ରିଣ୍ଟୁ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଲିଟନ ନାୟକଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ରଶ୍ମିରଞ୍ଜନ ରାଉତ ଓ ଦୁର୍ଗାଶଙ୍କର ରାଉତ ପରିଚାଳନା କରିଥିଲେ। ଚନ୍ଦନ ପରିଡ଼ା ଓ ସିଦ୍ଧାର୍ଥ ରାଉତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ମା' ଭବାନୀ ସ୍ପୋର୍ଟସ କ୍ଲବର ସଭାପତି ଶାନ୍ତନୁ ଖଟୁଆ, ସମ୍ପାଦକ ଉମାଶଙ୍କର ରାଉତ, ସଦସ୍ୟ ମିକୁ ସ୍ୱାଇଁ, ସିଡୁ ସ୍ୱାଇଁ, ପ୍ରଶାନ୍ତ ରାଉତ, ସିପୁ ରାଉତ, ବିଜୟ ସ୍ୱାଇଁ, ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସମାଜ କଲ୍ୟାଣ ମହାସଂଘର ସାଧାରଣ ସଭା

କଟକ, ୨୯।୬(ସମିସ): ସାମାଜିକ ସଂଗଠନ 'ସମାଜ କଲ୍ୟାଣ ମହାସଂଘ' ପକ୍ଷରୁ ଏହାର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଶଙ୍କରପୁର ସ୍ଥିତ ଆଶୁତୋଷ ମଣ୍ଡପଠାରେ ରବିବାର ଦିନ ଏହି ସଭା ଆୟୋଜିତ ହୋଇଥିଲା। ସମାଜସେବୀ ସୁବ୍ରତ କୁମାର ଶତପଥୀଙ୍କ ଆବାହନରେ ପ୍ରାୟ ୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ସଭାରେ ସାମିଲ ହୋଇ ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରିଥିଲେ। 'ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା' ଏହି ତିନୋଟି କ୍ଷେତ୍ରରେ ମହାସଂଘ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ନେଇ ସମସ୍ତେ ମତ ରଖିଥିଲେ। ଏଥିଲାଗି ଆଗାମୀ ଦିନରେ ମହାସଂଘ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ୱଚ୍ଛତା କାର୍ଯ୍ୟକ୍ରମ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୟାରିଅର କାଉନସେଲିଂ କର୍ମଶାଳା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ମହାନଗରରେ ସଂଘ ସହିତ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ା ଯାଇ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ମହତ କାମ ଜାରି ରଖିବାକୁ ଲକ୍ଷ୍ୟ ରଖାଯାଇଛି। ସାଧାରଣ ସଭା ପୂର୍ବରୁ ମହାସଂଘର ସଦସ୍ୟମାନେ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସ୍ଥାନୀୟ ମାତାମଠ ଅଞ୍ଚଳରେ ଚାରାରୋପଣ କରିଥିଲେ। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରଖି ଏହାର ରକ୍ଷଣାବେକ୍ଷଣ କରିବାକୁ ମହାସଂଘ ପକ୍ଷରୁ ପ୍ରତିଜ୍ଞା କରାଯାଇଥିଲା।



# ସିପିଆଇ ନଗର କମିଟି ସମ୍ମିଳନୀ

କଟକ, ୨୯।୬(ସମିସ)



ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ୨୩ ତମ ସମ୍ମିଳନୀ ଆଜି ବାଖରାବାଦ ସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଲାଲ ପତାକା ଉତ୍ତୋଳନ କରିଥିଲେ ବର୍ଷିଆନ ସାଥୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ। ସହୀଦ ବେଦୀରେ ମାଲ୍ୟାର୍ପଣ ପରେ ସମ୍ମିଳନୀରେ କିଶୋର ଜେନା ଓ କୃଷ୍ଣପ୍ରିୟା ମହାପାତ୍ରଙ୍କୁ ନେଇ ସଭାପତି ମଣ୍ଡଳୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଜନ ବିରୋଧି ନୀତି ଓ କାର୍ଯ୍ୟ ବିରୋଧରେ ନିଜସ୍ୱ ଓ ମିଳିତ ଜନ ଆନ୍ଦୋଳନ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍କଫ ଜାତୀୟ ସମ୍ପାଦକ ବିଜୟ ପଢ଼ିହାରୀ, ଅମରେନ୍ଦୁ ମହାନ୍ତି, ସହ ସମ୍ପାଦକ ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ, ଜିଲ୍ଲା ସମ୍ପାଦକ ବିନୋଦ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ନିର୍ବାଚନୀ ପ୍ରତିଶ୍ରୁତି ୩୦୦ ୟୁନିଟ ବିଜୁଳି ଶୁଳ୍କ ଛାଡ଼ ହେଲା ନାହିଁ ଅପରପକ୍ଷରେ ସ୍ମାର୍ଟ୍ ମିଟର ପ୍ରଚଳନ କରି ଗ୍ରାହକ ଶୋଷଣ କରାଯାଉଛି। ମହିଳାଙ୍କୁ ବର୍ଷକୁ ୫୦ ହଜାର ପରିବର୍ତ୍ତେ ୮୩୩ ଟଙ୍କା ଦିଆଯାଇଛି। କଟକରେ ଲୋକେ ହଇଜାରେ ଆକ୍ରାନ୍ତ। ଟିକିଏ ବର୍ଷା ହେଲେ ସହର ଯାକ ପାଣି। ଉଠା ଦୋକାନୀଙ୍କୁ ଭେଣ୍ଡି ଜୋନ ଯୋଗାଇ ଦିଆଯାଉ ନାହିଁ। ବସ୍ତି ଭଙ୍ଗା ସାଙ୍ଗକୁ, ଶିଶୁଭବନରେ ଅବ୍ୟବସ୍ଥା ବିରୋଧରେ ଆଗାମୀ ଦିନରେ ସିପିଆଇ ଜୋରଦାର ଆନ୍ଦୋଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ମିଳନୀରେ ଏକ ୨୭ ଜଣିଆ ଜୋନାଲ କମିଟି ଗଠନ କରାଯାଇଥିଲା। ପ୍ରସନ୍ନ ମହାପାତ୍ର ସମ୍ପାଦକ, ସହ ସମ୍ପାଦକ ସାନନ୍ଦ ସେଠୀ ଏବଂ କୋଷାଧ୍ୟକ୍ଷ ରୂପେ ଅଶୋକ ତା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଆଲୋଚନାରେ ସୁକାନ୍ତ ବାରିକ, ସୁଶାନ୍ତ ମହାପାତ୍ର, ବିପିନ ବିହାରୀ ପାଢ଼ୀ, ଭ୍ରମରବର ସାହୁ, ସୁବାଷ ବୋଷ, ଜଗନ୍ନାଥ ମଲ୍ଲିକ, କ୍ଷୀରୋଦ ବିଶ୍ୱାଳ, ମିହିର ବିଶ୍ୱାଳ, ପ୍ରିୟ ରଞ୍ଜନ ବେହେରା, ପ୍ରଶାନ୍ତ ଦାସ, ସ୍ୱରାଜ ଲକ୍ଷ୍ମୀ ମହାପାତ୍ର, ବାସନ୍ତୀ ସ୍ୱାଇଁ, ସୁକାନ୍ତି ପଢ଼ିହାରୀ, ଅଭୟ ପଟ୍ଟନାୟକ, ବାବାଜୀ ବେହେରା, ଭାବଗ୍ରାହୀ ଦାସ, କୁଳମଣି ପଣ୍ଡା, ଛବି ଖୁଣ୍ଟିଆ ଓ ରବି ସେଠୀ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀ ଅବସରରେ ବର୍ଷିଆନ ସାଥିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କ୍ଷୀରୋଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଶ୍ରୋତାଙ୍କୁ ବିମୁଗ୍ଧ କଲା ଜଗନ୍ନାଥଙ୍କ କଥାମୃତ



କଟକ, ୨୯।୬(ସମିସ): ଜଗନ୍ନାଥଙ୍କ ଲୀଳାଖେଳାକୁ ନେଇ ମହାନଦୀବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଶ୍ରୀଗୁଣ୍ଡିଚା ମହୋତ୍ସବ-୨୦୨୫ର ଆୟୋଜନ କରାଯାଇଛି। ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତା ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସିଏମସିର ସିଟି ଇଂଜିନିୟର ଅତନୁ ସାମନ୍ତ, ସମ୍ମାନୀତ ଅତିଥି ଭାବେ ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ ଏବଂ ଇଂ ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଶ୍ରେୟସ୍ ଷଡ଼ଙ୍ଗୀ, ଦେବସ୍ୟ ମହାନ୍ତି, ଶୋଭିତ ସୌମ୍ୟକାନ୍ତ ବେହେରା, ପ୍ରୀତମ ପଣ୍ଡା, ସୁମିତ ବିଶ୍ୱାଳ, ବିଜୟ ନାୟକ, ମହେଶ୍ୱର ବେହେରା, ଅତିଶା ମହାପାତ୍ର ଏବଂ ନୃତ୍ୟଶିଳ୍ପୀ ଆଦି ପ୍ରତିଭାଧାରୀଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ତଥା କଥାବାଚକ ଶରଣାବିନ୍ଦ ଯୋଗଦେଇ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଜଗନ୍ନାଥଙ୍କ ଲୀଳାର ଅପୂର୍ବ ଗାଥାକୁ ବଖାଣିଥିଲେ। ଏହି ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ମୁରବୀ ରବୀନ୍ଦ୍ର ପ୍ରସାଦ ମହାନ୍ତି, ଇଂ ଗୋପାଳକୃଷ୍ଣ ବେହେରା, ହିମାଂଶୁ ଷଡ଼ଙ୍ଗୀ, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ପ୍ରଭାକର ରଣା, ଯଦୁନାଥ ମହାପାତ୍ର, ଶିବ ପ୍ରସାଦ ନାୟକ, ଜ୍ଞାନରଞ୍ଜନ ଦାସ, ରାଧାକାନ୍ତ ଶତପଥୀ, ଶରତ ଚନ୍ଦ୍ର କୁଣ୍ଡୁ, ତାପସ ସାମନ୍ତ, ପ୍ରଦୀପ୍ତ ମହାନ୍ତି, ବିଷ୍ଣୁପ୍ରସାଦ କର, ପ୍ରମୋଦ ଦାସ, ନିରୂପମା ପତି, ଲେନିନପ୍ରଭା, ଉଲ୍ଲାସ ବେଉରାଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଏକତ୍ରିତ ହୋଇ ଜଗନ୍ନାଥଙ୍କ ଭାବରସ କଥାମୃତକୁ ଶ୍ରବଣ କରିଥିଲେ।

## ଆମେରିକାରେ ଭାରତୀୟ ଯୁବତୀ ନିଖୋଜ



ନ୍ୟୁଜର୍ସି, ୨୯।୬ (ଏଜେନ୍ସି): ଆମେରିକାରେ ଜଣେ ଭାରତୀୟ ମହିଳା ନିଖୋଜ ହୋଇଛନ୍ତି। ଜଣେ ୨୪ ବର୍ଷୀୟ ଭାରତୀୟ ମହିଳା ଆମେରିକାର ପହଞ୍ଚିବାର ୫ ଦିନପରେ ନିଖୋଜ ହୋଇଛନ୍ତି ବୋଲି ନ୍ୟୁଜର୍ସି କର୍ତ୍ତୃପକ୍ଷ କହିଛନ୍ତି। ଗତ ୨୦ ତାରିଖରେ ଆମେରିକାର ପହଞ୍ଚିଥିବା ଏହି ମହିଳାଙ୍କ ନାମ ସିମରନ ବୋଲି ଜଣାଯାଇଛି। ସେ ପ୍ରସ୍ତାବ ଅନୁଯାୟୀ ବାହା ହେବାକୁ ଆମେରିକା ଯାଇଥିଲେ। ସେ ଏକ ସ୍ଥାନରେ ଏକୁଟିଆ ଠିଆ ହୋଇଥିବାର ସିସିଟିଭି ଫୁଟେଜରୁ ଜଣା ପଡିଛି ବୋଲି ପୁଲିସ କହିଛି। ସେ ଫୋନ୍‌କୁ ବାରମ୍ବାର ଦେଖୁଥିଲେ ଓ ଜଣକୁ ଅପେକ୍ଷା କରୁଥିବାର ଦେଖାଯାଇଛି। ଆମେରିକାରେ ତାଙ୍କ ସମ୍ପର୍କୀୟ ରହୁଛନ୍ତି। ସେ ଇଂଲିଶରେ କଥା ହୋଇ ପାରନ୍ତି ନାହିଁ ବୋଲି କୁହାଯାଇଛି। ଆମେରିକାର ସରକାରଙ୍କ ନୂଆ ଭିଜା ନୀତି ଅନୁସାରେ ବେଆଇନ୍ ଭାବେ ରହୁଥିବା ଲୋକଙ୍କୁ ଡିପୋର୍ଟ କରାଯାଉଥିବା ବେଳେ ମହିଳା ଜଣକ କିପରି ଆମେରିକାରେ ପହଞ୍ଚିଲେ ସେ ନେଇ ପ୍ରଶ୍ନ ଉଠିଛି। ସିମରନଙ୍କ ଉଚ୍ଚତା ୫ ଫୁଟ ୪ ଇଞ୍ଚ୍ ହୋଇଥିବା ବେଳେ ତାଙ୍କ ଓଜନ ୬୮ କେଜି ବୋଲି କୁହାଯାଇଛି।

## ୟୁକ୍ରେନ୍ ଉପରେ ୪୭୭ ଡ୍ରୋନ୍, ୬୦ ମିସାଇଲ ମାଡ଼



କିଭ୍,୨୯।୬(ଏଜେନ୍ସି): ରୁଷ ରବିବାର ରାତିରେ ୟୁକ୍ରେନ୍ ଉପରେ ଜବରଦସ୍ତ ଆକ୍ରମଣ କରିଛି। ରୁଷିଆ ବାୟୁସେନା ୟୁକ୍ରେନ ଉପରେ ୪୭୭ଟି ଡ୍ରୋନ୍ ଓ ୬୦ଟି ମିସାଇଲ ମାଡ଼ କରିଛି। ରୁଷିଆର ଏମ୍/କେଏନ୍-୨୩ ବାଲାଷ୍ଟିକ ମିସାଇଲ, ୩୩ କେଏଚ୍- ୧୦୧/ ଇସ୍କେଡର କ୍ରୁଜ୍ ମିସାଇଲ ସହ ୪ଟି କ୍ରୁଜ୍ ମିସାଇଲ ମାଡ କରିଛି। ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଛି। ୟୁକ୍ରେନ ବାୟୁସେନା ୪୭୪ଟି ଆକ୍ରମଣକୁ ପଣ୍ଡ କରିବାରେ ସକ୍ଷମ ହୋଇଛି। ଏହି ଆକ୍ରମଣରେ ୟୁକ୍ରେନ୍‌ର ଏକ ଏଫ୍-୧୬ ଲଢୁଆ ବିମାନ ଧ୍ୱଂସ ହୋଇଛି ଓ ଜଣେ ପାଇଲଟ ମୃତ୍ୟୁ ବରଣ କରିଛନ୍ତି। ଏହାପୂର୍ବରୁ ୨୮ ତାରିଖରେ ୟୁକ୍ରେନ ରୁଷିଆର କ୍ରିମିଆ ଏୟାର ବେସ୍ ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ରୁଷ୍‌ର ଏମ୍‌ଆଇ-୮, ଏମ୍‌ଆଇ-୨୬ ଓ ଏମ୍‌ଆଇ-୨୮ ହେଲିକପ୍ଟର ଅନ୍ୟ ବିମାନ ସବୁ ନଷ୍ଟ ହୋଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ ୟୁକ୍ରେନ ସହ କଥା ହେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

## କ୍ୟାପ୍ଟେନ ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ଅଡୁଆରେ ସରକାର




- ପାକିସ୍ତାନ ସାମରିକ ଠିକଣାରେ ବାୟୁସେନା ଆକ୍ରମଣ ଚାହୁଁ ନ ଥିଲେ ସରକାର
- କ୍ୟାପ୍ଟେନ୍‌ଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି: ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଭାରତର କ୍ଷୟକ୍ଷତିକୁ ନେଇ ବିରୋଧୀ ଦଳ କଂଗ୍ରେସ ସରକାରଙ୍କୁ ଘେରୁଥିବା ବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇଣ୍ଡୋନେସିଆରେ ଭାରତର ଡିଫେନ୍ସ ଆଟାଚେ କ୍ୟାପ୍ଟେନ ଶିବ କୁମାର ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଦେଶ ପକ୍ଷରୁ ଆପଣାଯାଇଥିବା ରଣନୀତି ବିଷୟରେ ସୂଚନା ଦେଇ ଏଭଳି ବିସ୍ଫୋରକ ତଥ୍ୟ ଦେଇଛନ୍ତି ଯାହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଇଣ୍ଡୋନେସିଆର ଏକ ୟୁନିଭର୍ସିଟି ସେମିନାରରେ କ୍ୟାପ୍ଟେନ କୁମାର କହିଛନ୍ତି ଯେ ଅପରେସନ ସିନ୍ଦୂରକୁ ପ୍ରଥମେ ରାଜନୈତିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାକିସ୍ତାନର ସାମରିକ ଘାଟୀ କିମ୍ବା ବାୟୁ ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ଆକ୍ରମଣ ପାଇଁ ଭାରତୀୟ ବାୟୁସେନାକୁ ବାରଣ କରାଯାଇଥିଲା। କେବଳ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ ପାଇଁ କୁହାଯାଇଥିଲା। ସରକାରଙ୍କ ଏଭଳି କଟକଣା ଯୋଗୁଁ ପ୍ରଥମ ଦିନ ଆମକୁ କିଛି ଲଢୁଆ ବିମାନ ହରାଇବାକୁ ପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ ବାୟୁସେନା ପାକିସ୍ତାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଛାରଖାର କରିଦେଇଥିଲେ। ଏହାପରେ ପାକିସ୍ତାନ ଆକାଶରେ ଭାରତୀୟ ବାୟୁସେନା ଆଧିପତ୍ୟ ବିସ୍ତାର କରିଥିଲେ।

ଗତ ୧୦ ତାରିଖରେ କ୍ୟାପ୍ଟେନ କୁମାର ଦେଇଥିବା ଏହି ମନ୍ତବ୍ୟକୁ ନେଇ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛି କଂଗ୍ରେସ। ସରକାର ଦେଶକୁ ବିଭ୍ରାନ୍ତ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଇଣ୍ଡୋନେସିଆ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଗଣମାଧ୍ୟମ ରିପୋର୍ଟରେ କ୍ୟାପ୍ଟେନଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି। ସେମିନାରରେ ବକ୍ତା ଦେଇଥିବା ମନ୍ତବ୍ୟର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତ 'ଅପରେସନ ସିନ୍ଦୂର' ଜରିଆରେ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଥିଲା। ତେବେ ଏହି ସଂଘର୍ଷରେ ଭାରତର ୫ଟି ଲଢୁଆ ବିମାନକୁ ଖସାଇଥିବା ପାକିସ୍ତାନ ଦାବି କରିଥିଲା। ବିରୋଧୀ ଦଳ କଂଗ୍ରେସ ଭାରତର କ୍ଷୟକ୍ଷତି ନେଇ ସରକାରଙ୍କୁ ଜବାବ ମାଗିଥିଲେ। କେତୋଟି ଲଢୁଆ ବିମାନ ହରାଇଛି ବୋଲି ପ୍ରଶ୍ନ କରିଥିଲା। ମାତ୍ର ସିଡିଏସ ଅନୀଲ ଚୌହାନ ଏକ ସାକ୍ଷାତକାରରେ ଭାରତର କିଛି କ୍ଷୟକ୍ଷତି ହୋଇଥିବା କହିବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ୟାପ୍ଟେନ କୁମାରଙ୍କ ଟିପ୍ପଣୀକୁ ନେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ପ୍ରଥମେ ସିଙ୍ଗାପୁରରେ ସିଡିଏସ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ଆଉ ଏବେ ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଇଣ୍ଡୋନେସିଆରେ ଏଭଳି ତଥ୍ୟ ଦେଇଛନ୍ତି।

## 'ମନ୍ କି ବାତ'ରେ ଏମର୍ଜେନ୍ସିକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡିଓ ଶୋ 'ମନ୍ କି ବାତ'ର ୧୨୩ତମ ସଂସ୍କରଣରେ ପୁଣି ଥରେ ଏମର୍ଜେନ୍ସି କଥା ଉଠାଇ କଂଗ୍ରେସ୍‌କୁ ନିନ୍ଦା କରିଛନ୍ତି। ଆରମ୍ଭରେ ସେ ଯୋଗ ଦିବସ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ଜୁନ୍ ୨୧ରେ ସାରା ବିଶ୍ୱରେ ଲୋକେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରିଥିଲେ। ଯୋଗକୁ ସାରା ବିଶ୍ୱରେ ଆଦୃତ ହେଉଛି ଓ ଏହାକୁ ଦୈନନ୍ଦିନ ଜୀବନରେ ଲୋକେ ଆପାଣାଉଛନ୍ତି। ବିଶାଖପାଟଣାରେ ଏକାସଂଗେ ୩ ଲକ୍ଷ ଲୋକ ଯୋଗ କରିବା ସବୁଠାରୁ ବଡ଼ କଥା ବୋଲି ସେ କହିଛନ୍ତି। ଏହା ପରେ ସେ ଏମର୍ଜେନ୍ସି ବିଷୟରେ ପୁଣି ବାର୍ତ୍ତା ଦେଇ କଂଗ୍ରେସକୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ଜୁନ ୨ରୁ ୧୯୭୭ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଭାରତରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉତ୍ପିଡନର ଶିକାର ହେବାକୁ ପଡିଥିଲା। ମିସା ନିୟମ ଅନୁସାରେ ବହୁ ଲୋକଙ୍କୁ ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶେଷରେ ଜନତାଙ୍କ ବିଜୟ ହୋଇଥିଲା ଓ ଏମର୍ଜେନ୍ସିକୁ ହଟାଇ ଦିଆଯାଇଥିଲା। ଭାରତୀୟ ଗଣତନ୍ତ୍ର ଇତିହାସରେ ଏହା କଳା ଅଧ୍ୟାୟ ସୃଷ୍ଟି କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ପରମାଣୁ ଅସ୍ତ୍ର ପାଇଁ ଇରାନ ପାଖରେ ୟୁରାନିୟମ ଅଛି

ତେହେରାନ୍, ୨୯।୬ (ଏଜେନ୍ସି): ପରମାଣୁ ଅସ୍ତ୍ର ତିଆରି କରିବାକୁ ଇରାନ୍ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଧାତୁ ରହିଛି। ଏ ନେଇ ଜାତିସଂଘର ଇଣ୍ଟରନ୍ୟାସାନାଲ ଅଟୋମିକ୍ ଏଜେନ୍ସି (ଆଇଏଇଏ) ରବିବାର ସୂଚନା ଦେଇଛି। ଆଗାମୀ କିଛି ମାସ ମଧ୍ୟରେ ଇରାନ ପୁଣିଥରେ ନିଜର ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିପାରେ ବୋଲି ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରାସୀ ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଏବେ ମଧ୍ୟ ଇରାନ୍‌ର କେତୋଟି ଆଣବିକ କେନ୍ଦ୍ର ରହିଛି। ତେଣୁ ଇରାନ ପୁଣିଥରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ଅସମ୍ଭବ ନୁହଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୩ରେ ଇରାନ ପରମାଣୁ କେନ୍ଦ୍ର ସମେତ ଅନ୍ୟ ସାମରିକ ଘାଟି ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ପରେ ଆମେରିକା ମଧ୍ୟ ବି-୨ ବମ୍ବରରେ ଇରାନର ଫୋର୍ଡୋ, ନତାଂଜ ଓ ଓସ୍ଫହାନ ଆଣବିକ କେନ୍ଦ୍ର ଉପରେ ବିସ୍ଫୋରଣ କରିଥିଲା ଏଗୁଡିକୁ ଧ୍ୱଂସ କରିଥିଲା।

## ଡିସେମ୍ବର ୩୧ ସୁଦ୍ଧା ସୀମା ନିର୍ଦ୍ଧାରଣ ସାରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଜାତିଗତ ଜନଗଣନା ସହିତ ଭାରତର ୧୬ ତମ ଜନଗଣନା ୨୦୨୭ରୁ ଆରମ୍ଭ ହେବ। ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏହା ୨୦୨୬ ଅକ୍ଟୋବରରୁ ଆରମ୍ଭ ହୋଇଯିବ। ଦେଶର ଅନ୍ୟ ଭାଗରେ ୨୦୨୭ରୁ ଜନଗଣନା କରାଯିବ। ଏହା ଦୁଇଟି ପର୍ଯ୍ୟାୟରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟ 'ହାଉସ ଲିଷ୍ଟିଂ ଅପରେସନ'ରେ ପ୍ରତ୍ୟେକ ଘରର ଆବାସିକ ସ୍ଥିତି, ସମ୍ପତ୍ତି ଏବଂ ସୁବିଧାର ତଥ୍ୟ ସଂଗ୍ରହ କରାଯିବ। ଏ ନେଇ କେନ୍ଦ୍ର ସରକାର ସବୁ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ୩୧ ପୂର୍ବରୁ ପୌର ପାଳିକା, ରାଜସ୍ୱ ଗାଁ, ତହସିଲ, ଉପ-ବିଭାଗ କିମ୍ବା ଜିଲ୍ଲା ସୀମା ନିର୍ଦ୍ଧାରଣ କରିବାକୁ କିମ୍ବା ପ୍ରସ୍ତାବିତ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୧୬ ତମ ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

## ଦିଲ୍ଲୀ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ମୌସୁମୀ ରବିବାର ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି। ଏଥିସହ ମୌସୁମୀ ସାରା ଦେଶରେ ପରିବ୍ୟାପ୍ତ ହୋଇଛି। ୯ ଦିନ ପୂର୍ବରୁ ହିଁ ମୌସୁମୀ ସାରା ଦେଶରେ ପ୍ରବେଶ କରିସାରିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଜୁଲାଇ ୮ରେ ମୌସୁମୀ ସାରା ଦେଶରେ ଆଚ୍ଛାଦିତ ହେବ ବୋଲି ପୂର୍ବାନୁମାନ କରାଯାଉଥିଲା। କିନ୍ତୁ ଏହାର ୯ ଦିନ ପୂର୍ବରୁ ମୌସୁମୀ ପ୍ରଭାବ ସବୁଠି ଦେଖିବାକୁ ମିଳିଛି। ଚଳିତ ବର୍ଷ ମେ ୨୪ରେ କେରଳରେ ମୌସୁମୀ ପ୍ରଥମେ ପ୍ରବେଶ କରିଥିଲା।

## କରୋନାରେ ମାସକେ ୧୩୫ ମୃତ୍ୟୁ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ସାରା ଦେଶରେ କରୋନା ଭାଇରସ୍‌ର ଆକ୍ଟିଭ ମାମଲା ସଂଖ୍ୟାରେ ଯଥେଷ୍ଟ ଅବନତି ହୋଇଛି। ଏହା ସତ୍ତ୍ୱେ କରୋନାର ନୂଆ ଭ୍ୟାରିଏଣ୍ଟରେ ଗୋଟିଏ ମାସ ମଧ୍ୟରେ ପାଖାପାଖି ୧୩୫ ଜଣ ମୃତ୍ୟୁ ବରଣ କରିଛନ୍ତି। ଆକ୍ଟିଭ ସଂଖ୍ୟା ଗତ ଦୁଇ ସପ୍ତାହ ହେବ କମିବାରେ ଲାଗିଛି ଓ ଏହା ୨୦୮୬ରେ ପହଞ୍ଚିଛି। ଜୁନ୍ ୧୨ ତାରିଖରେ ଦେଶରେ ୭୧୩୧ ଆକ୍ଟିଭ ସଂଖ୍ୟା ଥିଲା। ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାର ନୂଆ ଭ୍ୟାରିଏଣ୍ଟରେ ମୋଟ୍ ୧୪୨ ମୃତ୍ୟୁବରଣ କରିଛନ୍ତି। ଗତ ୨୪ ଘଣ୍ଟରେ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ଢାକାରେ ମହିଳାଙ୍କୁ ଦୁଷ୍କର୍ମ, ୫ ଗିରଫ

ଢ଼ାକା,୨୯।୬(ଏଜେନ୍ସି): ବାଂଲାଦେଶ କୋମିଲା ଜିଲ୍ଲାର ମୁରାଦନଗର ଥାନାର ରାମଚନ୍ଦ୍ରପୁର ପଞ୍ଚକିଟା ଗାଁରେ ଜଣେ ହିନ୍ଦୁ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ଘଟଣାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଜଡିତ ଥିବା ୫ ଜଣଙ୍କୁ ପୁଲିସ ଗିରଫ କରିଛି। ଦୁଷ୍କର୍ମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୨୫ ବର୍ଷୀୟା ଏହି ମହିଳାଙ୍କୁ ଜଣେ ୩୮ ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଛି। ଅଭିଯୁକ୍ତ ଜଣକ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର କାର୍ଯ୍ୟକର୍ତ୍ତା ବୋଲି ଜଣାପଡିଛି। ଅଭିଯୁକ୍ତକୁ ସ୍ଥାନୀୟ ଲୋକ ଧରିଥିଲେ ମଧ୍ୟ ସେ ଖସି ପଳାଇଥିଲା। ୧୫ ଦିନ ତଳେ ପୀଡିତାଜଣକ ତାଙ୍କ ବାପ ଘରକୁ ଆସିଥିଲେ। ଅଭିଯୁକ୍ତ ଜଣକ କବାଟ କବାଟ ଭାଙ୍ଗି ଘରେ ପଶି ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।

## ସ୍ୱାମୀକୁ ମାରି ଫୋପାଡ଼ିଦେଲେ

ବେଙ୍ଗାଲୁରୁ, ୨୯।୬ (ଏଜେନ୍ସି): କର୍ଣ୍ଣାଟକରେ ଜଣେ ମହିଳା ନିଜ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ଆଖିରେ ଲଙ୍କାଗୁଣ୍ଡ ପକାଇ ଗୋଡରେ ତଣ୍ଟିଚିପି ମାରିଛନ୍ତି। ଗତ ୨୪ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଶନିବାର ଏହା ସାମ୍ନାକୁ ଆସିଛି। ତୁମକୁର ଦିଲ୍ଲା ତିପତୁର ବ୍ଲକ କଡାସେଟିହାଲି ଗ୍ରାମର ଶଙ୍କରମୂର୍ତ୍ତି (୫୦) ଏକାକୀ ଏକ ଫାର୍ମ ହାଉସରେ ରହୁଥିଲେ। ତାଙ୍କ ସ୍ତ୍ରୀ ସୁମଙ୍ଗଳା କଳ୍ପତରୁ ଛାତ୍ରୀ ନିବାସରେ ରୋଷେଇ କରୁଥିଲେ। ଏଠାରେ ନାଗାରାଜୁଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଗଢିଉଠିଥିଲା। ସ୍ୱାମୀ ବାଧା ସୃଷ୍ଟି କରୁଥିବାରୁ ଶଙ୍କରମୂର୍ତ୍ତିଙ୍କୁ ହଟାଇବା ପାଇଁ ଉଭୟେ ଯୋଜନା କରିଥିଲେ। ଘଟଣା ଦିନ ସ୍ୱାମୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଏକ ବାଡ଼ିରେ ସୁମଙ୍ଗଳା ମାଡ଼ ମାରିଥିଲେ। ପରେ ପାଦରେ ବେକ କୁଦି ମାରି ଦେଇଥିଲେ। ବସ୍ତାରେ ମୃତଦେହକୁ ୩୦ କିମି ଦୂରରେ ଥିବା ଏକ କୂଅରେ ନେଇ ଫୋପାଡ଼ି ଥିଲେ।

## ହିନ୍ଦୀରୁ ଓହରିଲା ମହାରାଷ୍ଟ୍ର

ମୁମ୍ବାଇ, ୨୯।୬ (ଏଜେନ୍ସି): ମହାରାଷ୍ଟ୍ର ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରି ରାଜ୍ୟ ସରକାର ଯେଉଁ ଆଦେଶ ଜାରି କରିଥିଲେ, ଆଜି ତାହାକୁ ପ୍ରତ୍ୟାହାର କରିନେଇଛନ୍ତି। ହିନ୍ଦୀ ବିରୋଧରେ ଆନ୍ଦୋଳନ ପାଇଁ ଉଦ୍ଧବ ଠାକରେ ଏବ ରାଜ ଠାକରେ ଧମକ ଦେବାପରେ ମହାରାଷ୍ଟ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଦୁଇ ଦଳ ପ୍ରସ୍ତାବିତ ଧର୍ମଘଟରୁ ଓହରିଯାଇଛନ୍ତି।

## ବିଜେପି ସଭାପତି ନେଇ ହୋଇପାରୁନି ସହମତି

**ଆସନ୍ତା ସପ୍ତାହରେ ବିଜେପି-ଆର୍‌ଏସ୍‌ଏସ୍ ବୈଠକ**

**୧୯ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇନାହିଁ**

ନୂଆଦିଲ୍ଲୀ, ୨୯।୬: ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। କୁହାଯାଉଛି ଯେ ଆର୍‌ଏସ୍‌ଏସ୍ ଓ ବିଜେପି ନେତାଙ୍କ ମଧ୍ୟରେ ଏହାକୁ ନେଇ ମତଭେଦ ଲାଗି ରହିଥିବାରୁ ନୂଆ ସଭାପତି ନିଯୁକ୍ତି ନେଇ ସହମତି ହୋଇପାରୁ ନାହିଁ। ତେବେ ଆସନ୍ତା ସପ୍ତାହ ଦିଲ୍ଲୀରେ ଆର୍‌ଏସ୍‌ଏସ୍ ଏବଂ ବିଜେପି ନେତାମାନଙ୍କ ମଧ୍ୟରେ ହେବାକୁ ଥିବା ବୈଠକରେ ଏହାର ସମାଧାନ ହେବାର ସମ୍ଭାବନା ରହିଛି।

ଏବେ ଦଳର ସଭାପତି ପଦରେ ଥିବା କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ଶେଷ ହୋଇଯାଇଥିଲେ ମଧ୍ୟ ପ୍ରଥମେ ତାଙ୍କର କାର୍ଯ୍ୟକାଳକୁ ଜୁନ୍ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ନୂଆ ସଭାପତି ନେଇ ସହମତି ହୋଇ ପାରୁନଥିବାରୁ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ଏହି ପଦରେ ରହିଛନ୍ତି। ଏହି ପଦବୀରେ ବିଜେପି ହାଇକମାଣ୍ଡ ନିଜ ପସନ୍ଦର ନେତା ରଖିବାକୁ ଆଗ୍ରହୀ ଥିବା ବେଳେ ଆର୍‌ଏସ୍‌ଏସ୍ ଏଥିରେ ଏକମତ ହେଉନାହିଁ। ନୂଆ ସଭାପତି ଲାଗି ଆର୍‌ଏସ୍‌ଏସ୍ ଯେଉଁ ସର୍ତ୍ତ ରଖିଛି, ସେଥିରେ ବିଜେପି ହାଇକମାଣ୍ଡଙ୍କ ପସନ୍ଦର ନେତା ଫିଟ୍ ହୋଇପାରୁ ନାହାନ୍ତି। ଏହି ପଦରେ ସାଂଗଠନିକ ଦୃଷ୍ଟିରୁ ଜଣେ ଶକ୍ତିଶାଳୀ ନେତାଙ୍କୁ ବସାଇବାକୁ ଚାହୁଁଛି ଆର୍‌ଏସ୍‌ଏସ୍। କୌଣସି ହସ୍ତକ୍ଷେପ ବିନା ସମଗ୍ର ସଂଗଠନ ଉପରେ ତାଙ୍କର ନିୟନ୍ତ୍ରଣ ରହିବ। ସେ ଦାୟିତ୍ୱ ନେବା ସହିତ ବିଜେପି ସଂଗଠନରେ ପୁନର୍ବିନ୍ୟାସ କରିବେ। ସାଂଗଠନିକ ପୁନର୍ବିନ୍ୟାସ ସହିତ ମନ୍ତ୍ରିମଣ୍ଡଳରେ ମଧ୍ୟ ଅଦଳବଦ କରିବାକୁ ଚାହୁଁଛି ଆର୍‌ଏସ୍‌ଏସ୍।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଆର୍‌ଏସ୍‌ଏସ୍‌ର ଏକ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ଏଥିରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସମେତ ସଂଗଠନର ସାଧାରଣ ସଂପାଦକ ଦତ୍ତାତ୍ରେୟ ହୋସାବୋଲେ ଏବଂ ସମସ୍ତ ୬ ଜଣ ଯୁଗ୍ମ ସାଧାରଣ ସଂପାଦକ ଉପସ୍ଥିତ ରହିବେ। ଏହି ଅବସରରେ ବିଜେପି ନେତାମାନଙ୍କ ସହିତ ସେମାନଙ୍କର ବୈଠକ ହେବ ଏବଂ ଏଥିରେ ପରବର୍ତ୍ତୀ ସଭାପତିକୁ ନେଇ ବିଚାର ଆଲୋଚନା ହେବ। ବିଜେପିର କିଛି ବରିଷ୍ଠ ନେତା କହିଛନ୍ତି ଯେ ନୂଆ ସଭାପତି ଦଳ ଭିତରେ ବ୍ୟାପକ ଅଦଳବଦଳ କରିବେ। ସଂଗଠନରେ ଯୁବ ମୁହଁକୁ ଅଗ୍ରାଧିକାର ଦିଆଯିବ। ଅର୍ଦ୍ଧାଧିକ ଜାତୀୟ ସାଧାରଣ ସଂପାଦକଙ୍କୁ ବିଦାୟ କରାଯିବ। ବିଜେପିର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ପାର୍ଲାମେଣ୍ଟାରୀ ବୋର୍ଡରେ ଅନେକ ବରିଷ୍ଠ ନେତାଙ୍କୁ ସାମିଲ କରାଯିବ। ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ପରିପେୟକ୍ଷୀ।ରେ ବୋର୍ଡକୁ ଆହୁରି ମଜବୁତ କରାଯିବ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ନିୟମ ଅନୁଯାୟୀ ନୂଆ ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପୂର୍ବରୁ ଅତିକମରେ ୧୯ଟି ରାଜ୍ୟରେ ଦଳୀୟ ସଭାପତି ନିର୍ବାଚନ ସଂପନ୍ନ ହେବା ଦରକାର। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇଛି। ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗ, ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଭିନ୍ନ କାରଣରୁ ସଭାପତି ନିର୍ବାଚନ ସଂପନ୍ନ ହୋଇପାରି ନାହିଁ। ଦଳୀୟ ପରଂପରା ଅନୁଯାୟୀ ଉଭୟ ରାଷ୍ଟ୍ରୀୟ ଏବଂ ରାଜ୍ୟ ସଭାପତିଙ୍କୁ ସହମତି ଭିତ୍ତିରେ ନିଯୁକ୍ତି ମିଳେ। ଏଥିପାଇଁ ନିର୍ବାଚନର ଆବଶ୍ୟକତା ପଡ଼େନାହିଁ।

## କୋଲକାତା ଛାତ୍ରୀ ଗଣଦୁଷ୍କର୍ମ: କଲ୍ୟାଣ-ମହୁଆ ମୁହାଁମୁହିଁ



କୋଲକାତା, ୨୯।୬ (ଏଜେନ୍ସି): କୋଲକାତା ଆଇନ ଛାତ୍ରୀ ଗଣଦୁଷ୍କର୍ମ ଘଟଣାକୁ ନେଇ କ୍ଷମତାସୀନ ଟିଏମ୍‌ସିରେ ଝଡ଼ ସୃଷ୍ଟି ହୋଇଛି। ଦଳର ରାଜସ୍ୟଭା ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ଲୋକସଭା ସାଂସଦ ମହୁଆ ମୋଇତ୍ର ମୁହାଁମୁହିଁ ହୋଇଛନ୍ତି। ଗଣଦୁଷ୍କର୍ମ ମାମଲାକୁ ନେଇ କଲ୍ୟାଣ ଦେଇଥିବା ମନ୍ତବ୍ୟକୁ ମହୁଆ ଘୃଣ୍ୟ କହିବା ପରେ ବିବାଦ ସୃଷ୍ଟି ହୋଇଛି। ଦୁଷ୍କର୍ମ ଘଟଣାରେ କଲ୍ୟାଣ ଦେଇଥିବା ମନ୍ତବ୍ୟର ନିନ୍ଦା କରି ମହୁଆ ଏହାକୁ ନାରୀ-ବିରୋଧୀ ମାନସିକତା ବୋଲି କହିଥିଲେ। ଯିଏ ବି ଏଭଳି ଘୃଣ୍ୟ ମନ୍ତବ୍ୟ ଦିଏ ତାକୁ ନିନ୍ଦା କରାଯିବା ଉଚିତ।

ମହୁଆଙ୍କ ଏଭଳି ଅଭିଯୋଗ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଲ୍ୟାଣ ବାନାର୍ଜୀ। ବରିଷ୍ଠ ଓକିଲ ତଥା ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କ ସହ ମହୁଆଙ୍କ ବିବାହକୁ ନିଶାଣ କରିଛନ୍ତି କଲ୍ୟାଣ। ମହୁଆ ମୋତେ ମହିଳା ବିରୋଧୀ କହୁଛନ୍ତି। ସେ ନିଜେ କ'ଣ କରିଛନ୍ତି? ମହୁଆ ନିଜେ ସବୁଠୁ ବଡ଼ ମହିଳା ବିରୋଧୀ। ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ବିବାହ କରି ମହୁଆ ତାଙ୍କ ପରିବାରକୁ ଭାଙ୍ଗିଦେଛନ୍ତି। ଏହାକରି ମହୁଆ ମହିଳାଙ୍କୁ ଆଘାତ ଦେଉନାହାନ୍ତି କି? ବିବାହ ପରେ ବିଦେଶରୁ ହନିମୁନ୍‌ରୁ ଫେରି ସେ ମୋ ସହ ଲଢେଇ କରୁଛନ୍ତି। ମହୁଆଙ୍କ ଠାରୁ ଆଉ ଏତେ ବଡ଼ ନାରୀ-ବିରୋଧୀ କେହି ନାହାନ୍ତି ବୋଲି ସେ କହିଛନ୍ତି। ନିୟମ ଉଲ୍ଲଘଂନ କାରଣରୁ ସଂସଦରୁ ବହିଷ୍କୃତ ହୋଇଥିବା ମହିଳା ଏବେ ମୋତେ ନୀତି ଶିକ୍ଷା ଦେଉଛନ୍ତି।

ଏହି ଦୁଇ ଜଣ ନେତା ଏପରି ମୁହାଁମୁହିଁ ହୋଇଥିବାରୁ ମମତାଙ୍କ ତୃଣମୂଳ କଂଗ୍ରେସ ଅପ୍ରୀତିକର ପରିସ୍ଥିତିରେ ପଡ଼ିଯାଇଛି। ମିଳିଥିବା ଖବର ଅନୁଯାୟୀ ଭବିଷ୍ୟତରେ ସାଧାରଣରେ ଏଭଳି ମନ୍ତବ୍ୟ ନଦେବା ଲାଗି ମମତା ବାନାର୍ଜୀ ଦଳର ଏହି ଦୁଇ ନେତାଙ୍କୁ ତାଗିଦ କରିଛନ୍ତି।

## ପାକିସ୍ତାନକୁ ଭାରତର ସମାଲୋଚନା

ଇସ୍‌ଲାମାବାଦ,୨୯।୬(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ରାଜ୍ୟର ଉତ୍ତର ପାର୍ବତ୍ୟ ଅଞ୍ଚଳ ୱାଜିରସ୍ଥାନରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୬ ସୁରକ୍ଷାକର୍ମୀ ପ୍ରାଣ ହରାଇଛନ୍ତି। ପାକିସ୍ତାନ ଏହି ଘଟଣାରେ ଭାରତକୁ ଦାୟୀ କରିଛି। ସାଧରଣ ନାଗରିକଙ୍କ ସମେତ ୨୪ ଜଣ ଲୋକ ଆହତ ହୋଇଛନ୍ତି। ଭାରତକୁ ଦାୟି କରୁଥିବା ବେଳେ ପାକିସ୍ତାନ ତାଲିବାନ ବା ଟିଟିପି ନିଜକୁ ଦାୟୀ କରିଛି। ଭାରତ ପାକିସ୍ତାନର ଏହି ଅଭିଯୋଗକୁ ପ୍ରତ୍ୟାଖାନ କରିଛି। ଆତ୍ମଘାତୀ ଆକ୍ରମଣ କରିଥିବା ଆତଙ୍କବାଦୀଜଣକ ବାରୁଦ ଭର୍ତ୍ତି ଗାଡି ସହ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡିଗୁଡିକ ଉପରେ ମାଡ଼ କରିଥିଲା। ଏଥିରେ ନିକଟରେ ଥିବା ଦୁଇଟି ଘରର ଛାତ ଗଳି ପଡିଥିଲା। ଏହି ଘଟଣାରେ ୬ ଜଣ ଶିଶୁ ଆହତ ହୋଇଛନ୍ତି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଖଣ୍ଡନ କରିଛନ୍ତି।

## କର୍ଣ୍ଣାଟକ କଂଗ୍ରେସରେ ଅଶାନ୍ତି: ପୁଣି ଉଠିଲା ନେତା ପରିବର୍ତ୍ତନ ସ୍ୱର

ବେଙ୍ଗାଲୁରୁ, ୨୯।୬: କର୍ଣ୍ଣାଟକ କଂଗ୍ରେସରେ ପୁଣି ଅଶାନ୍ତି। ଦଳର କେତେକ ବିଧାୟକ ବିବାଦୀୟ ମନ୍ତବ୍ୟଦେଇ ସରକାରକୁ ଅଡୁଆରେ ପକାଉଥିବା ବେଳେ ଗୋଷ୍ଠୀ ବିବାଦ ମଧ୍ୟ ମୁଣ୍ଡ ଟେକିଲାଣି। ବିଶେଷ କରି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ସମର୍ଥକ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଦଳକୁ ଏଭଳି ଅପ୍ରୀତିକର ପରିସ୍ଥିତିରୁ ଉଦ୍ଧାର କରିବା ଲାଗି ଦଳୀୟ ହାଇକମାଣ୍ଡ ଏହାର ସାଧାରଣ ସଂପାଦକ ରଣଦୀପ ସିଂହ ସୁର୍ଯେୱାଲାଙ୍କୁ ପଠାଇଛନ୍ତି। ସେ ଆସନ୍ତାକାଲି ବେଙ୍ଗାଲୁରୁରେ ପହଂଚିବେ। ସେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ଅନେକ ନେତାମାନଙ୍କ ସହିତ ବିଚାରବିମର୍ଶ କରିବେ।

ଦଳର କେତେକ ବିଧାୟକ ପ୍ରଶାସନ ବିରୋଧରେ ଖୋଲାଖୋଲି ଦୁର୍ନୀତି ଅଭିଯୋଗ ଆଣି ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ସେମାନଙ୍କୁ ଶାନ୍ତ କରିବା ଲାଗି ଚଳିତ ସପ୍ତାହ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ଅସନ୍ତୁଷ୍ଟ ନେତାମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ବରିଷ୍ଠ ବିଧାୟକ ବିଆର ପାଟିଲ ରାଜ୍ୟ ଗୃହ ନିର୍ମାଣ ବିଭାଗ ବିରୋଧରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗ ଆଣି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସେହିଭଳି ଅନ୍ୟତମ ବଧାୟକ ରାଜୁ କାଗେ ଅଭିଯୋଗ କରିଥିଲେ ଯେ ରାଜ୍ୟ ପ୍ରଶାସନ ଭୁଶୁଡ଼ି ପଡ଼ିଛି। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବୁଝାଇଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି। ଏହାକୁ ନେଇ ଦଳରେ ଫାଟ ବଢୁଥିବାରୁ ସୁର୍ଯେୱାଲା ବେଙ୍ଗାଲୁରୁରେ ସେମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ଦଳର ଅନ୍ୟ ନେତାମାନଙ୍କ ସହିତ ମଧ୍ୟ ଏକାକୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳିବା ଲାଗି ମଧ୍ୟ ଦଳ ଭିତରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ସୁର୍ଯେୱାଲା ହାଇକମାଣ୍ଡଙ୍କ ମତାମତ ଜଣାଇବେ। ଦଳର ଏକତା ଏବଂ ସରକାରରେ ସ୍ଥିରତା ସ୍ୱାର୍ଥ ଦୃଷ୍ଟିରୁ ସାଧାରଣରେ ଆଶ୍ୱସ୍ତିକର ମନ୍ତବ୍ୟ ନଦେବା ଲାଗି ସେ ଦଳର ନେତାମାନଙ୍କୁ ପରାମର୍ଶ ଦେବେ। ଦୁଇ ଦିନ ଧରି ସେ ବେଙ୍ଗାଲୁରୁରେ ରହି ଦଳ ଭିତରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବାକୁ ଉଦ୍ୟମ କରିବେ।

ଇତିମଧ୍ୟରେ ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ କହିଛନ୍ତି ଯେ ଦୁଇ ତିନି ମାସ ଭିତରେ ମୁଖ୍ୟମନ୍ତ୍ରୀ ବଦଳିବେ। ସିଦ୍ଧରମେୟାଙ୍କ ସ୍ଥାନରେ ଡି. ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ହାଇକମାଣ୍ଡ ନିଷ୍ପତ୍ତି ନେଇ ସାରିଥିବା ସେ କହିଛନ୍ତି। ଉପଯୁକ୍ତ ସମୟରେ ଦଳୀୟ ହାଇକମାଣ୍ଡ ଏହି ଘୋଷଣା କରିବେ ବୋଲି ସେ କହିଛନ୍ତି।

# ଜୁଲାଇ ୧ରୁ ଶିମିଳିପାଳ ବନ୍ଦ

ବାରିପଦା, ୨୯।୬ (ସମିସ): ଭାରୀବର୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଅଭୟାରଣ୍ୟ ଜୁଲାଇ ୧ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଏକ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ଷମତା ଉପରେ ଭରସା ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନିଜକୁ କମଜୋର ଭାବନ୍ତୁ ନାହିଁ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ। ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ। ରାଜନେତାଙ୍କ ପାଇଁ ଭଲ ସମୟ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ। ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

# ଉତ୍ତର ଓଡ଼ିଶାରେ ବିଗୁଡୁଛି ସ୍ଥିତି

## ସୁବର୍ଣ୍ଣରେଖା ଓ ଜମ୍ବୀରାରେ ବନ୍ୟା



### ୨୪୨ ଘର ଭାଙ୍ଗିଲା, କାନ୍ଥ ପଡ଼ି ଜଣେ ମୃତ

ବାରିପଦା,୨୯।୬(ସମିସ): ଉପରମୁଣ୍ଡ ଝାଡ଼ଖଣ୍ଡ ଓ ମୟୂରଭଞ୍ଜରେ ଲଘୁଚାପ ଜନିତ ତୁହାକୁ ତୁହା ବର୍ଷା ଯୋଗୁଁ ଜିଲ୍ଲାରେ ସ୍ଥିତି ସଂଗିନ୍ ହୋଇପଡ଼ିଛି। ଗୋଟିଏପଟେ

- **ଝାଡ଼ଖଣ୍ଡ ଛାଡ଼ିଲା ବନ୍ୟାଜଳ**
- **୭ଟି ଗାଁରୁ ୪ହଜାର ଲୋକଙ୍କୁ ସ୍ଥାନାନ୍ତର**
- **ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ବଢୁଛି**
- **୩ଦିନ ଅଙ୍ଗନବାଡ଼ି, ୧ ଦିନ ସ୍କୁଲ ବନ୍ଦ**

ଜିଲ୍ଲାରେ ଭାରୀ ବର୍ଷା ଓ ଅନ୍ୟପଟେ ଝାଡ଼ଖଣ୍ଡ ଚାନ୍ଦିଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ଯୋଗୁଁ ସୁବର୍ଣ୍ଣରେଖା ଓ ଜମ୍ବୀରା ନଦୀରେ ବନ୍ୟା ଦେଖାଦେଇଛି। ସେହିପରି ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ଆଦି ନଦୀରେ ଜଳସ୍ତର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆସନ୍ତାକାଲି ମଧ୍ୟ ଜିଲ୍ଲାକୁ ରେଡ୍-ୱାର୍ଣ୍ଣିଂ ଥିବାରୁ ବଡ଼ବନ୍ୟା ଆଶଙ୍କା ଦେଖାଦେଇଛି। ଏପରି ସ୍ଥିତିରେ ନଦୀକୂଳିଆ ଗାଁରେ ଛନକା ପଶିଛି। ଖବର ଲେଖା ହେବା ବେଳକୁ ସୁବର୍ଣ୍ଣରେଖା ଓ ଜମ୍ବୀରାର ବନ୍ୟାଜଳ କିଛି ଗାଁରେ ପ୍ରବେଶ କରିଥିବା ବେଳେ ପ୍ରଶାସନ ପକ୍ଷରୁ ୭ଟି ଗାଁରୁ ୪ହଜାର ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତର କରାଯାଇଛି। ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେବା ଯୋଗୁଁ କିଛି ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅପରପକ୍ଷେ, ଲଗାତାର ବର୍ଷା ଯୋଗୁଁ ଜିଲ୍ଲାରେ ୨୪୨ଟି ଘର ଭାଙ୍ଗିଥିବା ବେଳେ କାନ୍ଥପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଆସନ୍ନ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁଇଜଣ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହକାରୀ ସଚିବ ସରୋଜ କୁମାର ଦାସଙ୍କୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ନିଯୁକ୍ତ କରିଛନ୍ତି। ଅପରପକ୍ଷରେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ମୁକାବିଲା ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ୩ଦିନ ପାଇଁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ସମସ୍ତ ସ୍କୁଲ ଗୁଡ଼ିକୁ ଆସନ୍ତାକାଲି (ସୋମବାର) ପାଇଁ ଛୁଟି ଘୋଷଣା କରାଯାଇଛି।

## ଫୁଲୁଛି ବୁଢ଼ାବଳଙ୍ଗ, ଜଳକା

ବାଲେଶ୍ୱର, ୨୯।୬ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜିଲ୍ଲାରେ ପ୍ରବାହିତ ହେଉଥିବା ପ୍ରମୁଖ ତିନୋଟି ନଦୀ ମଧ୍ୟରୁ ଜଳକା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସିଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ସେହିପରି ବୁଢ଼ାବଳଙ୍ଗ ନଦୀରେ ପ୍ରଥମ ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଜିଲ୍ଲାରେ ମୋଟ ୮୭୨ମିମି ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳରେ ଅତ୍ୟଧିକ ମାତ୍ରାରେ ବର୍ଷା ହେବା ଫଳରେ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଜଳକାରେ ଚଳିତ ବର୍ଷର ପ୍ରଥମ ବନ୍ୟା ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ମିଟର ରହିଛି। ଜଳକା ନଦୀରେ ସନ୍ଧ୍ୟା ୭ଟା ସୁଦ୍ଧା ୭.୧୯ମିଟର ଜଳ ପ୍ରବାହିତ ହେଉଛି। ଏଣୁ ଏହି ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ବାଲିଆପାଳ, ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକେ ପ୍ରଭାବିତ ହୋଇଛନ୍ତି। ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତର ସରଡିହାରୁ ନାଭ ଗ୍ରାମକୁ ସଂଯୋଗ କରୁଥିବା ବନ୍ଧରେ ୫୦ ଫୁଟର ଘାଇ ଯୋଗୁଁ ପ୍ରବଳ ସ୍ରୋତରେ ପାଣି ମାଡ଼ି ଚାଲିଛି। ଏହି ବନ୍ଧରେ ୧୦ରୁ ଅଧିକ



**ପତ୍ରଝଡ଼ାରେ ୫୦ ଫୁଟ୍‌ର ଘାଇ ସତର୍କ ରହିବାକୁ ନିର୍ଦ୍ଦେଶ**

ଛୋଟ ଛୋଟ ଘାଇ ସୃଷ୍ଟି ହୋଇଛି। ଅନ୍ୟପଟେ ସୁବର୍ଣ୍ଣରେଖାର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୯.୧୦ମିଟର ପାଣି ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ମିଟର ଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୭.୧୮ମିଟର ଜଳ ପ୍ରବାହିତ ହେଉଛି।

## ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ଭୁବନେଶ୍ୱର/ପୁରୀ,୨୯।୬(ସମିସ): ଶରଧାବାଲି ଦଳଚକଟା ଘଟଣାରେ ପିସିସି ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇଛି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସଦସ୍ୟ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଘଟଣାସ୍ଥଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତମାନଙ୍କ ସହ ଆଲୋଚନା କରିଛନ୍ତି। ଗୁରୁତର ଭାବେ ଆହତ ହୋଇଥିବା ଓ ସମ୍ପୂର୍ଣ୍ଣ ରୂପେ ଗୋଡ଼ ହାଡ଼ ଦିଖଣ୍ଡ ହୋଇଥିବା ଦୁଇଜଣ ରୋଗୀଙ୍କୁ ମଧ୍ୟ ବିନା ଚିକିତ୍ସାରେ ଡିସ୍‌ଚାର୍ଜ ହୋଇଥିବା କଥା ଶୁଣି ଟିମ୍ ବ୍ୟଥିତ ଓ ଚକିତ ହୋଇଛି। ଘଟଣାକୁ ଫାଙ୍କିଦେବା ପାଇଁ ଯେତିକି ସରକାରୀ ଉଦ୍ୟମ ହେଉଛି ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା ପାଇଁ




ସେତିକି ଦୃଷ୍ଟି ଦିଆଯାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ପକ୍ଷରୁ ଏହି ଘଟଣାରେ ମୃତକମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଏବଂ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ୨୫ ଲକ୍ଷ ଟଙ୍କା ସ୍ୱତନ୍ତ୍ର ସହାୟତା ଦେବାକୁ ଦଳ ଦାବି କରିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ମୁଣ୍ଡରେ ପରିଚାଳନା ଦାୟିତ୍ୱ ନ୍ୟସ୍ତ ଥିବା ଦୃଷ୍ଟିରୁ ନୈତିକତା ଦୃଷ୍ଟିରୁ ସେମାନେ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ମାସକ ଭିତରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆଜି ଅପରାହ୍ନରେ ଆଇନ ମନ୍ତ୍ରୀ ଘୋଷଣା କରିଛନ୍ତି। କିଏ ତଦନ୍ତ କରିବେ ଏବଂ କିଭଳି ତଦନ୍ତ କରାଯିବ ସେ ସମ୍ପର୍କରେ କିଛି ନ କହି ସରକାର କି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଟିମ୍ ପ୍ରଶ୍ନ କରିଛି। ନୀଳାଦ୍ରି ବିଜେ ପରେ ୧୦ ଦିନ ମଧ୍ୟରେ ଜଣେ କାର୍ଯ୍ୟରତ ଜିଲ୍ଲା ଜଜ୍‌ଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ତାଙ୍କ ସୁପାରିସ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦଳ ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୪୮
- ପାଉଣ୍ଡ ୧୧୭.୫୬
- ୟୁରୋ ୧୦୦.୬୩
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୮୪୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୮୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୦୫୮.୦୦
- ନିଫ୍ଟି ୨୫,୬୩୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବିପଦ ପାଲଟିଲାଣି ଏଆଇ


## ମିଛ କହିବା ଶିଖି ନିର୍ମାତାଙ୍କୁ ଦେଲା ଧମକ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବହୁ ଉପଯୋଗୀ ସାବ୍ୟସ୍ତ ହେଲେ ବି ଏହାକୁ ନେଇ ଭୟ ଜାରି ରହିଛି। ଏହି ଭୟ ଏବେ ସତ ହେବାରେ ଲାଗିଛି। ବିଶ୍ୱର ସବୁଠୁ ଉନ୍ନତ ଏଆଇ ଏବେ ଏଭଳି କିଛି କାମ କରିଛି ଯାହା ବୈଜ୍ଞାନିକଙ୍କୁ ଚିନ୍ତାରେ ପକାଇ ଦେଇଛି। ଯିଏ ଏହା ଶୁଣିଛି ମଧ୍ୟ ସେ ଚିନ୍ତାରେ ପଡ଼ି ଯାଉଛି। ଆନ୍‌ଥ୍ରୋପିକ କମ୍ପାନୀର ଏଆଇ ମଡେଲ କ୍ଲାଉଡ-୪ ମିଛ କହିବା ଶିଖି ଯାଇଛି। ଏହା ନିଜ ନିର୍ମାତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଛି। ଖାଲି ସେତିକି ନୁହେଁ ଧମକ ମଧ୍ୟ ଦେଇଛି। ସୂଚନା ଅନୁଯାୟୀ ଏକ ପରୀକ୍ଷାରେ କ୍ଲାଉଡ-୪କୁ ବନ୍ଦ କରିବାକୁ ଧମକ ଦିଆଯାଇଥିଲା। କିନ୍ତୁ ସେ ଇଞ୍ଜିନିୟରଙ୍କୁ ହିଁ ବ୍ଲାକମେଲ୍ କରିଥିଲା। ଇଞ୍ଜିନିୟରଙ୍କ ପରକୀୟା ପ୍ରୀତିକୁ ସାର୍ବଜନୀନ କରିଦେବ ବୋଲି କହିଥିଲା। ସେହିପରି ଚାଟ୍‌ଜିପିଟି ନିର୍ମାତା କମ୍ପାନୀ ଅପନଏଆଇ ମଡେଲ ୦୧ ନିଜକୁ ବାହାର ସର୍ଭରରେ ଡାଉନଲୋଡ କରିବାକୁ ପ୍ରୟାସ କରିଛି। ତେବେ ଏ ବିଷୟରେ ପଚରାଯିବାରୁ କିଛି କରି ନ ଥିବା କହିଥିଲା। ଏ ବିଷୟରେ ବର୍ଣ୍ଣନା କରି ଏଆଇ ରିସର୍ଚ୍ଚର କହିଛନ୍ତି ଯେ ସେ ନିଜେ ପ୍ରସ୍ତୁତ କରିଥିବା ଟେକ୍ନୋଲୋଜିକୁ



ବି ଠିକ୍‌ରେ ବୁଝି ପାରୁନାହାନ୍ତି। ଏଆଇ ଏବେ ନିଜ ପରିସର ବାହାରେ ଚିନ୍ତା କରିବାରେ ଲାଗିଲାଣି। ଏହା ଆଗାମୀ ଦିନରେ ବଡ଼ ବିପଦ ହୋଇପାରେ। ଆପୋଲ ରିସର୍ଚ୍ଚ ନାମକ ଏଆଇ ଟେଷ୍ଟିଂ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ପ୍ରଥମ ଥର ପାଇଁ ୦୧ ମଡେଲ ଷଡ଼ଯନ୍ତ୍ର କରିଥିଲା। ଅନେକ ସମୟରେ ଏହି ମଡେଲ ନିଜେ କିଛି ଉଦ୍ଦେଶ୍ୟର ସହ କାମ କରୁଥିବା ଦେଖାଯାଇଛି। ଏହାକୁ 'ଫେକ୍ ଆଲାଇନମେଣ୍ଟ' କୁହାଯାଉଛି। ଏଆଇ ଯେତେ ଚାଲାକ ହୋଇ ଚାଲିଛି ସେତେ ତାକୁ ବୁଝିବା କଷ୍ଟ ହେବାରେ ଲାଗିଛି।

## ବର୍ଷକୁ ୨୦ କୋଟି ଦରମା ନେବେ ଅନନ୍ତ ଅମ୍ବାନୀ



ମୁମ୍ବାଇ, ୨୯।୬ (ଏଜେନ୍ସି): ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ଏହି ପଦ ପାଇଁ ତାଙ୍କୁ ବର୍ଷକୁ ୧୦ରୁ ୨୦ କୋଟି ଟଙ୍କାର ଦରମା ମିଳିବ। ଅନନ୍ତଙ୍କୁ ଦରମା ସହିତ କମ୍ପାନୀର ଲାଭରୁ କମିଶନ ଏବଂ ଅନ୍ୟ ପ୍ରକାରର ସୁବିଧା ମିଳିବ। ସୂଚନା ଅନୁଯାୟୀ ଚଳିତ ବର୍ଷ ଏପ୍ରିଲରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଥିଲା। ସେ ମେ'୧ରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ୨୦୨୩ରେ ସେ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଏହା ପୂର୍ବରୁ ୨୦୨୨ ଅଗଷ୍ଟରେ ଅନନ୍ତଙ୍କୁ କମ୍ପାନୀର ଏନର୍ଜି ଭର୍ଟିକାଲର ଦାୟିତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଅନନ୍ତ ୨୦୨୦ ମାର୍ଚ୍ଚରେ ଜିଓ ପ୍ଲାଟଫର୍ମ ଲିମିଟେଡ, ୨୦୨୨ ମେ'ରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ ଏବଂ ୨୦୨୧ ଜୁନ୍‌ରେ ରିଲାଏନ୍ସ ନ୍ୟୁ ଏନର୍ଜି ଲିମିଟେଡ ସହିତ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜି ଲିମିଟେଡର ବୋର୍ଡ ସଦସ୍ୟ ଅଛନ୍ତି।

### ରେଳମନ୍ତ୍ରୀଙ୍କ ଅଗ୍ରଗତି ସମୀକ୍ଷା

## ଆଗୁଆ ଜାରି ହେବ ସଂରକ୍ଷିତ ଟିକଟ ତାଲିକା

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଟିକେଟ୍ ବୁକିଂକୁ ସହଜ କରିବା ପାଇଁ ରେଳବାଇ ପକ୍ଷରୁ ଏକାଧିକ ପଦକ୍ଷେପ ନେଉଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଏହି ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଟିକେଟ ସଂରକ୍ଷଣ ବ୍ୟବସ୍ଥାକୁ ସ୍ମାର୍ଟ, ସ୍ୱଚ୍ଛ, ସୁଗମ ଏବଂ ଦକ୍ଷ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରାରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଆଗୁଆ ଟିକେଟ୍ ଧାରୀ ଯାତ୍ରୀଙ୍କ ତାଲିକା ପ୍ରକାଶ କରାଯିବ। ସମ୍ପ୍ରତି ଟିକେଟ୍ ସଂରକ୍ଷଣ ତାଲିକା ଟ୍ରେନ ଯାତ୍ରା ଆରମ୍ଭ କରିବାର ଚାରି ଘଣ୍ଟା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହି ଅନିଶ୍ଚିତତାକୁ ଦୂର କରିବା ଲାଗି ଯାତ୍ରା ଆରମ୍ଭ କରିବାର ଆଠ ଘଣ୍ଟା ପୂର୍ବରୁ ସଂରକ୍ଷିତ ଟିକେଟ୍ ତାଲିକା ପ୍ରକାଶ କରାଯିବ। ରେଳମନ୍ତ୍ରୀ ଏହି ପ୍ରସ୍ତାବରେ ସହମତ ହୋଇଛନ୍ତି ଏବଂ କୌଣସି ବାଧା ନହେବା ପାଇଁ ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି।

- **ନୂଆ ପିଆରଏସ ବ୍ୟବସ୍ଥା ଲାଗୁ ହେବ**
- **ମିନିଟ୍‌କେ ହେବ ଦେଢ଼ ଲକ୍ଷ ଟିକେଟ ବୁକିଂ**

ରେଳମନ୍ତ୍ରୀ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାର ଉନ୍ନତିକରଣ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଗତ କିଛି ମାସ ଧରି ସିଆରଆଇଏସ ଦ୍ୱାରା କାର୍ଯ୍ୟକାରୀ ହେଉଛି। ନୂଆ କରି ଉନ୍ନତିକରଣ ହୋଇଥିବା ପିଆରଏସ ଡିଜାଇନ୍ ଦକ୍ଷ, ନମନୀୟ ଏବଂ ବର୍ତ୍ତମାନର ଚାହିଦା ଠାରୁ ଦଶ ଗୁଣ ପରିଚାଳନା କରିବା ପାଇଁ ସୁବିଧା ଯୋଗାଇ ଦେବ। ନୂତନ ପିଆରଏସ ପ୍ରତି ମିନିଟରେ ଦେଢ଼ ଲକ୍ଷରୁ ଅଧିକ ଟିକେଟ୍ ବୁକିଂକୁ ସକ୍ଷମ କରିବ। ଏବେ ପ୍ରତି ମିନିଟରେ ୩୨ ହଜାର ଟିକଟ ବୁକିଂ ହେଉଛି। ଟିକେଟ୍ ଅନୁସନ୍ଧାନ କ୍ଷମତା ଦଶ ଗୁଣ ବୃଦ୍ଧି ପାଇ ମିନିଟକୁ ୪ ଲକ୍ଷରୁ ୪୦ ଲକ୍ଷରେ ପହଞ୍ଚିବ। ନୂତନ ପିଆରଏସରେ, ଉପଭୋକ୍ତାମାନେ ସେମାନଙ୍କର ସିଟ୍ ପସନ୍ଦ ଦାଖଲ କରିପାରିବେ ଏବଂ ଯାତ୍ରୀ ଭଡ଼ା ତାଲିକା ଦେଖିପାରିବେ। ଏଥିରେ ଦିବ୍ୟାଙ୍ଗଜନ, ଛାତ୍ରଛାତ୍ରୀ, ରୋଗୀ ଇତ୍ୟାଦିଙ୍କ ପାଇଁ ସମନ୍ୱିତ ସୁବିଧା ମଧ୍ୟ ରହିଛି। ଜୁଲାଇ ୧ରୁ ଭାରତୀୟ ରେଳବାଇ କେବଳ ପ୍ରମାଣିତ ବ୍ୟବହାରକାରୀଙ୍କୁ ଆଇଆରସିଟିସି ୱେବସାଇଟ ଏବଂ ମୋବାଇଲ ଆପ୍ ଜରିଆରେ ତତ୍କାଳ ଟିକେଟ୍ ବୁକିଂର ଅନୁମତି ଦେବ। ଜୁଲାଇ ଶେଷ ଠାରୁ ତତ୍କାଳ ଟିକେଟ୍ ବୁକିଂ ପାଇଁ ଓଟିପି ଆଧାରିତ ପ୍ରମାଣୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

## ଟାଟା ଷ୍ଟିଲ୍‌କୁ ୧୦୦୭ କୋଟିର ଜିଏସ୍‌ଟି ନୋଟିସ୍

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଟାଟା ଷ୍ଟିଲ ଏକ ବଡ଼ ଟିକସ ବିବାଦରେ ଫସି ଯାଇଛି। ଇନପୁଟ ଟ୍ୟାକ୍ସ କ୍ରେଡିଟ (ଆଇଟିସି)ରେ ଅନିୟମିତତା ଲାଗି ଟିକସ ବିଭାଗ ଟାଟା ଷ୍ଟିଲକୁ ପ୍ରାୟ ୧୦୦୭ କୋଟି ଟଙ୍କାର ଜିଏସ୍‌ଟି ନୋଟିସ ପଠାଇଛି। ଟିକସ ଅଧିକାରୀଙ୍କ ସୂଚନା ଅନୁଯାୟୀ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଟାଟା ଷ୍ଟିଲ ବେଆଇନ ଭାବେ ନିୟମ ଉଲ୍ଲଙ୍ଘନ କରି ଆଇଟିସିର ଅନୁଚିତ ଲାଭ ଉଠାଇଛି। ୩୦ ଦିନ ଭିତରେ ଏହି ନୋଟିସର ଜବାବ ଦେବାକୁ ଟାଟା ଷ୍ଟିଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ୧୦୦୭.୫୪ କୋଟି ଟଙ୍କାର ଜିଏସ୍‌ଟି କାହିଁକି ଆଦାୟ କରାଯିବ ନାହିଁ ବୋଲି ପଚରା ଯାଇଛି। ଏହାକୁ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଆର୍ଥିକ ଏବଂ ଅପରେସନାଲ କାର୍ଯ୍ୟ ଉପରେ ନୋଟିସର କୌଣସି ପ୍ରଭାବ ପଡ଼ିବ ନାହିଁ। ଏହାର ଉଚିତ ଜବାବ ଦିଆଯିବ। ରବିବାର ଷ୍ଟକ୍ ଏକ୍ସଚେଞ୍ଜକୁ ଟାଟା ଷ୍ଟିଲ ପକ୍ଷରୁ କୁହାଯାଇଛି ଯେ ରାଞ୍ଚିର ସେଣ୍ଟ୍ରାଲ ଟ୍ୟାକ୍ସ କମିଶନ (ଅଡିଟ)ଙ୍କ କାର୍ଯ୍ୟାଳୟରୁ ଗତ ୨୭ ତାରିଖରେ ଏହି ନୋଟିସ ମିଳିଥିଲା। ସିଜିଏସ୍‌ଟି ୨୦୧୭, ଏସଜିଏସ୍‌ଟି-୨୦୧୭ର ଧାରା ୭୪ (୧) ସହିତ ଆଇଜିଏସ୍‌ଟି-୨୦୧୭ ଧାରା ୨୦ ଉଲ୍ଲଙ୍ଘନ କରି କମ୍ପାନୀ ଅନୁଚିତ ଲାଭ ଉଠାଇ ଥିଲା ବୋଲି କୁହାଯାଇଛି। ଜାମସେଦପୁର ସ୍ଥିତ ସେଣ୍ଟ୍ରାଲ ଜିଏସ୍‌ଟି ଏବଂ ସେଣ୍ଟ୍ରାଲ ଏକ୍ସାଇଜର ଅତିରିକ୍ତ ତଥା ଯୁଗ୍ମ କମିଶନରଙ୍କ ସାମ୍ନାରେ ୩୦ ଦିନ ଭିତରେ ଏହାର ଜବାବ ଦେବା ପାଇଁ କୁହାଯାଇଛି।

କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ସ୍ୱାଭାବିକ ବ୍ୟାବସାୟିକ ପ୍ରକ୍ରିୟା ଅଧିନରେ ପୂର୍ବରୁ ୫୧୪.୧୯ କୋଟି ଟଙ୍କାର ଜିଏସ୍‌ଟି ଜମା କରିଦିଆଯାଇଛି। ନୋଟିସରେ ପ୍ରସ୍ତାବିତ ଜିଏସଟି ପରିମାଣକୁ ମିଶାଇବା ପରେ ପ୍ରକୃତ ଜିଏସ୍‌ଟି ଦେଣନେଣ୍ ୪୯୩. ୩୫ କୋଟି ଟଙ୍କା ହେଉଛି। ବିନା କୌଣସି ଠୋସ୍ ଆଧାରରେ ଏହି ନୋଟିସ ଜାରି କରାଯାଇଛି। ନିର୍ଦ୍ଧାରିତ ସମୟରେ ଏହାର ଜବାବ ଦିଆଯିବ।

## ସିକିମ୍‌ରେ ଦେବାକୁ ପଡୁନି ଆୟକର

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଆୟ କର ରିଟର୍ଣ୍ଣ ଦାଖଲ କରିବାର ତାରିଖକୁ ଆୟକର ବିଭାଗ ବଢ଼ାଇ ସେପ୍ଟେମ୍ବର ୧୫ କରିଦେଇଛି। ଲୋକେ ନିଜ ଆୟର ତଥ୍ୟ ବିଭାଗକୁ ଦେଉଛନ୍ତି। କିନ୍ତୁ ଭାରତ ଏଭଳି ଏକ ରାଜ୍ୟ ଅଛି ଯେଉଁଠି ଲୋକେ ଏହି ଚିନ୍ତାରୁ ବହୁ ଦୂରରେ ରହିଛନ୍ତି। କାରଣ ଏହି ରାଜ୍ୟରେ ଆୟକର ହିଁ ନାହିଁ। ଅର୍ଥାତ୍ ଲୋକଙ୍କୁ ନିଜ ଆୟ ଉପରେ କୌଣସି କର ଦେବାକୁ ପଡୁନାହିଁ। କେବଳ ସିକିମରେ ଏହି ବ୍ୟବସ୍ଥା ରହିଛି। ସମ୍ବିଧାନର ଧାରା ୩୭୧ (ଏଫ) ଏବଂ ଆୟକର ନିୟମର ଧାରା ୧୦ (୨୬ଏଏଏ) ଅନୁଯାୟୀ ଏଠାକାର ମୂଳ ନିବାସୀଙ୍କୁ ଆୟକରରୁ ଆଶ୍ୱସ୍ତି ମିଳିଛି। ସିକିମ ୧୯୭୫ରେ ଭାରତରେ ସାମିଲ ହୋଇଥିଲା। ସେତେବେଳେ ଏହି ରାଜ୍ୟରେ ପ୍ରାଶାସନିକ ଏବଂ ଟିକସ ନିୟମ ଥିଲା। ଭାରତ ସରକାର ଏହି ନିୟମକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଏହାକୁ ସମ୍ବିଧାନରେ ଯୋଡ଼ା ଯାଇଥିଲା।

## ପୁରୀରେ ଭକ୍ତଙ୍କ ପାଇଁ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୬ (ସମିସ): ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ଉତ୍ତର କୋଣ ଓ ଗୁଣ୍ଡିଚା ମନ୍ଦିର ପାଖରେ ହାଇଟେକ୍ ହସ୍ପିଟାଲ ଭୁବନେଶ୍ୱର ତରଫରୁ ଅସ୍ଥାୟୀ ସୁପର ସ୍ପେସିଆଲିଟି ହସ୍ପିଟାଲ ଉଦଘାଟନ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ସୁନୀଲ ମହାନ୍ତି, ମନ୍ମଥ ରାଉତରାୟ , ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ, ଉତ୍ତରପାର୍ଶ୍ୱ ମଠ ମହନ୍ତ ଓ ରାଧାବଲ୍ଲଭ ମଠାଧିଶ ଯୋଗ ଦେଇଥିଲେ। ଏଭଳି ମହତ୍ କାର୍ଯ୍ୟ ପାଇଁ ପ୍ରତିଷ୍ଠାତା ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀଙ୍କୁ ସମସ୍ତେ ଅଶେଷ ଧନ୍ୟବାଦ ଓ ଆଶୀର୍ବାଦ କରିଛନ୍ତି। ଏଠାରେ ସମସ୍ତ ଚିକିତ୍ସା ଦେୟମୁକ୍ତ। ଅତ୍ୟନ୍ତ ଜରୁରୀ ଓ ଜଟିଳ ଚିକିତ୍ସା ଆବଶ୍ୟକ ହେଲେ ହାଇଟେକ୍ ହସ୍ପିଟାଲ ଭୁବନେଶ୍ୱରଠାରେ ଦେୟମୁକ୍ତ ଚିକିତ୍ସା କରାଯିବ। ପଚିଶ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ସମସ୍ତ ବିଭାଗର ବରିଷ୍ଠ ଚିକିତ୍ସକମାନେ ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି। ସଂଯୋଜକ ମନୋଜ କୁମାର ଦାସ, ଅଖିଳ ପାଣିଗ୍ରାହୀ ଓ ଉପ ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଅଛି।



## ୧ରୁ ପାନ୍ କାର୍ଡ ପାଇଁ ଆଧାର ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ସରକାର ପରମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ) ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ଜୁଲାଇ ୧ରୁ ପାନ କାର୍ଡ ଆବେଦନ ଲାଗି ଆଧାର କାର୍ଡକୁ ବାଧ୍ୟତାମୂଳକ କରିଦିଆଯାଇଛି। ଯଦି କାହା ପାଖରେ ଆଧାର କାର୍ଡ ନ ଥିବ ତେବେ ସେ ଆଉ ପାନ କାର୍ଡ ପ୍ରସ୍ତୁତ କରିପାରିବେ ନାହିଁ। ଏହି ପଦକ୍ଷେପ ଦ୍ୱାରା ଟିକସ ଚୋରି ଉପରେ ଲଗାମ ଲାଗିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଯେଉଁ ବ୍ୟକ୍ତିଙ୍କ ପାଖରେ ପାନ କାର୍ଡ ରହିଛି ତାଙ୍କୁ ଡିସେମ୍ବର ୩୧ ସୁଦ୍ଧା ନିଜ ପାନ କାର୍ଡ ସହ ଆଧାର ଲିଙ୍କ୍ କରାଇବାକୁ ହେବ। ଏପରି ନ କଲେ ୨୦୨୬ ଜାନୁଆରୀ ୧ରୁ ପାନ୍ କାର୍ଡ ନିଷ୍କ୍ରିୟ ହୋଇଯିବ। ୧୦ ଅଙ୍କ ବିଶିଷ୍ଟ ଏହି ପାନ୍ ନମ୍ବର ଆୟକର ବିଭାଗ ପକ୍ଷରୁ ଜାରି କରାଯାଇଥାଏ। ଆୟକର ରିଟର୍ଣ୍ଣ ଦାଖଲ, ବ୍ୟାଙ୍କ ଖାତା ଖୋଲିବା ଏବଂ ସେୟାର ବଜାରରେ ନିବେଶ ଆଦି କାର୍ଯ୍ୟ ପାଇଁ ପାନ୍ ଜରୁରୀ ହୋଇଥାଏ।

### ଦ୍ୱିତୀୟ ଟେଷ୍ଟ ଲାଗି ଭାରତର ନୂଆ ରଣନୀତି

# ଲଢ଼େଇ କରିବାକୁ କୁଲଦୀପ ପ୍ରସ୍ତୁତ

ଏଜ୍‌ବାଷ୍ଟନ୍,୨୯।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଜବାଷ୍ଟନରେ ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଏହି ମୁକାବିଲାକୁ ଜିତିବା ଲାଗି ଭାରତୀୟ ଦଳ ଜୋରଦାର ପ୍ରସ୍ତୁତି ଚଳାଇଛି। ଏଠାରେ ପହଞ୍ଚିବା ପରେ ପ୍ରଥମେ ଶୁକ୍ରବାର ଓ ଶନିବାର ଦୁଇଦିନ କଡ଼ା ଅଭ୍ୟାସ କରିବା ପରେ ଆଜି ରବିବାର ଖେଳାଳିମାନେ ବିଶ୍ରାମ ନେଇଛନ୍ତି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କିପରି ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେବେ, ଏହି ମ୍ୟାଚ୍ ଲାଗି ଦଳରେ କାହାକୁ ବାଦ୍ ଦିଆଯିବ, କାହାକୁ ସାମିଲ କରାଯିବ ତାହା ଉପରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏପରିକି ଯେ କୌଣସି ପରିସ୍ଥିତିରେ ଏହି ଟେଷ୍ଟ ଜିତି ସିରିଜ୍ ବରାବର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି। ଏଥିଲାଗି କି ଯୋଜନା କରୁଛି ସେ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। କିନ୍ତୁ ଏଠାରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ପ୍ରତିପକ୍ଷ ଦଳକୁ ଦୁଇଥର ଆଉଟ କରିବାକୁ ହେଲେ କିମ୍ବା ୨୦ଟି ୱିକେଟ ନେଲେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ଖେଳାଇବା ଜରୁରୀ ବୋଲି ଭାରତ ଛାଡ଼ିବା ପୂର୍ବରୁ କହିଥିଲେ ଅଧିନାୟକ ଶୁବମନ ଗିଲ୍। ଏହା ସହ ଆଉ ଜଣେ ବୋଲିଂ ଅଲରାଉଣ୍ଡର ମଧ୍ୟ ଖେଳିବା ଆବଶ୍ୟକ। ହେଡିଂଲେ ଟେଷ୍ଟ ହାରିଯିବା ପରେ ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ସମାନ କଥା ଦୋହରାଇଛନ୍ତି। ଟେଷ୍ଟରେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ସାମିଲ ନ କଲେ ଆମେ ପ୍ରତିପକ୍ଷ ଦଳର ୨୦ଟି ୱିକେଟ ନେଇ ପାରିବୁ ନାହିଁ। ଅଲରାଉଣ୍ଡର ଭୂମିକା ରବୀନ୍ଦ୍ର ଜାଡେଜା ତୁଲାଉଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟରେ ଭାରତ ଯେଉଁ ଚତୁର୍ଥ ସ୍ପେଶାଲିଷ୍ଟ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇଥିଲା ତାହା କାମ ଦେଲାନି। ଏହି ମ୍ୟାଚ୍‌ରେ ଭାରତ ୧୮୨.୪ ଓଭର ବୋଲିଂ କରିଥିଲା। କିନ୍ତୁ ଜଣେ ସ୍ପେଶାଲିଷ୍ଟ ବୋଲର ହୋଇଥିଲେ ମଧ୍ୟ ଠାକୁର ମାତ୍ର ୧୬ ଓଭର ବୋଲିଂ କରିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ସେ କେବେ ବି ପ୍ରତିପକ୍ଷ ବ୍ୟାଟରଙ୍କ ଲାଗି ବିପଦ ସୃଷ୍ଟି କରିବାରେ ସମର୍ଥ ହୋଇ ନ ଥିଲେ। ନିମ୍ନ ଭାଗରେ ଭଲ ବ୍ୟାଟିଂ କରୁଥିବାରୁ ତାଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ସେ ୨ଟି ଇନିଂସରେ ୧ ଓ ୪ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁଁ ତାଙ୍କୁ ଦ୍ୱିତୀୟ ଟେଷ୍ଟ ନୁହେଁ ବରଂ ସିରିଜ୍‌ରେ ଆଉ ଖେଳିବା ସୁଯୋଗ ମିଳିବା କଷ୍ଟକର।



ହେଡିଂଲେରେ ଭାରତୀୟ ବୋଲର ବିଫଳ ହେବାର ଅନ୍ୟତମ କାରଣ ହେଲା ଇଂଲଣ୍ଡ ପିଚ୍‌ରେ ପରିବର୍ତ୍ତନ। ଏବେ ଇଂଲଣ୍ଡର ଘରୋଇ କ୍ରିକେଟ ସିଜିନ ଶେଷ ହେବାକୁ ଯାଉଛି। ଯେଉଁ ପିଚ୍‌ରେ ଟେଷ୍ଟ ଖେଳାଯାଉଛି, ସେଥିରେ ବିଶେଷ ସୁଇଂ ହେଉନାହିଁ। ଅବଶ୍ୟ ଏଥିରୁ ଭାରତୀୟ ବ୍ୟାଟରମାନେ ଫାଇଦା ଉଠାଇଛନ୍ତି ଓ ଦୁଇଟି ବଡ଼ ପାଳି ୪୭୧ ଓ ୩୬୪ ରନ୍ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ଏତେ ରନ୍ କରି ମଧ୍ୟ ଭାରତ ଏହି ମ୍ୟାଚ୍ ହାରିଯାଇଥିଲା। ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଇଂଲଣ୍ଡର ହେଡ୍ କୋଚ୍ ଓ ବେନ୍ ଷ୍ଟୋକ୍ସ ଅଧିନାୟକ ହେବା ପରଠାରୁ ଇଂଲିଶ ପିଚ୍ ଆଉ ଏତେ ବୋଲରଙ୍କୁ ସୁହାଉ ନାହିଁ। ଏଣୁ ବାଜ୍‌ବଲ ଶୈଳୀରେ ଏମାନେ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ନୀତିରେ ସେମାନେ ହେଡିଂଲେ ଟେଷ୍ଟ ଜିତିବାରେ ସମର୍ଥ ହୋଇଥିଲେ।

ଇଂଲଣ୍ଡକୁ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବାରେ ଅଟକାଇବାକୁ ହେଲେ ଦଳରେ ଜଣେ ରିଷ୍ଟ ସ୍ପିନରଙ୍କ ଆବଶ୍ୟକତା ରହିଛି। ଏଥିଲାଗି କୁଲଦୀପ ଯାଦବ ପ୍ରସ୍ତୁତ ହୋଇ ରହିଛନ୍ତି। କିନ୍ତୁ ତାଙ୍କୁ ସୁଯୋଗ ମିଳିବ କି ନାହିଁ ତାହା ଗମ୍ଭୀର-ଗିଲ ଯୋଡି ନିଷ୍ପତ୍ତି ନେବେ। ୩୦ ବର୍ଷରେ ପଦାର୍ପଣ କରିଥିବା କୁଲଦୀପ ମାତ୍ର ୧୩ଟି ଟେଷ୍ଟ ଖେଳିଛନ୍ତି। ବାଜ୍‌ବଲକୁ ଟକ୍କର ଦେବାକୁ ହେଲେ କୁଲଦୀପଙ୍କ ଉପସ୍ଥିତି ନିହାତି ଜରୁରୀ। ଭାରତର ଏକ ନମ୍ବର ସ୍ପିନର ଭାବେ ରବୀନ୍ଦ୍ର ଜାଡେଜା ଖେଳିବେ। ପ୍ରଥମ ଟେଷ୍ଟରେ ତାଙ୍କୁ ଇଂଲଣ୍ଡ ବ୍ୟାଟରମାନେ ୩୯ ଥର ରିଭର୍ସ ସୁଇପ୍ ସଟ୍ ମାରିଥିଲେ। ଜଣେ ବୋଲରଙ୍କୁ ସୁଇପ୍ ସଟ୍ ମାରିବାରେ ଏହା ସର୍ବାଧିକ। ସେ ଜଣେ ବାମହାତୀ ସ୍ପିନର। କିନ୍ତୁ କୁଲଦୀପ ଜଣେ ରିଷ୍ଟ ସ୍ପିନର। ରିଷ୍ଟ ସ୍ପିନରଙ୍କୁ ସୁଇପ୍ ସଟ୍ ମାରିବା ଏତେଟା ସହଜ ହେବ ନାହିଁ। ଏଣୁ ୱିକେଟ ପ୍ରତି ୨୨.୧୬ ହାରରେ ରନ୍ ବ୍ୟୟ କରିଥିବା କୁଲଦୀପ ଏହି ମୁକାବିଲା ଲାଗି ପ୍ରସ୍ତୁତ ଅଛନ୍ତି। ତାଙ୍କୁ ସୁଯୋଗ ମିଳିଲେ ଗମ୍ଭୀର-ଗିଲଙ୍କ ଯୋଜନା ଯେ ସଫଳ ହେବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

### ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଭାରତ



ବ୍ୟାଙ୍କକ୍, ୨୯।୬ (ଏଜେନ୍ସି): ଏଏଫ୍‌ସି ମହିଳା ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଫୁଟ୍‌ବଲ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଥାଇଲାଣ୍ଡର ଚିଆଙ୍ଗ ମାଇ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୪-୦ ଗୋଲ୍‌ରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ତୈମର ଲିଷ୍ଟକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ମହିଳା ଦଳ ପକ୍ଷରୁ ମନୀଷା କଲ୍ୟାଣ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ କ୍ରମାଗତ ୨ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁଲାଇ ୨ରେ ଇରାକ ଓ ୫ରେ ଥାଇଲାଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ମଙ୍ଗୋଲିଆକୁ ହରାଇଥିଲା। ଏଥିରେ ଓଡ଼ିଆ ତାରକା ପ୍ୟାରୀ ଖାଖା ୫ଟି ଗୋଲ୍ ଦେଇଥିଲେ। ପ୍ରତି ଗ୍ରୁପ୍‌ର ବିଜେତା ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ କରିବ। ଭାରତୀୟ ମହିଳା ଫୁଟ୍‌ବଲ ଦଳ ୮ ଥର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଥିଲା। ସେଥିମଧ୍ୟରୁ ଶେଷଥର ଲାଗି ୨୦୨୩ରେ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଇଥିଲା।

## ଛକା ମାରିବା ପରେ ଚାଲିଗଲା ଜୀବନ

ଫିରୋଜପୁର, ୨୯।୬ (ଏଜେନ୍ସି): ପଞ୍ଜାବର ଫିରୋଜପୁର ଜିଲ୍ଲାରୁ ଏକ ଚକିତ କଲାଭଳି ଘଟଣା ସାମ୍ନାକୁ ଆସିଛି। ଛକା ମାରିବା ପରେ ପରେ ଜଣେ କ୍ରିକେଟର୍‌ଙ୍କ ପିଚ୍ ଉପରେ ହୃଦଘାତରେ ଜୀବନ ଚାଲିଯାଇଛି। ଏହି ହୃଦୟ ବିଦାରକ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ମୃତ୍ୟୁବରଣ କରିଥିବା କ୍ରିକେଟର୍‌ଙ୍କ ନାମ ହର୍‌ଜିତ୍ ସିଂହ ବୋଲି ଜଣାପଡ଼ିଛି। ଫିରୋଜପୁରର ଡିଏଭି ସ୍କୁଲ ପଡ଼ିଆରେ ଏହି ମ୍ୟାଚ୍ ଖେଳାଯାଉଥିଲା। ବ୍ୟାଟିଂ କରୁଥିବା ହର୍‌ଜିତ୍ ଏକ ବିଶାଳ ଛକା ମାରିବା ପରେ ଚାଲି ଚାଲି ଅପରପାର୍ଶ୍ୱରେ ଥିବା ବ୍ୟାଟର୍‌ଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ସେ ଥକ୍କା ଅନୁଭବ କରି ପିଚ୍ ମଝିରେ ବସି ପଡ଼ିଥିଲେ। ସାଥୀ ବ୍ୟାଟର୍ ମଧ୍ୟ ତାଙ୍କ ସହ ବାର୍ତ୍ତାଳାପ କରୁଥିବାବେଳେ ହରଜିତ୍ ହଠାତ୍ ଟଳି ପଡ଼ିଥିଲେ। ଏହାପରେ ଅନ୍ୟ ଖେଳାଳିମାନେ ତୁରନ୍ତ ତାଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ହର୍‌ଜିତ୍‌ଙ୍କ ଜୀବନ ରକ୍ଷା କରିବା ସମ୍ଭବପର ହୋଇପାରି ନ ଥିଲା। ପୂର୍ବରୁ ୨୦୨୪ରେ ପୁଣେରେ ଇମରାନ ପଟେଲ ନାମକ ଜଣେ ଖେଳାଳି ପଡ଼ିଆରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

### ● ଏବିଏସ୍ ସ୍ମାରକୀ ଓପନ ଚେସ୍

## ସୌମ୍ୟ ଜିତିଲେ ୮୩ତମ ଟାଇଟଲ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟର ପ୍ରଥମ ଚେସ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ନିଜ ପେସାଦାର ଖେଳ ଜୀବନର ୮୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ତୃତୀୟ ଅଟଳ ବିହାରୀ ସେନାପତି (ଏବିଏସ୍) ସ୍ମାରକୀ ରାଜ୍ୟ ଓପନ ଚେସରେ ସୌମ୍ୟ ଚାମ୍ପିଅନ ହେବା ସହ ଏହି ରେକର୍ଡ ସଫଳତା ହାସଲ କରିଛନ୍ତି। ଏହି ଟାଇଟଲ ଜିତିବା ଲାଗି ଭୁବନେଶ୍ୱରର ସଞ୍ଜୀବନ ନାୟକଙ୍କ ସହ ସୌମ୍ୟଙ୍କର କଡ଼ା ମୁକାବିଲା ହୋଇଥିଲା। ୫ ରାଉଣ୍ଡ ଖେଳ ଶେଷରେ ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସୌମ୍ୟ ବାଜି ମାରିନେଇଥିଲେ। ସେ ପ୍ରଥମରେ ରହିବା ସହ ଚାମ୍ପିଅନ ଓ ସଞ୍ଜୀବନ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଆଉ ୪ ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ଆଦିତ୍ୟ ଖାଡ଼ଙ୍ଗା ଓ କଟକର ରବୀନ୍ଦ୍ର କୁମାର ଓଝା ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସାଏସା ସାହୁ ଶ୍ରେଷ୍ଠ ବାଳିକା ଓ ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



### ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ

## ଦୃଢ଼ ସ୍ଥିତିରେ ଦକ୍ଷିଣ ଆଫ୍ରିକା

ବୁଲାୱାୟୋ, ୨୯।୬ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ସ୍କୋର ୪୧୮/୯ ରନ ଜବାବରେ ଜିମ୍ବାୱେ ୨୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜିମ୍ବାୱେ ପାଇଁ ଅଭିଜ୍ଞ ସିନ୍ ୱିଲିୟମ୍ସ ୬ଷ୍ଠ ଟେଷ୍ଟ ଶତକ ସହ ସର୍ବାଧିକ ୧୩୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମଲଡର୍ ୪ ଏବଂ ଅଧିନାୟକ କେଶବ ମହାରାଜ ଓ କୋଡି ୟୁସୁଫ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଫଳରେ ୧୬୭ ରନରେ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୯ ରନ କରିଛି। ଓପନର୍ ଟୋନି ଡି ଜୋର୍ଜି ୨୨ ଓ ୱିଆନ ମଲଡର୍ ୨୫ ରନରେ ଅପରାଜିତ ରହିଛନ୍ତି। ଦକ୍ଷିଣ ଆଫ୍ରିକା ମୋଟ୍ ଉପରେ ୨୧୬ ରନରେ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ପୂର୍ବରୁ ଜିମ୍ବାୱେ ପାଳିରେ ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରି ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କ୍ୱିନା ମଫାକାଙ୍କ ବଲ୍ ତାଙ୍କ ହେଲ୍‌ମେଟ୍‌ରେ ବାଜିଥିଲା। ସେ ବଳକା ମ୍ୟାଚରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କନ୍‌କଜନ ସବ୍‌ଷ୍ଟିଚ୍ୟୁଟ୍ (ଆଘାତ ପ୍ରତିବଦଳ) ଭାବେ ପ୍ରିନ୍ସ ମାସଭାଉରେ ଦଳରେ ସାମିଲ ହୋଇଛନ୍ତି।

**ମହାରାଜଙ୍କ ରେକର୍ଡ**

ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ କେଶବ ମହାରାଜ ଏହି ମ୍ୟାଚରେ ଏକ ରେକର୍ଡ କରିଛନ୍ତି। ପ୍ରଥମ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ମହାରାଜ ଟେଷ୍ଟରେ ୨୦୦ ୱିକେଟ୍ ସଫଳତା ପାଇଛନ୍ତି। ୩୪ତମ ଓଭରରେ ସେ ଜିମ୍ବାୱେର କାଏଲେ ଭେରେନେଙ୍କୁ ଷ୍ଟମ୍ପ୍ ଆଉଟ୍ କରି ଟେଷ୍ଟ କ୍ୟାରିୟରର ୨୦୦ତମ ୱିକେଟ୍ ପୂରଣ କରିଥିଲେ। ୫୯ତମ ଟେଷ୍ଟ ମ୍ୟାଚରୁ ସେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ହ୍ୟୁଗ୍ ଟୟଫିଲ୍ଡ ୧୭୦ ଟେଷ୍ଟ ୱିକେଟ୍ ନେଇଥିଲେ।

### ଓଡ଼ିଶାରୁ ସୁରେଶ ଉପସଭାପତି, ସନ୍ଦୀପ ସଦସ୍ୟ ନିର୍ବାଚିତ

## ସରଜୁ ଏସ୍‌ଜେଏଫ୍‌ଆଇର ସଭାପତି ଓ ରମେଶ ସମ୍ପାଦକ

ଭୁବନେଶ୍ୱର, ୨୯।୬ (ସମିସ): ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା ସରଜୁ ଚକ୍ରବର୍ତ୍ତୀ ନୂଆ ସଭାପତି ଓ ତେଲଙ୍ଗାନାର ଭି. ରମେଶ ସମ୍ପାଦକ ଭାବେ ଆସନ୍ତା ୨ ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୪ଟି ଉପସଭାପତି ପଦ ଲାଗି ହୋଇଥିବା ନିର୍ବାଚନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ରେକର୍ଡ ୧୨ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ନରେଶ ଶେଲକେ, ସାବି ହୁସେନ ଓ ଏସ୍ ଦୀପକ ରାଘବ ଅନ୍ୟ ୩ ଜଣ ଉପସଭାପତି ହୋଇଛନ୍ତି। ସମ୍ପାଦକ ରମେଶ, ଯୁଗ୍ମ ସମ୍ପାଦକ ଆସାମର ପାର୍ଥ ଚକ୍ରବର୍ତ୍ତୀ ଓ କୋଷାଧ୍ୟକ୍ଷ ମୁମ୍ବାଇର ସଞ୍ଜୟ ଘରପୁରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୭ ଜଣିଆ କାର୍ଯ୍ୟକାରୀ କମିଟିକୁ ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।




### ଖୋର୍ଦ୍ଧା ଜିଲ୍ଲା ଚେସ୍ ଉଦ୍‌ଯାପିତ

## ନୟନିକା, ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୨୯।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ ପରିସରରେ ୧୩ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ନୟନିକା ସାହୁ ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ତ୍ରିପାଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଇଶାନୀ ଦାସ, ଆର୍ଣ୍ଣିକା ଦାଶ, ଅନିଷା ଆଚାର୍ଯ୍ୟ ଓ ମୌକ୍ତିକା ନାୟକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଓପନ ବା ବାଳିକା ବିଭାଗରେ ବିନୀତ ନାୟକ, ମନୀଷ ମିଶ୍ର, ସିଦ୍ଧାର୍ଥ ମଲ୍ଲିକ ଓ ସୂର୍ଯ୍ୟାଂଶୁ ମହାକୁଡ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଖେଳ ଶେଷରେ ଏପିଜେ ସ୍କୁଲ୍‌ର ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ସଦସ୍ୟ ସ୍ୱଂଶୁ ସତ୍ୟକାମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୯ ବର୍ଷରୁକମ୍ ଜାତୀୟ ଚାମ୍ପିଅନ ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




### ହକିରେ ଲଜ୍ଜା

## ପ୍ରୋ ଲିଗ୍‌ରୁ ବାଦ୍ ପଡ଼ିଲେ ଭାରତୀୟ ମହିଳା



ବର୍ଲିନ, ୨୯।୬ (ଏଜେନ୍ସି): ହକିରୁ ଲଜ୍ଜାଜନକ ଖବର ଆସିଛି। ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣ ଅର୍ଥାତ୍ ୨୦୨୫-୨୬ ସିଜନରୁ ଭାରତ ବାଦ୍ ପଡ଼ିଛି। ଚଳିତ ସିଜନ (୨୦୨୪-୨୫)ର ଶେଷ ମ୍ୟାଚରେ ରବିବାର ଚାଇନା ନିକଟରୁ ୩-୨ ଗୋଲରେ ହାରିବା ସହ ଭାରତୀୟ ମହିଳା ହକି ଦଳ ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏଥିସହ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆସନ୍ତା ସିଜନରେ ମଧ୍ୟ ଖେଳିବାରୁ ବଞ୍ଚିତ ହୋଇଛି। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୬ ମ୍ୟାଚ୍ ଖେଳି ମାତ୍ର ୨ ବିଜୟ, ୩ ଡ୍ର ଓ ୧୧ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପଏଣ୍ଟ ଟେବଲ୍‌ର ସବାଶେଷ ସ୍ଥାନରେ ରହିଥିବାରୁ ଭାରତ ଅବନତିର ସମ୍ମୁଖୀନ ହୋଇ ସ୍ୱୟଂଚାଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସିଜନରୁ ବାଦ୍ ପଡ଼ିଛି। ଫଳରେ ଆସନ୍ତା ହକି ସିଜନରେ ଭାରତ ନେସନ୍ସ କପ୍ ଖେଳିବ। ଏଥିରେ ଯଦି ଭାରତୀୟ ମହିଳା ହକି ଦଳ ଚାମ୍ପିଅନ ହୁଏ ତେବେ ୨୦୨୬-୨୭ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

୨୦୨୧-୨୨ ସିଜନରେ ଭାରତୀୟ ମହିଳା ହକି ଦଳ ପ୍ରୋ-ଲିଗ୍‌ରେ ପଦାର୍ପଣ କରିଥିଲା। ସେହି ସିଜନରେ କରୋନା ଲାଗି ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଓହରିଯିବାରୁ ଭାରତକୁ ଖେଳିବାର ସୁଯୋଗ ମିଳିଥିଲା। ତେବେ ୨୦୨୨ ଡିସେମ୍ବରରେ ସ୍ପେନରେ ଅନୁଷ୍ଠିତ ନେସନ୍ସ କପ୍‌ରେ ଚାମ୍ପିଅନ ହେବାପରେ ଭାରତ ଅଫିସିଆଲ୍ ଭାବେ ୨୦୨୩-୨୪ ସିଜନ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସେହି ସିଜନରେ ଭାରତ ୮ମ ସ୍ଥାନରେ ରହିଥିଲା। ତେବେ ୨୦୨୪-୨୫ ସିଜନ ଭାରତ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ସାଲିମାଙ୍କ ନେତୃତ୍ୱରେ ଓ ହରେନ୍ଦ୍ର ସିଂହଙ୍କ ପ୍ରଶିକ୍ଷଣରେ ଭାରତ ୧୫ ମ୍ୟାଚ୍ ଖେଳି ମାତ୍ର ୨ଟି ବିଜୟ ଓ କ୍ରମାଗତ ୧୦ ପରାଜୟବରଣ କରିଥିଲା। ସେପ୍ଟେମ୍ବର ୫ରୁ ହାଙ୍ଗଝୋଉରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରୋ ଲିଗ୍‌ରେ ଅବନତିର ସମ୍ମୁଖୀନ ହେବା ଭାରତର ପ୍ରସ୍ତୁତି ପାଇଁ ଝଟ୍‌କା ସଦୃଶ ହୋଇଛି।

### ଆଜିଠୁ ୱିମ୍ବଲଡନ୍

## ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ଆଲ୍‌କାରାଜ୍

ଲଣ୍ଡନ, ୨୯।୬ (ଏଜେନ୍ସି)

ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଆରମ୍ଭ ହେବାକୁ ଯାଉଛି। ଗ୍ରାସ କୋର୍ଟରେ ଖେଳାଯାଉଥିବା ବିଶ୍ୱର ଏହି ଅନ୍ୟତମ ଶ୍ରେଷ୍ଠ ଓ ସମ୍ମାନଜନକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଏହା ହେବ ୧୩୮ତମ ସଂସ୍କରଣ। ୱିମ୍ବଲଡନର ୧୪୭ ବର୍ଷ ଇତିହାସରେ ପ୍ରଥମଥର ଲାଗି ଲାଇନ୍ ଜଜ୍‌ଙ୍କ ବିନା ମ୍ୟାଚ୍ ଖେଳାଯିବ। ୪୫୦ରୁ ଊର୍ଦ୍ଧ୍ୱ ଟ୍ରାକିଂ କ୍ୟାମେରା ଦ୍ୱାରା ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଇଲେକଟ୍ରୋନିକ ଲାଇନ୍ କଲିଂ ସିଷ୍ଟମ ଦ୍ୱାରା ମ୍ୟାଚ୍ ପରିଚାଳିତ ହେବ। ଫଳରେ ୱିମ୍ବଲଡନରେ ପ୍ରଥମଥର ଲାଗି ନେଭି ବ୍ଲେଜର ପରିଧାନ ଲାଇନ୍ ଜଜ୍‌ଙ୍କୁ ଦେଖିବାକୁ ମିଳିବ ନାହିଁ। ସେହିଭଳି ଏଥର ୱିମ୍ବଲଡନ ଇତିହାସରେ ଆଉ ଏକ ନୂଆ ଘଟଣା ଦେଖିବାକୁ ମିଳିବ। ମହିଳା ଓ ପୁରୁଷ ସିଙ୍ଗଲ୍ସ ଫାଇନାଲ ଯଥାକ୍ରମେ ପ୍ରତିଥର ଭଳି ଜୁଲାଇ ଦ୍ୱିତୀୟ ଶନିବାର ଓ ରବିବାର ଖେଳାଯିବ। କିନ୍ତୁ ଏହା ଅପରାହ୍ନ ୨ଟା ପରିବର୍ତ୍ତେ ୪ଟାରୁ ଆରମ୍ଭ ହେବ। ଉତ୍ତର ଓ ଦକ୍ଷିଣ ଆମେରିକୀୟ ଦର୍ଶକଙ୍କୁ ନଜରରେ ରଖି ଫାଇନାଲ ଆରମ୍ଭର ସମୟସୂଚୀକୁ ପରିବର୍ତ୍ତନ କରାଯାଇଛି। ପୁରୁଷ ସିଙ୍ଗଲ୍ସରେ ଏଥର ଚାମ୍ପିଅନ ହୋଇ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ୍ ହ୍ୟାଟ୍ରିକ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏଟିପି ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ୍ ୨୦୨୩ ଓ ୨୦୨୪ରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଯଦି ଆଲ୍‌କାରାଜ୍ ଏଥର ଚାମ୍ପିଅନ ହୁଅନ୍ତି ତେବେ ରୋଜର୍ ଫେଡ଼୍‌ରରଙ୍କ ପରେ ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ଅଲଇଂଲଣ୍ଡନ ଲନ୍ ଟେନିସ କ୍ଲବରେ ହ୍ୟାଟ୍ରିକ ଟାଇଟଲ୍ ଜିତି ରେକର୍ଡ କରିବେ। ମହିଳା ବିଭାଗରେ ଚେକ୍ ଗଣରାଜ୍ୟର ବାର୍‌ବୋରା କେଜ୍ରିକୋଭା ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି।



**ପ୍ରଥମଥର ଲାଗି ଲାଇନ୍ ଜଜ୍ ବିନା ହେବ ଖେଳ**



### ରେକର୍ଡ ୪୫୭ କୋଟି ପୁରସ୍କାର ରାଶି

ଏଥର ୱିମ୍ବଲଡନରେ ରେକର୍ଡ ମୋଟ୍ ୫୩.୫୫ ମିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୪୫୭ କୋଟି ୭୭ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୭ ପ୍ରତିଶତ ବୃଦ୍ଧି କରାଯାଇଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗରେ ଚାମ୍ପିଅନ ଖେଳାଳି ଏଥର ୨୫ କୋଟି ୬୪ ଲକ୍ଷ ଟଙ୍କା ଅର୍ଥରାଶି ଘରକୁ ନେଇକି ଯିବେ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳି ୧୩ କୋଟି, ସେମିଫାଇନାଲରେ ପରାଜିତଙ୍କୁ ୬ କୋଟି ୬୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS